R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୪୩
ତିଥି : ଅଷ୍ଟମୀ
୧୭ ନଭେମ୍ବର ୨୦୨୬, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXXI, No. 43
17 November 2026, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

ବିଧାନସଭା ସଦସ୍ୟଙ୍କ ଲାଗି ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ

ଗୃହର କାର୍ଯ୍ୟଧାରା ଉପରେ ବିଧାୟକଙ୍କ ଜ୍ଞାନ ରହିବା ଆବଶ୍ୟକ : ଉପରାଷ୍ଟ୍ରପତି

ଭୁବନେଶ୍ୱର, ୧୬ ।୧୧ (ସବୁ୍ୟ) : ଆଜି ସପ୍ତଦଶ ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କ ନିମନ୍ତେ ଏକ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ

ରାଜ୍ୟ ସ୍ୱାର୍ଥ ଲାଗି ଦଳମତ ନିର୍ବିଶେଷରେ ଏକାଠି କାର୍ଯ୍ୟ କର : ମୁଖ୍ୟମନ୍ତ୍ରୀ

ଦିଗ୍‌ଦର୍ଶନ କାର୍ଯ୍ୟକ୍ରମକୁ ଗଲେନି କଂଗ୍ରେସ, ବିଜେଡ଼ି ବିଧାୟକ

ଅନୁଷ୍ଠିତ ହୋଇଯାଇଛି। ଭାରତର ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ



ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକମାନଙ୍କୁ ବିଧାନସଭାର କାର୍ଯ୍ୟଧାରା, ନିୟମାବଳୀ ଓ ବିଧାନ ପ୍ରକ୍ରିୟା ବିଷୟରେ ଦିଗ୍‌ଦର୍ଶନ ଦେଇଛନ୍ତି। ତେବେ ଏହି କାର୍ଯ୍ୟକ୍ରମକୁ ବିରୋଧୀ ବିଜେଡି ଓ କଂଗ୍ରେସ ବିଧାୟକମାନେ ଯାଇନାହାନ୍ତି।

ଏହି ଅବସରରେ ଉପ ରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ କହିଥିଲେ ଯେ, ଓଡ଼ିଶାର ପ୍ରଗତି ହିଁ ଦେଶର ପ୍ରଗତି। ସୁସ୍ଥ ଓ ଗଠନମୂଳକ ବିତର୍କ ଗଣତନ୍ତ୍ରକୁ ଅଧିକ ସୁଦୃଢ଼ କରିଥାଏ। ବିଧାନସଭାର ସଦସ୍ୟମାନଙ୍କ ପାଇଁ ଆୟୋଜିତ ଆଜିର କାର୍ଯ୍ୟକ୍ରମ ଏ ଦିଗରେ ବେଶ୍ ସହାୟକ ହେବ । ରାଜ୍ୟସଭାକୁ ଯିବା ପୂର୍ବରୁ ସେ ମଧ୍ୟ ସଂସଦୀୟ ନିୟମ ଓ ପ୍ରକ୍ରିୟା ସମ୍ପର୍କରେ ଅବଗତ ହୋଇଥିଲେ। ସେହିପରି ବିଧାନସଭାର କାର୍ଯ୍ୟଧାରା, ନିୟମାବଳୀ ଓ ବିଧାନ ପ୍ରକ୍ରିୟା ବିଷୟରେ ପ୍ରତ୍ୟେକ ବିଧାୟକଙ୍କ ସ୍ପଷ୍ଟ ଜ୍ଞାନ ରହିବା ଆବଶ୍ୟକ ବୋଲି ସେ କହିଥିଲେ।

ବର୍ତ୍ତମାନର ଡିଜିଟାଲ ଯୁଗରେ ବିଧାୟକମାନେ ନିଜର ଅଭିଜ୍ଞତା ସହିତ ନୂତନ ଜ୍ଞାନକୌଶଳକୁ ଆପଣାଇବା ଉଚିତ ବୋଲି ମତ ଦେଇ ଉପରାଷ୍ଟ୍ରପତି କହିଥିଲେ ବିଧାୟକମାନଙ୍କୁ ବିଶେଷ ଭାବେ ଏଆଇ ସମ୍ପର୍କରେ ଜ୍ଞାନ ଆହରଣ କରିବା ଆବଶ୍ୟକ। (୯ ପୃଷ୍ଠାରେ)

ନେଲୋର-ଚୁନି ମଧ୍ୟରେ ମାଡ଼ ହେବ ଅକୱାନ



ଭୁବନେଶ୍ୱର, ୧୬ ।୧୧ (ସବୁ୍ୟ): ଚଳିତ ବର୍ଷ ବଙ୍ଗୋପସାଗରରେ ତୃତୀୟ ବାତ୍ୟା ସୃଷ୍ଟି ହୋଇଛି । ଦକ୍ଷିଣ ବଙ୍ଗୋପସାଗର ମଧ୍ୟଭାଗ ପାଶ୍ୱର୍ବର୍ତ୍ତୀ

୧୪୫ କିମି ବେଗରେ ସ୍ଥଳଭାଗ ଛୁଇଁବ

୨୦ରେ ଅତିଭୀଷଣ ବାତ୍ୟା ରୂପ ନେଇ ପ୍ରବେଶ

ଓଡ଼ିଶା ଉପରେ ପ୍ରଭାବ କମିବାର ସମ୍ଭାବନା

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହେଲା ବାତ୍ୟା ଅକୱାନ । ଏହା ଆହୁରି ଶକ୍ତିଶାଳୀ ହୋଇ ଭୀଷଣ ବାତ୍ୟା ରୂପ ନେଉଛି । ଆସନ୍ତାକାଲି (ମଙ୍ଗଳବାର) ଭୀଷଣ ବାତ୍ୟା ଓ ପରେ ଅତି ଭୀଷଣ ବାତ୍ୟା ରୂପ ନେଇ ସ୍ଥଳଭାଗ ଆଡକୁ ମାଡି ଆସୁଛି। ୨୦ ତାରିଖ ମଧ୍ୟାହ୍ନରେ ୧୪୫ କିମି ବେଗରେ ନେଲୋରରୁ ଚୁନି ଉପକୂଳ ମଧ୍ୟରେ ଏହା ଅତି ଭୀଷଣ ବାତ୍ୟା ରୂପ ନେଇ ସ୍ଥଳଭାଗ ଛୁଇଁବ। ତେବେ ଏହାର ପ୍ରଭାବ ଓଡ଼ିଶା ଉପରେ କମ ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ।

ପାଣିପାଗ ବିଭାଗ କହିବା ଅନୁସାରେ, ସନ୍ଧ୍ୟାରେ ବାତ୍ୟା ଅକୱାନ ଘଣ୍ଟାପ୍ରତି ୧୦ କିମି ବେଗରେ ଆଗକୁ ବଢୁଥିବା ବେଳେ ବିଶାଖାପଟ୍ଟନମ ଠାରୁ ୬୭୦ କିମି ଓ ଗୋପାଳପୁର ଠାରୁ ଦକ୍ଷିଣରେ ୭୯୦ କିମି ଦୂରରେ କେନ୍ଦ୍ରୀଭୂତ ରହିଛି । ଆସନ୍ତାକାଲି ଅର୍ଥାତ୍ ୧୭ ତାରିଖ ସନ୍ଧ୍ୟା ସୁଦ୍ଧା (୯ ପୃଷ୍ଠାରେ)

ବାତ୍ୟା ମୁକାବିଲା ଲାଗି ସରକାର ପ୍ରସ୍ତୁତ

ଭୁବନେଶ୍ୱର, ୧୬ ।୧୧ (ସବୁ୍ୟ): ବଙ୍ଗୋପସାଗରରେ ବାତ୍ୟାର ରୂପ ନେଇଛି । ଏହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବର୍ଷା ଓ ପବନର

ସମନ୍ୱିତ, ସତର୍କତାମୂଳକ ପଦକ୍ଷେପ ଉପରେ ଗୁରୁତ୍ୱ

ଆଜି ସୁଦ୍ଧା ଆଶ୍ରୟସ୍ଥଳୀ ଓ ଅନ୍ୟାନ୍ୟ ବ୍ୟବସ୍ଥା ସୁନିଶ୍ଚିତ ଲାଗି ନିର୍ଦ୍ଦେଶ

ଭୂସ୍ଖଳନ ନିମନ୍ତେ ସ୍ୱତନ୍ତ୍ର ପ୍ରସ୍ତୁତି, ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର



ଆଶଙ୍କା ଥିବା ପରିପ୍ରେକ୍ଷୀରେ ରାଜ୍ୟର ବିପର୍ଯ୍ୟୟ ପ୍ରସ୍ତୁତି ଓ ମୁକାବିଲା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ଜନସାଧାରଣଙ୍କ ସୁରକ୍ଷା ଓ ଜୀବନ ରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମସ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନ ପରସ୍ପର ମଧ୍ୟରେ ସମନ୍ୱୟ ରଖି ବାତ୍ୟାର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ସଜାଗ ଓ ପ୍ରସ୍ତୁତ ରହିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।

ସୋମବାର ଭୁବନେଶ୍ୱରସ୍ଥିତ ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ରର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଓ ସମ୍ପୃକ୍ତ କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ଭାରତ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ଜାରି ପାଣିପାଗ ସୂଚନା ଓ ବାତ୍ୟାର ସମ୍ଭାବ୍ୟ ଗତିପଥ ସମ୍ପର୍କରେ ଆଲୋଚନା କରାଯିବା ସହ ରାଜ୍ୟରେ ଆଗୁଆ ପ୍ରସ୍ତୁତି, ଜନସୁରକ୍ଷା, (୯ ପୃଷ୍ଠାରେ)

ସରଗରମ ହେବ ଶୀତ ଅଧିବେଶନ

ଭୁବନେଶ୍ୱର, ୧୬ ।୧୧ (ସବୁ୍ୟ) : ଦିନକ ପରେ ବିଧାନସଭାରେ ଶୀତ ଅଧିବେସନ ଆରମ୍ଭ ହେବ। ୧୮ ତାରିଖରେ ଆରମ୍ଭ ହେବାକୁ ଥିବା ଏହି ଅଧିବେସନ ଡିସେମ୍ବର ୩୧ ଯାଏ ଚାଲିବ। ପ୍ରଥମ ଦିନରେ ଅର୍ଥାତ୍ ୧୮ ତାରିଖରେ ସରକାର ୨୦୨୬

- ୧୮ରୁ ଆରମ୍ଭ, ଡିସେମ୍ବର ୩୧ରେ ଶେଷ
- ପ୍ରଥମ ଦିନରେ ଅତିରିକ୍ତ ବଜେଟ୍
- ୩୦ ତାରିଖରେ ବ୍ୟୟ ମଞ୍ଜୁରୀ ବିଲ୍
- ବିରୋଧୀଙ୍କ ହାତରେ ରହିଛି ଅନେକ ପ୍ରସଙ୍ଗ
- ସବୁ ପ୍ରସଙ୍ଗର ଉତ୍ତର ଦେବାକୁ ସରକାର ପ୍ରସ୍ତୁତ



-୨୬ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ୍ ଆଗତ କରିବେ। ୩୦ ତାରିଖରେ ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍ ଆଗତ କରାଯିବ। ତେବେ ଚଳିତ ଅଧୀବେସନ ବେଶ୍ ସରଗରମ୍ ହେବ ବୋଲି ସୂଚନା ମିଳିଛି ।

ଲମ୍ବା ଅଧିବେସନରେ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିବା ପାଇଁ ବିରୋଧୀ ଦଳ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଅପରପକ୍ଷରେ ବିରୋଧୀରେ ସବୁ ପ୍ରସଙ୍ଗର ଉତ୍ତର ଦେବା ଲାଗି ସରକାର ପ୍ରସ୍ତୁତ ଥିବା କୁହାଯାଉଛି। ଇତି ମଧ୍ୟରେ ଲଗାତାର ଦୁଇଟି ବାତ୍ୟା ଓ ବାତ୍ୟାଜନିତ ବର୍ଷାରେ ଦକ୍ଷିଣ ଓଡିଶାରେ ଅନେକ ଜିଲ୍ଲା କ୍ଷୟକ୍ଷତି ହୋଇଛି। ଏହାକୁ ବିରୋଧୀ ପ୍ରସଙ୍ଗ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଆସନ୍ତାକାଲି ବିଜେପି, ବିଜେଡି ଓ କଂଗ୍ରେସ ବିଧାୟକ ଦଳର ବୈଠକ ଅନୁଷ୍ଠିତ ହେବ। ଆସନ୍ତାକାଲି ମଧ୍ୟ ସର୍ବଦଳୀୟ ବୈଠକ ବସିବ। ବିଧାନସଭାକୁ ସୁରୁଖୁରୁରେ ଚଲାଇବା ପାଇଁ ବାଚସ୍ପତି ସମସ୍ତଙ୍କୁ ଅନୁରୋଧ କରିବେ। ତେବେ (୯ ପୃଷ୍ଠାରେ)

୪ ଦିନ ପରେ କୂଅରୁ ମିଳିଲା ନିଖୋଜ ପୁଅର ମୃତଦେହ

ଭଦ୍ରକ, ୧୬ ।୧୧ (ସବୁ୍ୟ): ଘର ପଛପଟ କୂଅ ଭିତରୁ ମିଳିଛି ନିଖୋଜ ପୁଅର ମୃତଦେହ । ଯେଉଁ ପୁଅକୁ ୪ ଦିନ ହେଲା ବାପା ମା'ଙ୍କ ଠାରୁ ଆରମ୍ଭ କରି ପରିବାର ଲୋକ ଖୋଜୁଥିଲେ। ଶେଷରେ ତାଙ୍କର ମୃତଦେହ କୂଅ ଭିତରୁ ଠାବ ହେବା ସମସ୍ତଙ୍କୁ ସ୍ତବ୍ଧ କରି ଦେଇଛି । ମୃତକ ହେଉଛନ୍ତି ସୁବାସ ସାହୁଙ୍କ ପୁଅ ପବିତ୍ର ସାହୁ । ବାପା ମା' ଗେହ୍ଲାରେ କାଳିଆ ବୋଲି ଡାକନ୍ତି । ଯୁକ୍ତ ୩ରେ ପଢୁଥିବା ବିଲା ପୁଅ ୪ ଦିନ ହେଲା ନିଖୋଜ ଥିବାରୁ ତାଙ୍କୁ ଚାରିଆ ଖୋଜା ଖୋଜି ଚାଲିଥିଲା । ହେଲେ ପୁଅ ବାରିପଟ କୂଅରେ ପଡିଥିବା କାହାକୁ ଜଣା ନଥିଲା । ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅଧୀନ ମହୁଲିଆ ପଞ୍ଚାୟତ ନିଷ୍ଟନ୍ତା ଜେନା ସାହିରେ ଏମିତି ଏକ ହୃଦୟ ବିଦାରକ ଘଟଣା ଘଟିଛି । ୧୨ ତାରିଖ ଗୁରୁବାର ଦିନ କାଳିଆ ଓ ବାପା ସୁବାସ ଚାନ୍ଦିବାଲୀ କାଳୀପୂଜା ଦେଖିବାକୁ ଯାଇଥିଲେ । ବୁଲାବୁଲି ପରେ ହସଖୁସିରେ ଉଭୟ ଘରକୁ ଫେରିଥିଲେ। ଖାଇ ପିଇ ସମସ୍ତେ ଶୋଇ ପଡିଥିଲେ । କିନ୍ତୁ ରାତି ପ୍ରାୟ ୧୨ଟା ବେଳେ ହଠାତି ଘରୁ କୁଆଡ଼େ ଚାଲିଯାଇଥିଲେ କାଳିଆ । ପରିବାର ଲୋକେ ତାଙ୍କୁ ଚାରିଆଡ଼େ ଖୋଜିବା ପରେ ବି କିଛି ଲାଭ ମିଳି ନଥିଲା । (୯ ପୃଷ୍ଠାରେ)

ଏନ୍‌କାଉଣ୍ଟରରେ ଲସ୍କର ଆତଙ୍କବାଦୀ ନିହତ

ନୂଆଦିଲ୍ଲୀ, ୧୬ ।୧୧ : ଜମ୍ମୁ-କାଶ୍ମୀରର କୁଲଗାମ ଜିଲ୍ଲାରେ ସୁରକ୍ଷାବାହିନୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଚାଲିଥିବା ଏନ୍‌କାଉଣ୍ଟରରେ ଲସ୍କର-ଏ-ତୋଇବାର ଜଣେ ଆତଙ୍କବାଦୀ ନିହତ ହୋଇଛି। ଅନ୍ୟ ଜଣେ ଆତଙ୍କବାଦୀକୁ ସୁରକ୍ଷାବାହିନୀ ଘେରି ରଖିଥିବାବେଳେ ତାକୁ ଧରିବା ପାଇଁ ଅଭିଯାନ ଜାରି ରହିଛି। ଗତ ସପ୍ତାହରେ ଏହି ଜିଲ୍ଲାରେ ଆତଙ୍କବାଦୀଙ୍କ ଆକ୍ରମଣରେ ତିନିଜଣ ସିଆରପିଏଫ୍ ଯବାନ ଆହତ ହୋଇଥିଲେ। ଜଣେ ବରିଷ୍ଠ ପୁଲିସ ଅଧିକାରୀ ଆଜି ଏହି ସୂଚନା ଦେଇଛନ୍ତି।



ପୁଲିସ ପକ୍ଷରୁ କୁହାଯାଇଛି ଯେ, ସେନା ଓ ଅନ୍ୟ ସୁରକ୍ଷାବାହିନୀର ସହଯୋଗରେ ସମ୍ପୃକ୍ତ ଅଞ୍ଚଳକୁ ସମ୍ପୂର୍ଣ୍ଣ ଘେରାବନ୍ଦୀ କରାଯାଇଛି। ଏନ୍‌କାଉଣ୍ଟରରେ ସେନାର ନିକଟସ୍ଥ ୟୁନିଟ୍‌ଗୁଡ଼ିକ ସହ ଜମ୍ମୁ-କାଶ୍ମୀର ପୁଲିସର ଏଲିଟ୍ ସ୍ୱେଶାଲ ଅପରେସନ୍ ଗ୍ରୁପ୍ (ଏସ୍‌ଓଜି) ସାମିଲ (୯ ପୃଷ୍ଠାରେ)

କାର୍‌ରେ ଜିଅନ୍ତା ଜାଳି ହତ୍ୟା

ଭୁବନେଶ୍ୱର, ୧୬ ।୧୧ (ସବୁ୍ୟ) : ସ୍ତ୍ରୀଙ୍କୁ ଆଣିବାକୁ ଯାଉଥିବାବେଳେ ବାଟରେ ଘଟିଲା ଅଭାବନୀୟ ଘଟଣା। କିଛି ଦୁର୍ବୃତ୍ତ ତାଙ୍କୁ କାର ଭିତରେ ପୋଡ଼ି ଦେଇଥିବା ନେଇ ଅଭିଯୋଗ ହୋଇଛି। ତେବେ ଏହି ଘଟଣାକୁ ନେଇ ହତ୍ୟା କରାଯାଇଥିବା ସନ୍ଦେହ ଉପୁଜୁଛି। ମୃତ ବ୍ୟକ୍ତି ଜଣକ ହେଉଛନ୍ତି ଦାନ୍ତଲିଙ୍ଗା ଗ୍ରାମର ଗଙ୍ଗା ନାୟକ। ସେ ସୋରଡାରେ ଜନସେବା କେନ୍ଦ୍ର କରିଥିଲେ। ଟଙ୍କା ଲୁଟ୍ ଉଦ୍ଦେଶ୍ୟରେ ଏଭଳି ହତ୍ୟାକାଣ୍ଡ ହୋଇଥିବା ଚର୍ଚ୍ଚା ହେଉଛି।

କନ୍ଧମାଳ ଜିଲ୍ଲା ରାଇକିଆ ଥାନା କରଡ଼ା ପଞ୍ଚାୟତ ସୁନାପାଲି ଗାଁ ନିକଟ ମୁଖ୍ୟ ରାସ୍ତା କଡ଼ରେ ଘଟିଛି ଏଭଳି ଘଟଣା। ମୃତ ବ୍ୟକ୍ତି ଜଣଙ୍କ ହେଲେ ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ଦାନ୍ତଲିଙ୍ଗା ଗାଁର ଗଙ୍ଗା ନାୟକ । ରବିବାର ରାତିରେ ସେ ନିଜ କାର ଯୋଗେ କରଡ଼ା ପଞ୍ଚାୟତ ମହୁଲପାଲି ସ୍ଥିତ ଶ୍ୱଶୁର ଘର ଅଭିମୁଖେ ବାହାରିଥିଲେ । ସକାଳୁ ସକାଳୁ ସେ ସ୍ତ୍ରୀଙ୍କୁ ସାଙ୍ଗରେ ଧରି ନିଜ ଘରକୁ ଫେରିବାର ଯୋଜନା କରିଥିଲେ। ହେଲେ ନିଜ ଘରୁ ବାହାରିଥିବା ଗଙ୍ଗା ରାତିରେ ଶ୍ୱଶୁର ଘରେ ପହଞ୍ଚି ନଥିଲେ । ଏଥିରେ ବ୍ୟସ୍ତ ହୋଇ ପରିବାର ଲୋକେ ତାଙ୍କୁ ବାରମ୍ବାର ଫୋନ କରିଥିଲେ । ହେଲେ ତାଙ୍କ ମୋବାଇଲ (୯ ପୃଷ୍ଠାରେ)

ନିର୍ବାଚନ କମିଶନଙ୍କୁ ୪୮ ପ୍ରଶ୍ନର ଜବାବ ମାଗିଲା ଇଣ୍ଡିଆ ବ୍ଲକ୍

ସୁପ୍ରିମକୋର୍ଟଙ୍କ ଅନୁମତି ଲୋଡ଼ିଲେ ରାହୁଲ ଗାନ୍ଧୀ ଓ ଅନ୍ୟ ନେତା

ନୂଆଦିଲ୍ଲୀ, ୧୬ ।୧୧ : ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ନିର୍ବାଚନ କମିଶନଙ୍କ ଉପରେ ପ୍ରଶ୍ନ ଉଠାଇଛି ବିରୋଧୀ ଇଣ୍ଡିଆ ମେଣ୍ଟ। ଏହି ପ୍ରସଙ୍ଗରେ ନିର୍ବାଚନ କମିଶନଙ୍କୁ ୪୮ଟି ପ୍ରଶ୍ନର ଉତ୍ତର ଦେବାକୁ ବାଧ କରିବା ପାଇଁ ସୁପ୍ରିମକୋର୍ଟଙ୍କ ଅନୁମତି ଲୋଡ଼ିଛି ବିରୋଧୀ ଦଳ। କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ସମେତ ଅନ୍ୟ ବିରୋଧୀ ନେତାମାନେ ଏନେଇ ଏକ ଆବେଦନ ଦାଖଲ କରିଛନ୍ତି। ଏହି ଆବେଦନରେ ଏସ୍‌ଆଇଆର୍ ସମ୍ପର୍କିତ କଥିତ ଅନିୟମିତତା ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ସମ୍ପର୍କରେ ପୃଥକ୍ ପୃଥକ୍ ସତ୍ୟପାଠ ମାଧ୍ୟମରେ ଉତ୍ତର ଦେବାକୁ



ଦାବି କରାଯାଇଛି।

ଆବେଦନକାରୀମାନେ ମୁଖ୍ୟ ନିର୍ବାଚନ କମିଶନର (ସିଇସି), ଦୁଇଜଣ ନିର୍ବାଚନ କମିଶନର ଏବଂ ନିର୍ବାଚନ କମିଶନଙ୍କ ଆଇଟି ମହାନିର୍ଦ୍ଦେଶକଙ୍କଠାରୁ ଉତ୍ତର ଚାହିଁଛନ୍ତି। ଏନ୍‌ଡିଟିଭି ପକ୍ଷରୁ ଦେଖାଯାଇଥିବା ଆବେଦନରେ ଏସ୍‌ଆଇଆର୍ ନିଷ୍ପତ୍ତି କିଏ ନେଇଥିଲା, ନିର୍ବାଚନ କମିଶନଙ୍କ ମଧ୍ୟରେ ମତଭେଦ ଥିଲା କି ନାହିଁ ଏବଂ ସେସବୁ ନିଷ୍ପତ୍ତି କିପରି ଗ୍ରହଣ କରାଯାଇଥିଲା, ତାହାର ବିସ୍ତୃତ ତଥ୍ୟ ମଗାଯାଇଛି।

ଆବେଦନରେ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଏସ୍‌ଆଇଆର୍, ଇସିନେଟ୍, ଫର୍ମ-୬ ଏବଂ ଅପିଲ୍ ଦାଖଲ ପ୍ରସଙ୍ଗରେ କେତେଥର ଆପତ୍ତି କିମ୍ବା ଅସହମତି ପ୍ରକାଶ କରିଥିଲେ, ସେନେଇ ପ୍ରଶ୍ନ କରାଯାଇଛି।

ସାରା ଦେଶରେ ଏସ୍‌ଆଇଆର୍ କରିବା ପାଇଁ କିଏ ନିଷ୍ପତ୍ତି ନେଇଥିଲା, ଏହା କେବେ ନିଆଯାଇଥିଲା ଏବଂ କେଉଁ ଫାଇଲ୍‌ରେ ଏହା ଲିପିବଦ୍ଧ ହୋଇଥିଲା, ତାହାର ତଥ୍ୟ ମଧ୍ୟ ମଗାଯାଇଛି। ଏଥିସହ ପ୍ରତ୍ୟେକ ନିର୍ବାଚନ କମିଶନରଙ୍କ ମତାମତ ଏବଂ ନିଷ୍ପତ୍ତି ସର୍ବସମ୍ମତିରେ ହୋଇଥିଲା କି ନାହିଁ, ତାହା ଜଣାଇବାକୁ ଦାବି ହୋଇଛି।

ସୁପ୍ରିମକୋର୍ଟରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଦାଖଲ ହୋଇଥିବା ଜବାବୀ ସତ୍ୟପାଠକୁ ତିନିଜଣ କମିଶନର ସର୍ବସମ୍ମତିରେ ଅନୁମୋଦନ କରିଥିବା ଦାବିର ମଧ୍ୟ ଜବାବ ମଗାଯାଇଛି। ଏହି ଅନୁମୋଦନ କେବେ ଏବଂ କିପରି ଦିଆଯାଇଥିଲା, ତାହାର ତାରିଖ, ଫାଇଲ୍ ନମ୍ବର, ବୈଠକର ବିବରଣୀ ଓ ରେକର୍ଡ ଦେବାକୁ ଆବେଦନକାରୀମାନେ କହିଛନ୍ତି। ଏହାବ୍ୟତୀତ (୯ ପୃଷ୍ଠାରେ)

ବିଲକିସ୍ ବାନୋ ଗଣଦୁଷ୍କର୍ମ ଓ ହତ୍ୟା ମାମଲା

ଦୁଇ ଦୋଷୀଙ୍କ ଆଜୀବନ ଜେଲ୍‌ଦଣ୍ଡ ସ୍ଥଗିତ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୬ ।୧୧ : ୨୦୦୨ ଗୁଜରାଟ ଦଙ୍ଗା ସମୟରେ ଘଟିଥିବା ବହୁଚର୍ଚ୍ଚିତ ବିଲକିସ୍ ବାନୋ ଗଣଦୁଷ୍କର୍ମ ଓ ହତ୍ୟା ମାମଲାରେ ଦୁଇଜଣ ଦୋଷୀଙ୍କ ଆଜୀବନ କାରାଦଣ୍ଡକୁ ସ୍ଥଗିତ ରଖିବା ସହ ସେମାନଙ୍କୁ ଜାମିନ ପ୍ରଦାନ କରିଛନ୍ତି ସୁପ୍ରିମକୋର୍ଟ। ଦୀର୍ଘ ୧୭ ବର୍ଷରୁ ଅଧିକ ସମୟ ଧରି ସେମାନେ ଜେଲ୍‌ରେ ରହିଥିବା ଏବଂ ଦୁଇଜଣଙ୍କ ମଧ୍ୟରୁ ଜଣେ ଗୁରୁତର ଭାବେ ଦିବ୍ୟାଙ୍ଗ ଥିବା ଦର୍ଶାଇ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦ୍ରେଶ ଓ ଜଷ୍ଟିସ୍ ପି.ବି. ଭାରାଲେଙ୍କ ଖଣ୍ଡପୀଠ ଅକ୍ଟୋବର ୨୮ ତାରିଖରେ ବିପିନଚନ୍ଦ୍ର କନାଇଲାଲ ଯୋଶୀ ଓ ପ୍ରଦୀପ ରାମନଲାଲ ମୋଧିୟାଙ୍କ ଆବେଦନ ଉପରେ ଏହି ଆଦେଶ ଦେଇଛନ୍ତି। ୨୦୧୭ ମେ' ୪ ତାରିଖରେ ବମ୍ବେ ହାଇକୋର୍ଟ ଏହି ଦୁଇଜଣଙ୍କ ସମେତ ୧୧ ଜଣଙ୍କ ଦୋଷୀ ସାବ୍ୟସ୍ତ ଓ ଦଣ୍ଡାଦେଶକୁ କାଏମ ରଖିଥିଲେ। ଏହା ବିରୋଧରେ ସେମାନେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ।

ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସିଦ୍ଧାର୍ଥ ଲୁଥ୍ରା ଯୁକ୍ତି ଦର୍ଶାଇଥିଲେ ଯେ, ଉଭୟ ଦୋଷୀ ୧୭ ବର୍ଷରୁ ଅଧିକ ସମୟ ଜେଲ୍‌ରେ ରହିସାରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ନାମ ପ୍ରାରମ୍ଭିକ ଏଫ୍‌ଆଇଆର୍‌ରେ ନଥିଲା ଏବଂ ଘଟଣାର ପ୍ରାୟ ତିନିବର୍ଷ ପରେ ତାଙ୍କୁ ଏହି ମାମଲାରେ ସାମିଲ କରାଯାଇଥିଲା। ଅନ୍ୟପକ୍ଷରେ ଅତିରିକ୍ତ ସଲିସିଟର ଜେନେରାଲ ରାଜା ଠାକରେ ଏହି ଆବେଦନକୁ ବିରୋଧ କରିଥିଲେ। ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଟ୍ରାଏଲ୍ କୋର୍ଟ ଓ ହାଇକୋର୍ଟ ସମସ୍ତ ପ୍ରମାଣ ଓ ତଥ୍ୟକୁ ବିଚାର କରି ରାୟ ଦେଇଥିବା ସେ ଯୁକ୍ତି ରଖିଥିଲେ।

ଖଣ୍ଡପୀଠ କହିଥିଲେ ଯେ, ଆବେଦନକାରୀମାନେ ୧୭ ବର୍ଷରୁ ଅଧିକ ସମୟ କାରାଗାରରେ ବିତାଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଗୁରୁତର ଦିବ

ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

ଲାଲା ଲଜପତ ରାୟ



ଭାରତର ଜଣେ ପ୍ରମୁଖ ସ୍ୱାଧୀନତା ସେନାନୀ ଭାବେ ପରିଚିତ ଲାଲା ଲଜପତ ରାୟ । ତାଙ୍କୁ ଦେଶରେ ସମସ୍ତେ ପଞ୍ଜାବକେଶରୀଙ୍କ ନାମରେ ମଧ୍ୟ ଜାଣନ୍ତି । ଲାଲା ଲଜପତଙ୍କ ଜନ୍ମ ୧୮୬୫ ମସିହା ୨୮ ଜାନୁଆରୀରେ ପଞ୍ଜାବରେ ହୋଇଥିଲା । ସେ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ପ୍ରମୁଖ ନେତା ଥିଲେ । ବାଲ ଗଙ୍ଗାଧର ତିଲକ ଓ ବିପିନ ଚନ୍ଦ୍ର ପାଲଙ୍କ ସହିତ ତାଙ୍କର ଯୋଡି ଖୁବ ଭଲ ଥିଲା । ତିନିଜଣଙ୍କୁ ଲାଲ-ବାଲ-ପାଲ ବୋଲି ମଧ୍ୟ ସମ୍ବୋଧନ କରାଯାଉଥିଲା । ଲାଲା ଲାଜପତ ରାୟ ଅନେକ ଗୁରୁତ୍ୱପୂର୍ଣ୍ଣ ସେବାଭିତ୍ତିକ ସଂସ୍ଥାର ସ୍ଥାପନାରେ ପ୍ରମୁଖ ଭୂମିକା ନେଇଥିଲେ । ଦେଶର ସ୍ୱାଧୀନ ଆନ୍ଦୋଳନ ସହିତ, ପଶୁ ଚିକିତ୍ସା ଓ ପଶୁ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ସେ ଅନେକ କାମ କରିଥିଲେ । ପଞ୍ଜାବରେ ହିନ୍ଦୀ ଭାଷାର ପ୍ରଚାର ଓ ପ୍ରସାର ପାଇଁ ସେ ବହୁ କାର୍ଯ୍ୟ କରିଥିଲେ । ବିଗତ ୩୦ ଅକ୍ଟୋବର ୧୯୨୮ରେ ସେ ଲାହୋରରେ ସାଇମନ କମିଶନ ବିରୋଧରେ ଆୟୋଜିତ ବିଶାଳ ବିକ୍ଷୋଭ ପ୍ରଦର୍ଶନରେ ଭାଗ ନେଇଥିଲେ । ଫଳରେ ପୋଲିସ୍‌ର ଲାଠି ଚାର୍ଜରେ ସେ ଗୁରୁତର ଆହତ ହୋଇଥିଲେ । ଏହି କାରଣରୁ ୧୭ ନଭେମ୍ବର ୧୯୨୮ରେ ତାଙ୍କର ଦେହାନ୍ତ ହୋଇଥିଲା ।

ସୋସିଆଲ କୋର୍ଟ୍ଟ



ମୋତେ ଚୁପ କରାଇବା ପାଇଁ ଅନେକଥର ଚେଷ୍ଟା କରାଯାଇଛି । ହେଲେ ନା ମୁଁ ଆଗରୁ ଚୁପ ହୋଇଛି ନା ଆଗକୁ କେବେ ହେବି ।

ଦିଲଜିତ ଦୋସାଞ୍ଜ, ସିଙ୍ଗର



ମୁଁ ଯେତେବେଳେ ଧୁରନ୍ଧର ଫିଲ୍ମ ପ୍ରସ୍ତୁତ କରିବା ଆରମ୍ଭ କରିଥିଲି, ସେବେ ସମସ୍ତେ ମୋତେ କହିଥିଲେ କି ଧୁରନ୍ଧର ହିଟ ହେବନି । ହେଲେ ବର୍ତ୍ତମାନ ସମସ୍ତେ ଧୁରନ୍ଧର ଭଳି ଫିଲ୍ମ ପ୍ରସ୍ତୁତ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ।

ଇମତିଆଜ ଅଲ୍ଲୀ, ଫିଲ୍ମମେକର



ଜୀବନରେ ଅନେକ କିଛି ସହିଛି । ୪ ବର୍ଷ ପର୍ଯ୍ୟନ୍ତ ଟ୍ରୋମାରେ ରହିଛି, ଯାହାମୋତେ ମାନସିକ ସ୍ତରରେ ପୁରା ଭାଙ୍ଗି ଦେଇଥିଲା ।

ସୁସ୍ମିତା ମୁଖାର୍ଜୀ, ଅଭିନେତ୍ରୀ

ଜାତୀୟ ଅପସ୍ମାର ଦିବସ



ପ୍ରତିବର୍ଷ ନଭେମ୍ବର ୧୭ ତାରିଖକୁ ଭାରତରେ 'ଜାତୀୟ ଅପସ୍ମାର ଦିବସ' ଭାବରେ ପାଳନ କରାଯାଉଛି, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମସ୍ତିଷ୍କ ସମ୍ବନ୍ଧୀୟ ଏହି ସ୍ନାୟୁଗତ ରୋଗ ବିଷୟରେ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା । ଏହାକୁ ନେଇ ସମାଜରେ ଥିବା ଅନ୍ଧବିଶ୍ୱାସ ତଥା ଭ୍ରାନ୍ତଧାରାକୁ ଦୂର କରିବା ଏବଂ ରୋଗୀମାନଙ୍କୁ ସଠିକ୍ ଚିକିତ୍ସା ଓ ସହଯୋଗ ଯୋଗାଇବା । ଭାରତୀୟ ଏପିଲେପ୍ସି ଆସୋସିଏସନ୍ ଦ୍ୱାରା ୧୯୯୦ ମସିହା ଡିସେମ୍ବର ୧୭ ତାରିଖରେ ଇନ୍ଦୋରଠାରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ପ୍ରତିବର୍ଷ ନଭେମ୍ବର ୧୭ କୁ ଜାତୀୟ ବାତ ଦିବସ ଭାବରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଯାହାକି ପରବର୍ତ୍ତୀ ସମୟରେ ଦେଶବ୍ୟାପୀ ଜନସଚେତନତା ଅଭିଯାନର ଏକ ପ୍ରମୁଖ ଅଙ୍ଗ ପାଲଟିଛି । ଏହି ଦିବସର ଗୁରୁତ୍ୱ ଅତ୍ୟନ୍ତ ଅଧିକ, କାରଣ ଏପିଲେପ୍ସି ବା ଅପସ୍ମାର ରୋଗ ହେଉଛି ମସ୍ତିଷ୍କର ଏକ କ୍ରୋନିକ୍ ସ୍ନାୟୁଗତ ସମସ୍ୟା । ଯେଉଁଥିରେ ମସ୍ତିଷ୍କରେ ହଠାତ୍ ଅତ୍ୟଧିକ ବୈଦ୍ୟୁତିକ କାର୍ଯ୍ୟକଳାପ କାରଣରୁ ବାରମ୍ବାର ବାତ କିମ୍ବା ଲୋକ ମୂର୍ଚ୍ଛା ଯାଇଥାଆନ୍ତି । ସାଧାରଣତଃ ଏହି ରୋଗକୁ ଅନେକେ ଅଭିଶାପ କିମ୍ବା ମନୋରୋଗ ଭାବେ ଭୁଲ୍ ଧାରଣା ରଖିଥାନ୍ତି । ତେଣୁ ଏହି ଦିବସ ଜରିଆରେ ଲୋକଙ୍କୁ ବୁଝାଯାଏ ଯେ ଏହା ଏକ ଚିକିତ୍ସାଯୋଗ୍ୟ ରୋଗ ଏବଂ ସଠିକ୍ ଔଷଧ ସେବନ ଓ ଡାକ୍ତରୀ ପରାମର୍ଶ ଦ୍ୱାରା ରୋଗୀମାନେ ଏକ ସ୍ୱାଭାବିକ ଜୀବନଯାପନ କରିପାରିବେ । ତେଣୁ, ସମାଜରୁ ଅପସ୍ମାର ସମ୍ବନ୍ଧୀୟ କଳଙ୍କ ଓ ଭୟକୁ ମେଣ୍ଟାଇବା ପାଇଁ ଏହି ଦିବସର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ।

ଭିଡିଓ ଗେମ୍ ଖେଳିବାକୁ ଏକକୋଟି ଦରମା

ସାଧାରଣତଃ ଭିଡିଓ ଗେମ ଖେଳିବାକୁ ସମସ୍ତେ ମନା କରନ୍ତି, କାରଣ ଏଥିରେ ସମୟ ନଷ୍ଟ ହୋଇଥାଏ ବୋଲି ଭାବନା ରହିଛି । ହେଲେ ଧୀରେଧୀରେ ଏହି ଭାବନା ପରିବର୍ତ୍ତନ ହେଉଛି, ଏଭଳି ଅନେକ ଉଦାହରଣ ଦେଖିବାକୁ ମିଳୁଛି ଯାହା ଭିଡିଓ ଗେମକୁ ଭଲ ବୋଲି ପ୍ରମାଣିତ କରୁଛି । ନିକଟରେ ଆମେରିକାର ଏକ ପ୍ରେଡିକ୍ସନ୍ ମାର୍କେଟ୍ କମ୍ପାନୀ 'କାଲ୍‌ସି' ଆଗାମୀ ଭିଡିଓ ଗେମ୍ 'ଗ୍ରାଣ୍ଡ ଥେଫ୍ଟ ଅଟୋ ୬' (ଜିଟିଏ ୬) ଖେଳିବା ପାଇଁ ଜଣେ ବ୍ୟକ୍ତିଙ୍କୁ ବାର୍ଷିକ ପ୍ରାୟ ୧ କୋଟି ଟଙ୍କା ବେତନ ପ୍ରଦାନ କରିବାକୁ ଘୋଷଣା କରିଛି । 'ଜିଟିଏ ଭିଆଇ ରିସର୍ଚ୍ଚର' ଶୀର୍ଷକ ଏହି ଚାକିରି ପାଇଁ କମ୍ପାନୀ ଲିଙ୍କଡଇନ୍‌ରେ ବିଜ୍ଞାପନ ପ୍ରକାଶ କରିଥିବା ବେଳେ ପ୍ରକଳ୍ପ ସମାପ୍ତ ହେବା ପରେ ମନୋନୀତ ପ୍ରାର୍ଥୀଙ୍କୁ ପ୍ରାୟ ୧୪ ଲକ୍ଷ ଟଙ୍କାର ଅତିରିକ୍ତ ବୋନସ୍ ମଧ୍ୟ ମିଳିବ । ଜିଟିଏ ୬ ଲଞ୍ଚ ହେବା ଦିନ ଅର୍ଥାତ୍ ନଭେମ୍ବର ୧୯ ତାରିଖ ମଧ୍ୟରାତ୍ରିରୁ ଏହି ଚାକିରି ଆରମ୍ଭ ହେବ। ମନୋନୀତ ପ୍ରାର୍ଥୀଙ୍କୁ ଗେମ୍‌ର କାଳ୍ପନିକ ଅର୍ଥନୀତି ଅଧ୍ୟୟନ କରିବାକୁ ପଡ଼ିବ ଏବଂ ପ୍ରକୃତ ଦୁନିଆର ଆଚରଣ ଉପରେ ଏହାର ପ୍ରଭାବ ବିଶ୍ଳେଷଣ କରିବାକୁ ହେବ। ସେମାନଙ୍କୁ ପ୍ରତିଦିନ ଅତିକମରେ ୧୦ ଘଣ୍ଟା ଗେମ୍ ଖେଳିବାକୁ ପଡ଼ିବ ଏବଂ କ୍ୟାମେରା ଅନ୍ ରଖି ୟୁଟ୍ୟୁବରେ ସେମାନଙ୍କର ସମସ୍ତ ଗେମପ୍ଲେ ଲାଇଭ୍‌ଷ୍ଟ୍ରିମ୍ କରିବାକୁ ପଡ଼ିବ । ଏହା ବ୍ୟତୀତ ଲଞ୍ଚ ଦିନ କେତେ ଜଣ ବ୍ୟକ୍ତି ଅସୁସ୍ଥତା କିମ୍ବା ଜରୁରୀକାଳୀନ ପରିସ୍ଥିତି ଦର୍ଶାଇ ଛୁଟିରେ ରହୁଛନ୍ତି, ତାହା ଆକଳନ କରିବା ଏବଂ ଗେମ୍ ରିଲିଜ୍ ହେବା ପରେ ଫୁଡ୍ ଡେଲିଭରି ଅର୍ଡରର ବୃଦ୍ଧିକୁ ଟ୍ରାକ୍ କରିବା ପାଇଁ ମଧ୍ୟ ଗବେଷକଙ୍କୁ ଅପେକ୍ଷା କରାଯାଇଛି । ୧୮ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସ୍କ ଆମେରିକୀୟ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଏହି ରିମୋଟ୍ ପଦବୀ ପାଇଁ ଆବେଦନକାରୀଙ୍କର ଅତିକମରେ ୧୦ ବର୍ଷର ଗେମିଂ ଅଭିଜ୍ଞତା ଏବଂ ୩ ବର୍ଷର ଲାଇଭ୍‌ଷ୍ଟ୍ରିମିଂ ଅଭିଜ୍ଞତା ରହିବା ଜରୁରୀ । ସେମାନଙ୍କର ନିଜର ଗେମିଂ ସେଟଅପ୍ ସହିତ ଏକ ନିର୍ଭରଯୋଗ୍ୟ ଇଣ୍ଟରନେଟ୍ ସଂଯୋଗ ମଧ୍ୟ ଥିବା ଆବଶ୍ୟକ ।



ସମସ୍ୟା ସମାଧାନ ପାଇଁ ପେଚା ପୂଜା

ଉତ୍ତରପ୍ରଦେଶର ଶାହଜାହାନପୁର ବାସିନ୍ଦାମାନେ ଦୁର୍ନୀତି, ସାମାଜିକ କୁସଂସ୍କାର ଏବଂ ଅନ୍ୟାନ୍ୟ ସମସ୍ୟା ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଦୀର୍ଘ ୧୮ ବର୍ଷ ଧରି ଚଳିଆସୁଥିବା ଏକ ନିଆରା ପରମ୍ପରା ଅନୁଯାୟୀ ପେଚା ପୂଜା କରିଛନ୍ତି । ପ୍ରଫେସର, ଡାକ୍ତର, ଇଞ୍ଜିନିୟର ଏବଂ ଅନ୍ୟାନ୍ୟ ବୁଦ୍ଧିଜୀବୀମାନେ ଅଂଶଗ୍ରହଣ କରୁଥିବା ଏହି ବାର୍ଷିକ ପୂଜା ସମୟରେ ଉପସ୍ଥାପିତ ସମସ୍ୟାଗୁଡ଼ିକ ଆଗାମୀ ବର୍ଷକ ମଧ୍ୟରେ ଦୂର ହୋଇଯିବ ବୋଲି ଅଂଶଗ୍ରହଣକାରୀମାନେ ବିଶ୍ୱାସ କରନ୍ତି । ପ୍ରତିବର୍ଷ ଲୋକଙ୍କ ଚିନ୍ତା ଅନୁଯାୟୀ ଏହି ପୂଜାର ପ୍ରସଙ୍ଗ ବଦଳିଥାଏ। ଗତବର୍ଷ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ନୀତିକୁ ବିରୋଧ କରି ଏହି ପୂଜା ଆୟୋଜିତ ହୋଇଥିବା ବେଳେ ଚଳିତ ବର୍ଷ ସ୍ଥାନୀୟ ଦୁର୍ନୀତି, ଭଙ୍ଗା ରାସ୍ତାଘାଟ, ଅନ୍ତର୍ଜାତୀୟ ଶାନ୍ତି ଏବଂ ନିର୍ବାଚନ ଆୟୋଗ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଇଛି । ସମାଜକୁ ପ୍ରଭାବିତ କରୁଥିବା ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ କରିବା ଏବଂ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଲୋକଙ୍କୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜକମାନେ କହିଛନ୍ତି । ଅନ୍ୟପଟେ, ଗତ ପାଞ୍ଚ ବର୍ଷ ଧରି ଅଞ୍ଚଳରେ ଦୁର୍ନୀତି ବଢ଼ିଚାଲିଥିବା ଏବଂ ଛୋଟ ଛୋଟ ଉନ୍ନୟନମୂଳକ କାର୍ଯ୍ୟର ଖର୍ଚ୍ଚକୁ ଅହେତୁକ ଭାବେ ବଢ଼ାଇ ଦେଖାଯାଉଥିବା ବେଳେ ଏନେଇ କରାଯାଉଥିବା ଅଭିଯୋଗର କୌଣସି ସମାଧାନ ହେଉନଥିବା ସ୍ଥାନୀୟ ବାସିନ୍ଦାମାନେ ଅଭିଯୋଗ କରିଛନ୍ତି ।



ବହୁ ପ୍ରତୀକ୍ଷା ପରେ ଧନୁଷଙ୍କ ଅଭିନୀତ ବହୁଚର୍ଚ୍ଚିତ ଚଳଚ୍ଚିତ୍ର 'ଓ.ଏମ୍'ର ଟ୍ରେଲର ରିଲିଜ ହୋଇଛି । ଯାହା ଧନୁଷଙ୍କ ଫ୍ୟାନଙ୍କ ଭିତରେ ଖୁବ ଭାଇରାଲର ହେବାରେ ଲାଗିଛି । ରକ୍ତଚନ୍ଦନ କାଠ ଚୋରା ଚାଲାଣର ଅପରାଧ ଦୁନିଆ ଉପରେ ଆଧାରିତ ଏହି ଟ୍ରେଲରରେ ଧନୁଷଙ୍କୁ ଜଣେ କାଠୁରିଆ ଭୂମିକାରେ ଦେଖିବାକୁ ମିଳିଛି । ଯିଏ ପରିସ୍ଥିତିରେ ପଡ଼ି ଏହି ଭୟଙ୍କର ଗ୍ୟାଙ୍ଗ ମଧ୍ୟକୁ ଟାଣି ହୋଇଯାଇଛନ୍ତି । ଅନ୍ୟପଟେ ଅଭିନେତ୍ରୀ ସାଇ ପଲ୍ଲବୀ ଏଥିରେ 'ଅପରେସନ୍ ମୋଲ୍'ର ନେତୃତ୍ୱ ନେଉଥିବା ଜଣେ ସଚ୍ଚୋଟ, ତଥା ଅଭିଜ୍ଞ ଯୁବ ଅଫିସର ନିତ୍ୟା ରେଡ୍ଡୀଙ୍କ ଦମ୍‌ଦାର ଭୂମିକାରେ ନଜର ଆସିଛନ୍ତି । ଏହି ଟ୍ରେଲରର ସବୁଠାରୁ ବଡ଼ ଆକର୍ଷଣ ସାଜିଛନ୍ତି ମାଲାୟାଲମ୍ ସୁପରଷ୍ଟାର ମାମୁଟି, ଯିଏ ଏହି ବେଆଇନ କାରବାରକୁ ନିୟନ୍ତ୍ରଣ କରୁଥିବାର ଦେଖାଯାଇଛି । ଏହା ବ୍ୟତୀତ ଭେଟେରାନ୍ ଅଭିନେତା ନସିରୁଦ୍ଦିନ ଶାହଙ୍କୁ ମଧ୍ୟ ଅତିଥି କଳାକାର ଭାବେ ଦେଖିବାକୁ ମିଳିବ । ଏଥିରେ ଧନିଷଙ୍କ ପତ୍ନୀ ଭୂମିକାରେ ଅଭିନେତ୍ରୀ ଶ୍ରୀଲୀଲାଙ୍କୁ ଦେଖିବାକୁ ମିଳୁଛି । ଶ୍ରୀଲୀଲାଙ୍କୁ ଏଥିରେ ଏକ ହଟକେ ଚରିତ୍ରରେ ଦେଖିବାକୁ ମିଳୁଛି । ଫିଲ୍ମର ନିର୍ଦ୍ଦେଶନା ପରିଚିତ ନିର୍ଦ୍ଦେଶକ ରାଜକୁମାର ପେରିୟାସାମୀ ଦେଇଥିବା ଜଣାପଡିଛି । ଦମ୍‌ଦାର ଆକ୍ସନ୍, ଶକ୍ତିଶାଳୀ ଅଭିନୟଓ ରୋମାଞ୍ଚକର କାହାଣୀକୁ ନେଇ ପ୍ରସ୍ତୁତ ଏହି ସିନେମାଟି ଦର୍ଶକଙ୍କୁ ଖୁବ ପସନ୍ଦ ଆସିବବୋଲି ପୁରା ଟିମ ଆଶା ରଖିଛନ୍ତି । ଫିଲ୍ମଟି ଆସନ୍ତା ନଭେମ୍ବର ୨୦, ୨୦୨୬ରେ ରିଲିଜ ହେବାନେଇ ଯୋଜନା ରହିଛି ।

ଧନୁଷଙ୍କ ନୂଆ ସିନେମା

ଇତିହାସ

୧୮୬୯- ଦୀର୍ଘ ୧୦ ବର୍ଷର ନିର୍ମାଣ କାର୍ଯ୍ୟ ପରେ ସୁଏଜ କେନାଲକୁ ଯାତାୟାତ ପାଇଁ ଖୋଲାଗଲା । ଏହି କେନାଲ ହେଉଛି ୟୁରୋପ ଓ ଏସିଆର ସଂଯୋଗସ୍ଥଳ ।

୧୯୨୮- ସ୍ୱତନ୍ତ୍ରତା ସେନାନୀ ଲାଲା ଲଜ୍‌ପତ ରାୟଙ୍କ ପରଲୋକ ।

୧୯୩୨- ତୃତୀୟ ଗୋଲ୍‌ଟେବୁଲ୍ ବୈଠକ ଆରମ୍ଭ ।

୧୯୩୩- ଆମେରିକା ସୋଭିଏତ୍ ସଂଘକୁ ମାନ୍ୟତା ଦେବାକୁ ଯାଇ ବ୍ୟବସାୟ ପାଇଁ ସହମତି ଜଣାଇଲା ।

୧୯୬୬- ପ୍ରଥମ ଏସୀୟ ମହିଳା ରୂପେ ଭାରତର ରୀତା ଫରିଦା ମିସ୍ ୱାର୍ଲ୍ଡ ଟାଇଟଲ ଜିତିଲେ ।

୧୯୯୯- ଅନ୍ତର୍ଜାତୀୟ ମାତୃଭାଷା ଦିବସକୁ ୟୁନେସ୍କୋ ଦ୍ୱାରା ସ୍ୱୀକୃତି ମିଳିଲା ।

୨୦୦୪- ରାମେଶ୍ୱର ଠାକୁର ଓଡ଼ିଶାର ରାଜ୍ୟପାଳ ହେଲେ ।

୨୦୦୬- ଭାରତ-ଆମେରିକା ପରମାଣୁ ଚୁକ୍ତିକୁ ମଞ୍ଜୁରୀ ।



ବାସ୍ତୁରେ ସକାରାତ୍ମକତା

- ସର୍ବଦା ଘରର ମୁଖ୍ୟ ଦ୍ୱାର ସମ୍ମୁଖରେ ଗଛ, ପୋଲ୍ କିମ୍ବା ପିଲାରକୁ ରଖନ୍ତୁ ନାହିଁ । ସେହିଭଳି ମରିଯାଇଥିବା ଗଛ ଘର ପାଖରେ ରଖନ୍ତୁନି ।
- ଗାଧୁଆଘରର କବାଟ ଓ ସେଠାରେ ଲାଗିଥିବା ଟ୍ୟାପକୁ ସର୍ବଦା ବନ୍ଦ ରଖନ୍ତୁ ।
- ସେହିଭଳି ଘରେ ଆକ୍ୱାରିୟମ୍ ରଖିବାକୁ ଚାହୁଁଥିଲେ ଏହାକୁ ଉତ୍ତରପୂର୍ବ ଦିଗରେ ରଖନ୍ତୁ ।
- ଶୋଇବା ସମୟରେ ବ୍ୟବହାର ହେଉନଥିବା ବୈଦ୍ୟୁତିକ ଉପକରଣକୁ ବନ୍ଦ ରଖନ୍ତୁ ।
- ଘରର ପ୍ରବେଶ ଦ୍ୱାର ପାଖରେ ଅଳିଆ ରଖନ୍ତୁ ନାହିଁ ।
- ଘରେ କେବେ ବି ଭଙ୍ଗା ବାସନ ବ୍ୟବହାର କରନ୍ତୁ ନାହିଁ ।
- ସୂର୍ଯ୍ୟକିରଣ ଓ ସତେଜ ପବନ ଘରେ ସକରାତ୍ମକତା ଭରିଥାଆନ୍ତି । ତେଣୁ ଘରେ କିଭଳି ସର୍ବଦା ସୂର୍ଯ୍ୟକିରଣ ଓ ପବନ ଯିବା ଆସିବା ହେବ ସେନେଇ ଧ୍ୟାନ ଦିଅନ୍ତୁ । ଏଥିପାଇଁ ଘରର ଝରକା ସର୍ବଦା ଖୋଲା ରଖନ୍ତୁ ।

ডোমজুড়ে ৩ দিনের জাতীয় সংবাদপত্র দিবস পালন

ডোমজুড় (হাওড়া), ১ মার্চ : ডোমজুড় সাংবাদিক সমিতির উদ্যোগে ৩ দিনের জাতীয় সংবাদপত্র দিবস পালন করা হল। সোমবার সকালে ডোমজুড় বাজার থেকে একটি বর্ণাঢ্য মিছিল বের হয়। মিছিলে নেতৃত্ব দেন সমিতির সভাপতি সুবীর মাইতি, সম্পাদক সুকুমার মণ্ডল, কোষাধ্যক্ষ সুবীর মণ্ডল, সহ-সভাপতি সুবীর মাইতি, সহ-সম্পাদক সুবীর মণ্ডল, সাংগঠনিক সম্পাদক সুবীর মণ্ডল, সহ-

ରାଜ୍ୟସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ

ଲୋକପ୍ରିୟତା ନୁହେଁ କର୍ତ୍ତବ୍ୟବୋଧକୁ ସାମ୍ବାଦିକତାରେ ଆପଣାଇବାକୁ ପଡ଼ିବ

ଭୁବନେଶ୍ୱର, (ସବୁ): ଗଣତନ୍ତ୍ରକୁ ସୁଦୃଢ଼ କରିବା ସହ ସମାଜରେ ଉତ୍ତମ ନାଗରିକ ସଂସ୍କୃତି ନିର୍ମାଣରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଗଣମାଧ୍ୟମ କେବଳ ପାଠକବୃଦ୍ଧି ପଛରେ ନ ଧାଇଁ ନିରପେକ୍ଷ, ସତ୍ୟ ଓ ନିର୍ଭୀକ ଖବର ପ୍ରସାରଣ କରି ନିଜର ନୈତିକ ଦାୟିତ୍ୱ ନିର୍ବାହ କରିବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ଲୋକପ୍ରିୟତା ଅର୍ଜନ ପାଇଁ ଅନେକ ସମୟରେ ଭ୍ରମାତ୍ମକ ଖବର ପ୍ରସାରିତ ହେଉଥିବାରୁ ଗଣାମଧ୍ୟମର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ସାମାଜିକ ଗଣମାଧ୍ୟମର ଶସ୍ତା ଲୋକପ୍ରିୟତା ପଛରେ ନ ଧାଇଁ ଦାୟିତ୍ୱସଂପନ୍ନ ଗଣମାଧ୍ୟମ ଭାବେ ପ୍ରତ୍ୟେକ ଖବରର ସତ୍ୟତା ଯାଞ୍ଚ କରି ଲୋକଲୋଚନକୁ ଆଣିବା ବିଧେୟ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି ।

ସୋମବାର ପୂର୍ବାହ୍ନରେ ସୂଚନା ଓ ଲୋକସଂପର୍କ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାକ୍ତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ କହିଲେ ଯେ ସାମ୍ବାଦିକ



ଦାୟିତ୍ୱବାନ ହୋଇ ନିଜର କର୍ତ୍ତବ୍ୟ ପାଳନ କରିବାର ଆବଶ୍ୟକତା ରହିଛି । ସବୁ ସମୟରେ ନିଜକୁ ନିୟନ୍ତ୍ରିତ ଓ କଠୋର ଅନୁଶାସନ ମଧ୍ୟରେ ଜଣେ ଗଣମାଧ୍ୟମ ପ୍ରତିନିଧି କାର୍ଯ୍ୟ କଲେ ସମାଜରେ ଏହାର ପ୍ରଭାବ ଚିରସ୍ଥାୟୀ ରହିଥାଏ ବୋଲି ସେ ମତ ପ୍ରକାଶ କରିବା ସହ ଦେଶ ଓ ଜାତି ନିର୍ମାଣରେ ଗଣମାଧ୍ୟମର ଭୂମିକାକୁ ପ୍ରଶଂସା କରିଥିଲେ । ଏହା ସହିତ ବିଭିନ୍ନ ଦେଶର ଗଣମାଧ୍ୟମର ସ୍ଥିତି ଓ ଭାରତୀୟ ସମ୍ବିଧାନ ଓ ଗଣତାନ୍ତ୍ରିକ ପରମ୍ପରା ଉପରେ ମତ ରଖିଥିଲେ । ପ୍ରେସ କାଉନସିଲ ଅଫ ଇଣ୍ଡିଆ ପକ୍ଷରୁ ପ୍ରଦତ୍ତ ଚଳିତ ବର୍ଷର ଶୀର୍ଷକ "ସାମ୍ବାଦିକତା: ଲୋକପ୍ରିୟତା ବନାମ କର୍ତ୍ତବ୍ୟବୋଧ' ଉପରେ ଆଲୋକପାତ କରି ସେ କାମଳ ସାମ୍ବାଦିକତାରୁ ଉର୍ଦ୍ଧ୍ୱକୁ ଯାଇ ସାମ୍ବାଦିକମାନେ ସାମାଜିକ ପ୍ରତିବଦ୍ଧତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ ।

ମୁଖ୍ୟବକ୍ତା ଭାବେ ଯୋଗଦେଇ ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କହିଲେ ଯେ ଖବର ପ୍ରସାରଣ ପୂର୍ବରୁ ଏହାର ସତ୍ୟତା ଯାଞ୍ଚ କରିବା ଏବଂ ସମ୍ବେଦନଶୀଳ ଖବର ପ୍ରସାରଣ ବେଳେ ଅଧିକ ଦାୟିତ୍ୱବାନ ହେବା ପ୍ରତ୍ୟେକ ସାମ୍ବାଦିକର ଆଭିମୁଖ୍ୟ ହେବା ଉଚିତ । ବିଭିନ୍ନ ଆଲେଖ୍ୟ ଉପସ୍ଥାପନ କରି ମୌଳିକ ଦାର୍ଶନିକ ଧାରଣାରୁ ଜୀବନ ଓ ସ୍ୱାଧୀନତା ସଂପର୍କରେ ମତ ରଖି ଦାୟିତ୍ୱବାନ ସାମ୍ବାଦିକତା ଉପରେ ସେ ଗୁରୁତ୍ୱ ଦେଇଥିଲେ । କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ସଂଜୟ କୁମାର ବିଶ୍ୱାଳ ପୌରୋହିତ୍ୟ କରି କହିଥିଲେ ଯେ ଯୁଗ ସହ ତାଳଦେଇ ସମ୍ବାଦ ପରିବେଷଣର ପରିବର୍ତ୍ତନ ହେଉଛି । କିନ୍ତୁ ସାମ୍ବାଦିକତାର ମୌଳିକତାରେ କୌଣସି ପରିବର୍ତ୍ତନ ଆସିନାହିଁ । ବର୍ତ୍ତମାନର ଯୁବଗୋଷ୍ଠୀ ଓ ସାମାଜିକ ଗଣମାଧ୍ୟମର ବ୍ୟବହାର ସାମ୍ବାଦିକତାର ପରିଭାଷାକୁ ପରିବର୍ତ୍ତନ କରିଥିଲେ ସୁଦ୍ଧା ସମ୍ବାଦ ପରିବେଷଣର ମୌଳିକତା ଅକ୍ଷୁଣ୍ଣ ରଖିବାରେ ସମସ୍ତେ ପ୍ରୟାସ କରିବା ଉଚିତ ବୋଲି ସେ କହିଥିଲେ । ଏହି ଅବସରରେ ଅନୁଷ୍ଠିତ ମହାବିଦ୍ୟାଳୟସ୍ତରୀୟ ଓ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଉପଲକ୍ଷେ ଆୟୋଜିତ ସମ୍ବାଦପତ୍ର ପ୍ରଦର୍ଶନୀରେ ସହଯୋଗ କରିଥିବାରୁ ସାମ୍ବାଦିକ ଶଶାଙ୍କ ଶେଖର ଦାଶ, "ପେପରମ୍ୟାନ ଇଣ୍ଡିଆ'ଙ୍କୁ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଥିଲା । ରାଜ୍ୟସ୍ତରୀୟ ଜାତୀୟ ପ୍ରେସ ଦିବସ ଉପଲକ୍ଷେ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ସମ୍ବାଦପତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ନିର୍ଦ୍ଦେଶକ (ବୈଷୟିକ) ସ୍ମିତା କର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଯୁଗ୍ମ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଆଇଆଇଟିଏଫ୍-୨୦୨୬ ରେ ଓଡ଼ିଶା ପାଭିଲିୟନ୍‌କୁ ବ୍ୟାପକ ପ୍ରଶଂସା

୭ ଲକ୍ଷ ଟଙ୍କା ଟପିଲା ଷ୍ଟଲ୍‌ଗୁଡ଼ିକରେ ବିକ୍ରି

ଭୁବନେଶ୍ୱର, (ସବୁ): ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆୟୋଜିତ ୪୫ତମ ଭାରତ ଆନ୍ତର୍ଜାତୀୟ ବାଣିଜ୍ୟ ମେଳା (ଆଇଆଇଟିଏଫ୍)-୨୦୨୬ ର ହଲ୍-୩ରେ ଥିବା ଓଡ଼ିଶା ପାଭିଲିୟନ୍‌କୁ ଦର୍ଶକଙ୍କ ଠାରୁ ଉତ୍ସାହଜନକ ପ୍ରତିକ୍ରିୟା ମିଳୁଛି । ବିଭିନ୍ନ ରାଜ୍ୟର ବିଶିଷ୍ଟ ବ୍ୟକ୍ତିବିଶେଷ, ବରିଷ୍ଠ ଅଧିକାରୀ ଏବଂ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଦର୍ଶକମାନେ ଏହି ପାଭିଲିୟନ୍ ପରିଦର୍ଶନ କରୁଛନ୍ତି। ଏଠାରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, ପାରମ୍ପରିକ କାରୁକାର୍ଯ୍ୟ ଏବଂ ଉଦୀୟମାନ ଅର୍ଥନୈତିକ ସମ୍ଭାବନାକୁ ଯେଉଁଭଳି ଭାବେ ଉପସ୍ଥାପନ କରାଯାଇଛି । ଏଠାରେ ପ୍ରଦର୍ଶିତ ବିଭିନ୍ନ ପ୍ରକାରର ସାମଗ୍ରୀ, ପାରମ୍ପରିକ ହସ୍ତଶିଳ୍ପ ଏବଂ ବିକାଶମୂଳକ ପଦକ୍ଷେପଗୁଡ଼ିକ ଦର୍ଶକମାନଙ୍କୁ ଓଡ଼ିଶାର ସାଂସ୍କୃତିକ ଓ ଅର୍ଥନୈତିକ ଶକ୍ତି ସମ୍ପର୍କରେ ଜାଣିବାର ସୁଯୋଗ ଦେଉଛି ।

୧୫ ନଭେମ୍ବର ୨୦୨୬ ସନ୍ଧ୍ୟା ସୁଦ୍ଧା ଓଡ଼ିଶା ପାଭିଲିୟନ୍‌ର ବିଭିନ୍ନ ଷ୍ଟଲ୍‌ରେ ମୋଟ ବିକ୍ରି ପରିମାଣ ୭ ଲକ୍ଷ ଟଙ୍କା ଅତିକ୍ରମ କରିଯାଇଛି । ଓମ୍‌ଫେଡ୍ ଦୁଗ୍ଧଜାତ ଦ୍ରବ୍ୟ, କନ୍ଧମାଳ ହଳଦୀ, କୋରାପୁଟ କଫି, ସମ୍ବଲପୁରୀ ହସ୍ତତନ୍ତ, ପଟ୍ଟଚିତ୍ର, ରୌପ୍ୟ ତାରକସି କାମ, ଡୋକ୍ରା ଶିଳ୍ପ, କାଇଁଚ ଘାସ ସାମଗ୍ରୀ, ଜନଜାତି ହସ୍ତଶିଳ୍ପ, ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ, ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟିର ମସଲା ଏବଂ ଅନ୍ୟାନ୍ୟ ପାରମ୍ପରିକ ତଥା ମୂଲ୍ୟଯୁକ୍ତ ସାମଗ୍ରୀ ଦର୍ଶକମାନଙ୍କ ଦ୍ୱାରା ଆଦୃତ ହୋଇଛି । ପାଭିଲିୟନ୍‌ରେ ଗ୍ରାମୀଣ ଏବଂ ଆଦିବାସୀମାନଙ୍କ ଦ୍ୱାରା ନିର୍ମିତ ମହୁଲ ଉତ୍ପାଦଗୁଡ଼ିକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରୟାସ କରାଯାଉଛି ।

ଓଡିଶା ପାଭିଲିୟନରେ ବ୍ୟାପକ ପ୍ରଦର୍ଶନ ଅନ୍ତର୍ଭୁକ୍ତ ବିକାଶର ଦୃଷ୍ଟିକୋଣକୁ ଆହୁରି ସୁଦୃଢ଼ କରିଛି । ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସବାଇ ଘାସ କାରିଗରୀ, ଆଦିବାସୀ ଅଳଙ୍କାର, କାଗଜ ମାଚେ, ବାଜରା-ଆଧାରିତ ଉତ୍ପାଦ, ଖାଇବାକୁ ପ୍ରସ୍ତୁତ ସୁସ୍ୱାଦୁ ଖାଦ୍ୟ ଏବଂ ପାରମ୍ପରିକ ହସ୍ତଶିଳ୍ପ ସମେତ ବିଭିନ୍ନ ପ୍ରକାରର ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି। ଓରମାସ୍ ଦ୍ୱାରା କଇଁଚ ଘାସ କାରିଗରୀ, ମସଲା, ଆଚାର, କୟର କାରିଗରୀ ଏବଂ ଅନ୍ୟାନ୍ୟ ମୂଲ୍ୟଯୁକ୍ତ ଗ୍ରାମୀଣ ଉତ୍ପାଦ ପ୍ରଦର୍ଶିତ ହେଉଛି । ଗୋଣ୍ଡ ଏବଂ ଲାଞ୍ଜିଆ ସାଓରା ଚିତ୍ରକଳା, ସ୍ୱତନ୍ତ୍ର ଡୋଙ୍ଗାରିଆ କୋନ୍ଧ ଶାଲ, କ୍ଷୁଦ୍ର ବନ ଉତ୍ପାଦ ଏବଂ କୋରାପୁଟ କଫି ମାଧ୍ୟମରେ ଜନଜାତି ଐତିହ୍ୟର ପ୍ରତିନିଧିତ୍ୱ କରାଯାଇଛି ।

ଏହି ପାଭିଲିୟନ୍‌ରେ ସମ୍ବଲପୁରୀ ବସ୍ତ୍ର, ସୂତା, ଟସର ଓ ରେଶମ ସାମଗ୍ରୀ, ପଟ୍ଟଚିତ୍ର, ତାଳପତ୍ର ଖୋଦେଇ କଳା, ରୌପ୍ୟ ତାରକସି (ଫିଲିଗ୍ରୀ), ଡୋକ୍ରା ଶିଳ୍ପ, ପଥର ଓ କାଠ ଖୋଦେଇ କଳା ଏବଂ ଆପ୍ଲିକ୍ (ଚାନ୍ଦୁଆ) କାରୁକାର୍ଯ୍ୟ ଭଳି ଓଡ଼ିଶାର ସୁପ୍ରସିଦ୍ଧ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ପରମ୍ପରା ପ୍ରଦର୍ଶିତ ହୋଇଛି । ଆଇଆଇଟିଏଫ୍-୨୦୨୬ ରେ ଅଂଶଗ୍ରହଣ ମାଧ୍ୟମରେ, ଓଡ଼ିଶା ଏକ ବିକାଶମୂଳକ ଚିତ୍ର ଉପସ୍ଥାପନ କରୁଛି, ଯେଉଁଠାରେ ପାରମ୍ପରିକ ଜ୍ଞାନ, ସ୍ଥାନୀୟ ସମ୍ବଳ, ବୈଜ୍ଞାନିକ ନବସୃଜନ ଏବଂ ଉଦ୍ୟୋଗିତା ସ୍ଥାୟୀ ଅର୍ଥନୈତିକ ସୁଯୋଗ ସୃଷ୍ଟି କରୁଛନ୍ତି। ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍‌ର ହଲ୍-୩ ରେ ଅବସ୍ଥିତ ଓଡ଼ିଶା ପାଭିଲିୟନ୍ ୨୬ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ଦର୍ଶକଙ୍କ ପାଇଁ ଖୋଲା ରହିବ ।

ବଙ୍ଗୀୟ ଯାତ୍ରୀଙ୍କ ମୋବାଇଲ ଲୁଟ୍ ମାମଲାରେ ୩ ଗିରଫ

ପୁରୀ: (ସବୁ): ରୋଡ୍ କ୍ରାଇମ୍ ଅପରାଧୀଙ୍କ ବିରୋଧରେ ପୁରୀ ପୋଲିସର ଚଢ଼ାଉ ଜାରି ରହିଛି। ଦୋଳମଣ୍ଡପ ସାହି ଅଞ୍ଚଳରେ ଜଣେ ବଙ୍ଗୀୟ ଯାତ୍ରୀଙ୍କଠାରୁ ମୋବାଇଲ ଫୋନ୍ ଲୁଟ୍ ମାମଲାରେ ଟାଉନ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଲୁଟ୍ ହୋଇଥିବା ସାମସଙ୍ଗ ଗାଲାକ୍ସି ମୋବାଇଲ ଫୋନ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବ୍ରହ୍ମଗିରି ଥାନା କୁସୁପୁର ଅଞ୍ଚଳର ଦୀପକ ଭୋଇ (୨୪), ଅଭିମନ୍ୟୁ ସ୍ୱାଇଁ (୪୦) ଏବଂ ବାସେଳି ସାହି ଥାନା ଅନ୍ତର୍ଗତ ଗୋଖାସାହିର ରାଜେଶ ବେହେରା (୨୮)। ଚଳିତ ବର୍ଷ ଜାନୁଆରୀ ୨୯ ତାରିଖରେ ମେଦିନୀପୁର ଅଞ୍ଚଳରୁ ପୁରୀ ଆସିଥିବା ଯାତ୍ରୀ ସତ୍ୟଜିତ୍ ଜାନା (୨୬) ଦୋଳମଣ୍ଡପ ସାହି ରାସ୍ତାରେ ଯାଉଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ତାଙ୍କ ହାତରୁ ମୋବାଇଲ ଫୋନ୍ ଛଡ଼ାଇ ନେଇଥିଲେ। ଏ ନେଇ ସେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି କେସ୍ ନମ୍ବର ୬୧/୨୦୨୬ରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତମାନେ ବ୍ରହ୍ମଗିରି ଅଞ୍ଚଳର ହୋଇଥିବାରୁ ସେମାନଙ୍କୁ ଚିହ୍ନଟ କରିବାରେ ବିଳମ୍ବ ହୋଇଥିଲା। ଏପରିକି ଲୁଟ୍ ମୋବାଇଲଟିକୁ ମଧ୍ୟ ସେମାନେ ଦୀର୍ଘ ସମୟ ଧରି ବ୍ୟବହାର କରିନଥିଲେ। ତେବେ ପ୍ରାୟ ୧୦ ଦିନ ପୂର୍ବରୁ ଅଭିଯୁକ୍ତମାନେ ଉକ୍ତ ମୋବାଇଲକୁ ବ୍ରହ୍ମଗିରି ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ୬ ହଜାର ଟଙ୍କାରେ ବିକ୍ରି କରିଥିଲେ। ସେ ବ୍ୟକ୍ତି ମୋବାଇଲଟି ବ୍ୟବହାର କରିବା ପରେ ପୋଲିସ ତାହାର ସୁରାକ ପାଇ ଅଭିଯୁକ୍ତମାନଙ୍କ ନିକଟରେ ପହଞ୍ଚିଥିଲା। ପରେ ପୋଲିସ ତିନି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଲୁଟ୍ ମୋବାଇଲ ଫୋନ୍‌ଟିକୁ ଜବତ କରିଥିଲା। ଆଜି ସମସ୍ତ ଅଭିଯୁକ୍ତଙ୍କୁ ପୁରୀ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ପୁରୀ ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଛି।

ସମ୍ବଲପୁରରେ ଛଠ୍ ପର୍ବର 'ଉଷା ଅର୍ଘ୍ୟ'ରେ ସାମିଲ ହେଲେ ସାଂସଦ

ପ୍ରକୃତି, ସ୍ୱଚ୍ଛତା ଓ ଭାଇଚାରାର ଅନନ୍ୟ ପ୍ରତୀକ ହେଉଛି ଛଠ୍ ପର୍ବ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବୁ): ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଗସ୍ତ ଅବସରରେ ଲୋକଆସ୍ଥା ଓ ସୂର୍ଯ୍ୟ ଉପାସନାର ମହାନ ପର୍ବ 'ଛଠ୍ ପୂଜା'ର ଅନ୍ତିମ ପର୍ବ 'ଉଷା ଅର୍ଘ୍ୟ' କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ପ୍ରାତଃ କାଳରେ ଶ୍ରୀ ପ୍ରଧାନ ସମ୍ବଲପୁରର ବିଭିନ୍ନ ପୂଜା ଘାଟ ପରିଦର୍ଶନ କରିବା ସହ ଶ୍ରଦ୍ଧାଳୁମାନଙ୍କ ଗହଣରେ ରହି ଉଦୟମାନ ସୂର୍ଯ୍ୟଦେବଙ୍କୁ ପ୍ରଣାମ ଓ ଅର୍ଘ୍ୟ ଅର୍ପଣ କରିବାର ସୌଭାଗ୍ୟ ଲାଭ କରିଛନ୍ତି । ଶ୍ରୀ ପ୍ରଧାନ ସମ୍ବଲପୁରର ମାରୱାଡ଼ିପଡ଼ା ଏବଂ ମାନ୍ଦଲିଆ ଠାରେ ଆୟୋଜିତ ଛଠ୍ ପୂଜା କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରଦ୍ଧାଳୁମାନଙ୍କ ସହ ଭାବ ବିନିମୟ କରିଥିଲେ । ଏହି ଅବସରରେ ସେ କହିଛନ୍ତି ଯେ, "ଛଠ୍ ପର୍ବ ହେଉଛି ପ୍ରକୃତି, ସୂର୍ଯ୍ୟ ଉପାସନା ଏବଂ ସ୍ୱଚ୍ଛତାର ଏକ ଅନନ୍ୟ ପ୍ରତୀକ । ଚାରି ଦିନ ଧରି ଆସ୍ଥା, ଶ୍ରଦ୍ଧା ଏବଂ ନିଷ୍ଠାର ସହ ପାଳିତ ହେଉଥିବା ଏହି ମହାନ ଉତ୍ସବ ସମାଜରେ ସାମୂହିକ



ଭାଇଚାରା ଓ ଏକତାକୁ ଆହୁରି ସୁଦୃଢ଼ କରିଥାଏ । ପ୍ରକୃତିର ସଂରକ୍ଷଣ ସହ ଆମର ଏହି ପ୍ରାଚୀନ ପରମ୍ପରା ଆଗାମୀ ପିଢ଼ିକୁ ସଂସ୍କାର ଓ ଆଧ୍ୟାତ୍ମିକ ଚେତନା ସହ ଯୋଡ଼ି ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଆଜିର ଏହି ପବିତ୍ର ଦିନରେ ଶ୍ରୀ ପ୍ରଧାନ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ଏବଂ ମା' ପାଟଣେଶ୍ୱରୀଙ୍କ ମନ୍ଦିରକୁ ଯାଇ ଦର୍ଶନ ଓ ପୂଜାର୍ଚ୍ଚନା କରିଛନ୍ତି । ମା'ଙ୍କ ଆଶୀର୍ବାଦରୁ ସମଗ୍ର ଜଗତର କଲ୍ୟାଣ ହେଉ ଏବଂ ଓଡ଼ିଶାର ପ୍ରଗତି ଆହୁରି ତ୍ୱରାନ୍ୱିତ ହେଉ ବୋଲି ଶ୍ରୀ ପ୍ରଧାନ କାମନା କରିଛନ୍ତି।

ଶିବାଂଶ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ

ଜଟଣୀ, (ସବୁ): ସ୍ଥାନୀୟ ରେତଙ୍ଗ କଲୋନୀ ଅଞ୍ଚଳରେ ଅବସ୍ଥିତ ଶିବାଂଶ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍ ନିକଟ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ରେଳ ଇନଷ୍ଟିଚ୍ୟୁଟ୍ ପରିସରରେ ବର୍ଣ୍ଣାଢ୍ୟ ପରିବେଶରେ ମହାସମାରୋହରେ ପାଳିତ ହୋଇଯାଇଛି ।ଏହି ଅବସରରେ ବିଶେଷ ଅତିଥି ରୂପେ ଆନ୍ତର୍ଜାତୀୟ ଓଡ଼ିଶୀ ଏବଂ ସମ୍ବଲପୁରୀ ନୃତ୍ୟଶିଳ୍ପୀ, ଶିକ୍ଷକ ତଥା କୋରିଓଗ୍ରାଫର ଗୁରୁ ରିଙ୍କୁ କୁମାର ସାହୁ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବାଦ ଓ ଉତ୍ସାହିତ କରିଥିଲେ । ଅତିଥି ରୂପେ ଓଡ଼ିଶୀ ଗୁରୁ ବିଜୟ ସାମଲ ଯୋଗ ଦେଇଥିଲେ ।ଡ୍ୟାନ୍ସ ଏକାଡେମୀର ସଭାପତି ଭାଗବତ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ହରପ୍ରିୟା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉପସ୍ଥାପକ ରୂପେ ଶର୍ମିଷ୍ଠା ରଥ ଦାୟିତ୍ୱ ତୁଲାଇଥିଲେ ଏବଂ ଡ୍ରଙ୍ଗ ପ୍ରତିଯୋଗିତାର ଜଜ୍ ରୂପେ ସୁରଭି ଷଡଙ୍ଗୀ ଯୋଗ ଦେଇଥିଲେ ।ଏହି ବାର୍ଷିକ ଉତ୍ସବରେ ନୃତ୍ୟ ଗୁରୁ ବିଭୁ ପ୍ରସାଦ ବେହେରାଙ୍କ ଉଚ୍ଚ ଶିକ୍ଷଣୀୟ ଦ୍ୱାରା ଏକାଡେମୀର କୁନି କୁନି କଳାକାରମାନେ ଓଡ଼ିଶୀ, ସମ୍ବଲପୁରୀ ଓ ଆଧୁନିକ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ ।

ବିଦ୍ୟୁତ୍ ତାର ଚୋରି, ଅନ୍ଧାରରେ ବାଗଡ଼ିଆପଡ଼ାବାସୀ

ସମ୍ବଲପୁର,(ସବୁ): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଓ୍ୱାର୍ଡ ନଂ-୨୮ ବାଗଡ଼ିଆପଡ଼ା ଅଞ୍ଚଳରୁ ବିଦ୍ୟୁତ୍ ତାର ଚୋରି ହୋଇଛି । ଫଳରେ ସମ୍ପୂର୍ଣ୍ଣ ଅଞ୍ଚଳ ଅନ୍ଧାରରେ ରହିଛି । କେହି ଦୁର୍ବୃତ୍ତ ୧୧ କେଭି ବିଦ୍ୟୁତ୍ ଲାଇନ୍‌ର ପ୍ରାୟ ୧୦ଟି ସ୍ପାନ୍‌ର କଣ୍ଡକଫର ତାର ଚୋରି କରି ନେଇଥିବା ଅଇଁଠାପାଲି ଥାନାରେ ଲିଖିତ ଅଭିଯୋଗ ହୋଇଛି । ବିଦ୍ୟୁତ୍ ନଥିବାରୁ ଅଞ୍ଚଳବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଅଞ୍ଚଳ ସମ୍ବଲପୁର ମହାନଗର ନିଗମ ଅଧୀନରେ ରହିଛି । ଏଥିସହ ସହରର ମଧ୍ୟଭାଗରେ ଅବସ୍ଥିତ । ତେବେ ପୋଲିସ ପାଟ୍ରୋଲିଂ କଡାକଡି ଭାବେ ହେଉନଥିବାରୁ ଏଭଳି ବଡ ଧରଣର ଚୋରି ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ତେବେ ଏହି ଘଟଣାର ତୁରନ୍ତ ତଦନ୍ତ କରି ଚୋରଙ୍କୁ ଗିରଫ କରିବା ସହ ଚୋରି ହୋଇଥିବା ବିଦ୍ୟୁତ୍ ତାର ଉଦ୍ଧାର ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବାକୁ ସାଧାରଣରେ ଦାବି ହେଉଛି ।

ଓଡ଼ିଶାରେ ରେଳ ଚଳାଚଳରେ ବିଳମ୍ବ ଓ ଯାତ୍ରୀମାନଙ୍କ ଦୁର୍ଦ୍ଦଶା

ଇସ୍ପାତ ଟ୍ରେନକୁ ସୁପରଫାଷ୍ଟ ମାନ୍ୟତା ଫେରାଇ ଦିଅ

ଭୁବନେଶ୍ୱର,(ସବୁ): ବର୍ତ୍ତମାନ ସମୟରେ ଓଡ଼ିଶା ଦେଇ ଚଳାଚଳ କରୁଥିବା ଅଧିକାଂଶ ଯାତ୍ରୀବାହୀ ଟ୍ରେନ ନିୟମିତ ଭାବେ ବିଳମ୍ବରେ ଚାଲୁଥିବାରୁ ଯାତ୍ରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମାଲ ପରିବହନକୁ ଅଧିକ ଗୁରୁତ୍ୱ ଦେଇ ଯାତ୍ରୀବାହୀ ଟ୍ରେନଗୁଡ଼ିକୁ ଅବହେଳା କରାଯାଉଥିବାରୁ ସେଗୁଡ଼ିକ ଘଣ୍ଟାଘଣ୍ଟା ବିଳମ୍ବରେ ଚାଲୁଛି ବୋଲି ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ଅଭିଯୋଗ କରିଛନ୍ତି । ସୋମବାର ମଧ୍ୟାହ୍ନରେ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଛନ୍ତି ୨୦୨୬-୨୭ ଆର୍ଥିକ ବର୍ଷର ଅଗଷ୍ଟ ମାସ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ଅଧୀନରେ ମାତ୍ର ୪୩.୪୦% ଟ୍ରେନ ଠିକ ସମୟରେ ଚଳାଚଳ କରିଛି । ଅର୍ଥାତ୍ ଅଧାରୁ ଅଧିକ ଟ୍ରେନ ବିଳମ୍ବରେ ଚାଲିଛି । ଖଣିଜ ସମ୍ପଦ ଓ ଶିଳ୍ପ ସାମଗ୍ରୀ ପରିବହନରୁ ଅଧିକ ରାଜସ୍ୱ ଆଦାୟ କରିବା ଲକ୍ଷ୍ୟରେ ରେଳ କର୍ତ୍ତୃପକ୍ଷ ଯାତ୍ରୀବାହୀ ଟ୍ର

ଫେଡେରାଲ ବ୍ୟାଙ୍କ

ହାଇଦ୍ରାବାଦ ଜୋନାଲ ଅଫିସ

ଷଷ୍ଠ ମହଲା, ଏମସିଏମ ଟାଉନ ସ୍କୋୟାର ମଲ, ରୋଡ ନଂ.୧ ବ୍ରାରକାପୁରା, ପୁଞ୍ଜାଗୁଟ୍ଟା, ହାଇଦ୍ରାବାଦ,ତେଲେଙ୍ଗାନା-୫୦୦୮୨
ଇ-ମେଲ- hydz@federalbank.bank.in

ସୁନା ନିଲାମ ପାଇଁ ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ଦ୍ୱାରା ସାଧାରଣ ଜନତା ବିଶେଷକରି ଋଣଗ୍ରହିତାମାନଙ୍କୁ ଜଣାଇ ବିଆଯାଇଅଛି ଯେ ନିମ୍ନଲିଖିତ ସ୍ୱର୍ଣ୍ଣଋଣ ପରିଶୋଧ କରିବାରେ ଏବଂ ବାରମ୍ବାର ନୋଟିସ ଯିବା ସତ୍ତ୍ୱେ ନିର୍ଦ୍ଧାରିତ ସମୟରେ ସ୍ୱର୍ଣ୍ଣ ଅଳଙ୍କାର ଫେରାଇ ନେବାରେ ଋଣଗ୍ରହିତାମାନେ ବିଫଳ ହୋଇଛନ୍ତି ।

ଖୋଲାପି ସ୍ୱର୍ଣ୍ଣ ଋଣ ଆକାଉଣ୍ଟଗୁଡ଼ିକର ବିବରଣୀ ନିମ୍ନରେ ପ୍ରଦତ୍ତ।

କ୍ର. ନଂ.	ଋଣଗ୍ରହିତାଙ୍କ ନାମ	ଋଣ ଆକାଉଣ୍ଟ ନଂ	ମୋଟ ଗଚ୍ଛିତ ପରିମାଣ ୧୩.୧୧.୨୦୨୬ ସୁଦ୍ଧା
ଶାଖା: ଅନୁଗୁଳ, ଶଙ୍କର ସିନେମା ରୋଡ଼, ଅନୁଗୁଳ ଟାଉନ, ଅନୁଗୁଳ- ୭୫୯୧୨୨			
1	Aditya Kumar	20226400184765	Rs.4,73,315.00
2	Aditya Narayan Tripathy	20226900013563	Rs.29,770.00
3	Aditya Narayan Tripathy	20226900015972	Rs.28,416.12
4	Ajay Mohanty	20226900006997	Rs.95,781.70
5	Ajay Mohanty	20226900010916	Rs.3,14,797.45
6	Ajay Mohanty	20226900016822	Rs.1,60,146.00
7	Ajit Pradhan	20226900018166	Rs.1,66,314.00
8	Ajit Pradhan	20226900018745	Rs.62,770.00
9	Akash Gochhayat	20226400182470	Rs.2,58,315.00
10	Anil Das	20226400184401	Rs.1,02,893.68
11	Anil Das	20226400185283	Rs.8,13,540.00
12	Anil Kumar Naik	20226900019024	Rs.17,27,476.36
13	Anil Kumar Tulsiyan	20226400181837	Rs.5,30,776.97
14	Anita Sahu	20226400185606	Rs.13,11,213.00
15	Anjali Das	20226900016830	Rs.1,36,291.46
16	Anjali Das	20226900019495	Rs.2,33,770.00
17	Ashwin Garnayak	20226900006054	Rs.97,683.00
18	Ashwin Garnayak	20226900007771	Rs.1,15,203.24
19	Asifa Afroj	20226900005122	Rs.2,00,315.00
20	Banambar Sahu	20226400185747	Rs.14,27,659.24
21	Bikash Das	20226400182835	Rs.4,61,570.98
22	Bikash Das	20226900010734	Rs.91,707.00
23	Bikash Das	20226900014009	Rs.56,770.00
24	Binod Naik	20226900003002	Rs.33,191.83
25	Binod Naik	20226900005262	Rs.29,315.00
26	Biren Chandra Sahu	20226900017929	Rs.6,03,315.00
27	Bishnu Charan Kudui	20226900003788	Rs.23,070.00
28	Bishnu Charan Kudui	20226900010783	Rs.95,581.80
29	Debesh Prasad Dash	20226900015923	Rs.1,52,340.72
30	Debu Sahoo	20226400185457	Rs.19,55,743.00
31	Deepak Agarwalla	20226900017952	Rs.1,37,135.50
32	Deepak Agarwalla	20226900021921	Rs.22,45,770.00
33	Deepak Agarwalla	20226900021970	Rs.10,20,770.00
34	Deepak Agarwalla	20226900022358	Rs.85,770.00
35	Durga Charan Dalai	20226400185598	Rs.6,58,303.00
36	Itishri Tarai	20226900018570	Rs.1,02,315.00
37	Itishri Tarai	20226900018588	Rs.5,01,315.00
38	Jayanti Nayak	20226900007177	Rs.1,61,216.00
39	Jayanti Nayak	20226900010502	Rs.1,51,628.68
40	Jhunu Sahoo	20226900014504	Rs.6,93,315.00
41	Jitu Sahu	20226900016574	Rs.1,68,363.76
42	Jyohnamayee Pradhan	20226400182520	Rs.4,07,315.00
43	Jyoti Agarwal	20226400185341	Rs.17,84,315.00
44	Jyoti Agarwal	20226400185515	Rs.6,92,315.00
45	Jyoti Agarwal	20226900018513	Rs.2,58,315.00
46	Kalindi Charan Behera	20226400185101	Rs.9,89,662.52
47	Kalpana Nayak	20226900006567	Rs.1,02,098.00
48	Kalu Gochhayat	20226900005536	Rs.41,715.00
49	Kalyani Nayak	20226900007896	Rs.1,06,685.40
50	Kiran Das	20226400185929	Rs.15,52,014.55
51	Krishnapriya Nayak	20226900015915	Rs.3,66,806.00
52	Lipu Behera	20226900015576	Rs.92,123.00
53	Lulendu Sahu	20226900005593	Rs.87,315.00
54	Madan Mohan Mohanty	20226400185846	Rs.19,13,059.00
55	Madhusmita Sahoo	20226900015352	Rs.4,23,367.32
56	Mamata Naik	20226900005361	Rs.77,115.00
57	Manas Biswal	20226900015188	Rs.8,54,781.69
58	Manas Ranjan Biswal	20226900015584	Rs.99,654.00
59	Narendra Kumar Sahu	20226900006872	Rs.1,15,315.00
60	Narendra Kumar Sahu	20226900014769	Rs.3,32,315.00
61	Narendra Kumar Sahu	20226900014785	Rs.64,270.00
62	Narendra Kumar Sahu	20226900019818	Rs.40,270.00
63	Nirmal Naik	20226400182686	Rs.2,46,315.00
64	Nrusingha Charan Jena	20226900007813	Rs.97,490.70
65	Pabitra Mohan Mishra	20226900014744	Rs.5,75,315.00
66	Pinki Dehury	20226900016244	Rs.2,55,152.00
67	Pradeep Kumar Pradhan	20226900016582	Rs.5,15,059.93
68	Pradeep Kumar Pradhan	20226900018984	Rs.1,52,770.00
69	Pradeep Kumar Pradhan	20226900022093	Rs.1,16,770.00
70	Purusottam Nayak	20226900008084	Rs.66,660.40
71	Purusottam Nayak	20226900011377	Rs.1,11,770.00
72	Purusottam Nayak	20226900019677	Rs.1,86,770.00
73	Rakesh Kumar Sahu	20226900003176	Rs.3,68,546.84
74	Ram Ranjan Pradhan	20226900016046	Rs.6,02,882.34
75	Ranajit Dehury	20226900015816	Rs.35,765.30
76	Ranajit Dehury	20226900020345	Rs.19,770.00
77	Sagar Dwivedy	20226900015063	Rs.2,15,315.00
78	Sanjitkumar Pattanayak	20226400185853	Rs.9,75,362.88
79	Sankar Prusty	20226900014314	Rs.1,52,770.00
80	Sankar Prusty	20226900016400	Rs.16,81,765.21
81	Santosh Kumar Jena	20226900006955	Rs.23,340.90
82	Santosh Kumar Jena	20226900009892	Rs.34,815.00
83	Santosh Kumar Jena	20226900015592	Rs.1,46,065.00
84	Santosh Kumar Jena	20226900016608	Rs.77,968.00
85	Santosh Kumar Jena	20226900020816	Rs.21,770.00
86	Santosh Subudhi	20226900012680	Rs.8,39,532.01
87	Sarat Pani	20226400183304	Rs.7,67,426.78
88	Silan Sekhar Behera	20226900016509	Rs.80,958.24
89	Soumyajit Amanta	20226400185416	Rs.18,50,150.00
90	Sradhanjali Puhan	20226400185408	Rs.2,59,547.94
91	Sradhanjali Puhan	20226900004893	Rs.66,280.00
92	Sradhanjali Puhan	20226900009850	Rs.81,002.00
93	Sradhanjali Puhan	20226900016202	Rs.1,08,539.00
94	Suchitra Behera	20226400180979	Rs.9,50,585.00
95	Suchitra Behera	20226400182884	Rs.2,55,315.00
96	Suchitra Behera	20226900006476	Rs.1,21,030.71
97	Sujata Chaulia	20226900011492	Rs.1,42,770.00
98	Sujata Chaulia	20226900012532	Rs.1,66,770.00
99	Sujata Chaulia	20226900019180	Rs.1,57,104.46
100	Suraj Khan	20226400183510	Rs.21,12,743.30
101	Swati Kumari Gupta	20226900018620	Rs.12,71,626.33
102	Tapas Kumar Mahapatra	20226400185499	Rs.18,46,894.56
103	Tapas Kumar Mahapatra	20226900013340	Rs.3,49,770.00
ଶାଖା: ବାଲେଶ୍ୱର, ଗ୍ରାଉଣ୍ଡ ଫ୍ଲୋର, ସିଟି ପ୍ଲାଜା, ବିବେକାନନ୍ଦ ମାର୍ଗ, ବାଲେଶ୍ୱର ଟି ଓଡ଼ିଶା- ୭୫୦୦୦୧			
1	Akshaya Kumar Ghosh	21556900006475	Rs.2,25,085.00
2	Birendra Barik	21556400097370	Rs.23,78,356.00
3	Birendra Barik	21556900007259	Rs.12,84,754.00
4	Birendra Barik	21556900007267	Rs.8,55,918.00
5	Chandan Dash	21556400101941	Rs.63,100.00
6	Chandan Dash	21556400105942	Rs.12,08,245.00
7	Farhan Shaikh	21556400103566	Rs.3,69,465.00
8	Farhan Shaikh	21556400103574	Rs.2,87,815.00
9	Laxmi Kanta Panda	21556400101958	Rs.3,81,937.81
10	Laxmi Kanta Panda	21556400102899	Rs.5,58,270.00
11	Sambhu Dayal Khandelwal	21556400100562	Rs.2,95,315.00
12	Subhalaxmi Barik	21556400101354	Rs.7,34,588.00
13	Subhalaxmi Barik	21556400101362	Rs.7,59,517.40
14	Subhalaxmi Barik	21556900009198	Rs.38,83,250.00
15	Subhashree Pandia	21556400099806	Rs.6,06,640.00
ଶାଖା: ବାରିପଦା, ଖ୍ରାଡ଼ ନଂ-୮, ଏ୧- ଦେବଜସାହି ପିଓ, ବାରିପଦା, ମୟୂରଭଞ୍ଜ, ଓଡ଼ିଶା- ୭୫୭୦୦୧			
1	Prasanta Mohakud	22206900000495	Rs.82,238.00
2	Prasanta Mohakud	22206900001006	Rs.72,270.00
3	Prasanta Mohakud	22206900001279	Rs.2,05,509.59
4	Sudhansu Kumar Mohapatra	22206400012768	Rs.96,544.00
5	Sudhansu Kumar Mohapatra	22206900000990	Rs.80,000.00
6	Sudhansu Kumar Mohapatra	22206900001758	Rs.86,828.80
ଶାଖା: ଭଦ୍ରକ, ଗ୍ରାଉଣ୍ଡ ଫ୍ଲୋର, ଅବିତି କମର୍ସିଆଲ କମ୍ପ୍ଲେକ୍ସ, ପାର୍ଶ୍ୱ ବିଶ୍ୱାଳ ସେଲ୍ସ କର୍ପୋରେସନ, ଗୋପବନ୍ଧୁ ନଗର, ତରମ୍ବା ପୋ.- ଭଦ୍ରକ, ଓଡିଶା- ୭୫୬୧୦୧			
1	Ahalya Das	20236900003217	Rs.50,315.00
2	Bhagirathi Rout	20236400091134	Rs.1,61,693.90
3	Bisabhanu Rudranarayan Panigrahi	20236400092249	Rs.24,00,315.00
4	Biswajit Khandai	20236900008646	Rs.1,22,346.32
5	Dibyasingh Rout	20236900011723	Rs.2,13,689.36
6	Farzana Quadri	20236900004363	Rs.74,770.00
7	Farzana Quadri	20236900007648	Rs.42,520.00
8	Farzana Quadri	20236900007754	Rs.80,266.90
9	Farzana Quadri	20236900007846	Rs.83,815.00
10	Farzana Quadri	20236900009917	Rs.33,870.00
11	Geetanjali Das	20236900009172	Rs.7,73,194.30
12	Jayadev Panda	20236900008059	Rs.2,23,315.00
13	Kamala Kanta Panda	20236400093551	Rs.15,36,000.00
14	Kamala Kanta Panda	20236400093957	Rs.5,54,000.00
15	Keshab Gahan	20236900007937	Rs.60,815.00
16	Madhab Chandra Pal	20236400092918	Rs.4,52,972.38
17	Madhusmita Tripathy	20236400092157	Rs.1,01,315.00
18	Manas Kuimar Sahu	20236900003878	Rs.73,909.74
19	Manasi Nayak	20236900008232	Rs.1,37,315.00
20	Manasi Nayak	20236900008240	Rs.80,315.00
21	Manoj Kumar Das	20236400092363	Rs.15,73,632.25
22	Md Nadimur Raheman	20236400092231	Rs.1,54,315.00
23	Nagma Bibi	20236900007655	Rs.1,50,315.00
24	Najibun Bibi	20236400093122	Rs.7,36,315.00
25	Namita Rout	20236900004249	Rs.1,05,638.50
26	Namita Rout	20236900007010	Rs.1,52,770.00
27	Namita Rout	20236900007333	Rs.1,12,766.00
28	Narendra Sahoo	20236900003019	Rs.40,315.00
29	Pradeep Kumar Satapathy	20236900009321	Rs.81,657.70
30	Pradeep Kumar Satapathy	20236900012044	Rs.46,370.00
31	Priti Madhuri Behera	20236900003654	Rs.54,033.56
32	Purna Chandra Mohanty	20236400090672	Rs.3,25,315.00
33	Rahul Karnani	20236900003092	Rs.1,44,315.00
34	Rashmi Ranjan Panda	20236900002987	Rs.62,216.00
35	Rasmita Majhi	20236900004165	Rs.61,912.14
36	Sabyasachi .	20236900003415	Rs.1,39,458.67
37	Sahid Khan	20236900006087	Rs.38,713.63
38	Sahnaz Bibi	20236900008950	Rs.65,125.74
39	Sahnaz Bibi	20236900011087	Rs.52,370.00
40	Sakiruddin Khan	20236900009198	Rs.1,18,658.72
41	Saraswati Parida	20236900009149	Rs.2,12,839.60
42	Sasmita Sethi	20236900008042	Rs.70,815.00
43	Subhabrata Jena	20236900001443	Rs.35,685.77
44	Subhabrata Jena	20236900009131	Rs.2,84,560.14
45	Subhabrata Jena	20236900010972	Rs.1,09,770.00
46	Sujata Rani Biswal	20236400093601	Rs.12,82,000.00
47	Sukanta Chandra Nayak	20236900003050	Rs.1,20,315.00
48	Sukanta Chandra Nayak	20236900006129	Rs.1,81,256.88
49	Sushanta Kumar Jena	20236900009107	Rs.3,59,119.10
50	Tapan Kumar Ojha	20236900008836	Rs.90,613.79
ଶାଖା: ଭୁବନେଶ୍ୱର/ଚତୁଃଶୋଖରପୁର, ଶିଳ୍ପାସୀମା ଜନ୍ଷୁକ୍ସନ ପ୍ରା.ଲିଃ, ପ୍ଲଟ ନଂ. ୩୫୩/୧୮୩୩/୨୦୮୭, ସିଇବି କଲେଜ ସାମ୍ନା, ଇନ୍‌ଫୋସିସି ରୋଡ଼, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା-୭୫୧୦୨୪			
1	Abhisek Mohapatra	23116400030737	Rs.18,97,045.00
2	Abhisek Mohapatra	23116400030745	Rs.4,71,045.00
3	Ajaya Parida	23116400031495	Rs.1,22,194.00
4	Alisha Majhi	23116400031347	Rs.25,37,779.00
5	Ayush Tripathy	23116400030596	Rs.8,16,315.00
6	Ayush Tripathy	23116400031974	Rs.4,30,370.00
7	Debasis Mondal	23116400030760	Rs.6,60,242.00
8	Debasis Mondal	23116400030778	Rs.5,37,053.38
9	Deepak Kumar Mahapatra	23116400028541	Rs.22,47,885.00
10	Dhanee Sethi	23116900001725	Rs.38,270.00
11	Gayatriprava Moharana	23116400030539	Rs.14,37,270.00
12	Giridhari Rout	23116400031578	Rs.3,80,413.00
13	Giridhari Rout	23116400031586	Rs.16,57,025.11
14	Jyotsnarani Nanda	23116400030430	Rs.25,06,477.94
15	Kamakshya Prasad Dalai	23116400030349	Rs.80,859.18
16	Kamakshya Prasad Dalai	23116400030356	Rs.1,09,821.00
17	Kuni Sahoo	23116400031693	Rs.70,177.00
18	Kuni Sahoo	23116400031719	Rs.14,35,781.00
19	Kuni Sahoo	23116400031727	Rs.63,787.00
20	Kuni Sahoo	23116400031735	Rs.2,20,354.00
21	Laren Choudhury	23116400030455	Rs.25,43,527.59
22	Lipsarani Mahapatra	23116400029648	Rs.25,62,177.90
23	Mahima Prasad Rout	23116400029135	Rs.4,70,315.00
24	Mangala Prasad Pradhan	23116400028152	Rs.2,05,045.00
25	Mangala Prasad Pradhan	23116400029267	Rs.15,95,045.00
26	Manorama Pradhan	23116400029499	Rs.12,98,315.00
27	Mithun Swain	23116900001212	Rs.37,006.00
28	Mithun Swain	23116900001675	Rs.2,38,386.00
29	Nirad Kumar Nanda	23116400030406	Rs.1,07,304.00
30	Nirad Kumar Nanda	23116400030414	Rs.48,905.72
31	Nirad Kumar Nanda	23116400030448	Rs.1,09,904.00
32	Nirad Kumar Nanda	23116400031800	Rs.67,827.00
33	Niranjan Behera	23116900001618	Rs.59,789.00
34	Niranjan Behera	23116900001626	Rs.1,89,294.51
35	Niranjan Behera	23116900002053	Rs.44,200.00
36	Niranjan Behera	23116900002137	Rs.24,960.00
37	Niranjan Behera	23116900002178	Rs.38,010.00
38	P.Benumadhaba Subudhi	23116400029887	Rs.1,91,779.00
39	P.Benumadhaba Subudhi	23116400032113	Rs.22,17,500.00
40	Parbati Mishra	23116400031461	Rs.25,26,593.00
41	Pranaya Kumar Mahapatra	23116400029655	Rs.25,64,930.05
42	Priyadarshini Dalai	23116400029408	Rs.2,68,942.00
43	Priyadarshini Dalai	23116400029564	Rs.83,107.00
44	Priyadarshini Dalai	23116400030612	Rs.3,06,900.18
45	Priyadarshini Dalai	23116400030620	Rs.2,88,445.00
46	Priyadarshini Dalai	23116400030877	Rs.5,03,094.00
47	Priyadarshini Dalai	23116400030919	Rs.2,23,985.00
48	Priyadarshini Dalai	23116400031255	Rs.1,40,352.00
49	Priyadarshini Dalai	23116400031628	Rs.2,77,490.00
50	Priyadarshini Dalai	23116400031867	Rs.1,00,928.00
51	Priyadarshini Dalai	23116400032188	Rs.2,70,308.00
52	Rajesh Kumar Das	23116400030380	Rs.7,62,112.55
53	Rajesh Kumar Das	23116400030398	Rs.4,11,324.00
54	Rajesh Rout	23116400030422	Rs.22,00,337.63
55	Sanatana Mahapatra	23116400029630	Rs.25,61,493.55
56	Santosh Pattanaik	23116900001055	Rs.37,042.15
57	Saumya Ranjan Mishra	23116400029929	Rs.2,03,271.27
58	Senorita Singh	23116900001535	Rs.52,565.00
59	Senorita Singh	23116900001634	Rs.54,360.00
60	Sonali Sahoo	23116400030968	Rs.10,67,073.90
61	Sonali Sucharita Tripathy	23116400029093	Rs.3,62,666.82
62	Sonali Sucharita Tripathy	23116400029994	Rs.10,65,175.00
63	Sunita Rout	23116400030844	Rs.22,19,469.30
64	Suresh Khatua	23116400030463	Rs.2,18,770.00
65	Suresh Khatua	23116400030513	Rs.7,59,315.00
66	Suresh Khatua	23116400030836	Rs.6,90,315.00
67	Tanmaya Rout	23116400028558	Rs.7,10,815.00
68	Tanmaya Rout	23116400028673	Rs.4,06,315.00
69	Tapaswini Nayak	23116400031487	Rs.11,48,076.14
70	Tapaswini Nayak	23116400031545	Rs.8,42,298.00
71	Tapaswini Nayak	23116400032238	Rs.1,55,250.00
72	Tofan Kumar Bishoi	23116400031503	Rs.25,40,052.52
73	Uttama Mohanty	23116400029390	Rs.25,35,851.18
74	Vinita More	23116400028590	Rs.5,83,229.00
75	Vinita More	23116900001261	Rs.55,000.00
76	Vinita More	23116900001519	Rs.8,71,023.00
77	Vinita More	23116900001691	Rs.2,60,313.69
78	Vinita More	23116900001840	Rs.2,02,913.00
79	Vinita More	23116900001907	Rs.1,14,494.00
ଶାଖା: ଭୁବନେଶ୍ୱର/ କଲ୍ପନା ଛକ, ୬୨ ବୁଦ୍ଧ ନଗର, କଟକ ରୋଡ଼, କଲ୍ପନା ଛକ, ଭୁବନେଶ୍ୱର, ଖୋର୍ଦ୍ଧା- ୭୫୧୦୦୬			
1	Chinari Sridhar Patro	15136900002127	Rs.52,51,682.60
2	Gadadhara Samantaray	15136400039710	Rs.3,87,054.92
3	Kusumlata Sethy	15136900002846	Rs.4,53,084.19
4	Mamata Swain	15136400037805	Rs.48,538.71
5	Mamata Swain	15136400039991	Rs.6,15,647.00
6	Sanjit Mohanty	15136900003299	Rs.1,09,969.56
7	Sushri Subhadarsini	15136400040247	Rs.24,01,770.00
8	Sushri Subhadarsini	15136900003067	Rs.24,159.98
ଶାଖା: ଭୁବନେଶ୍ୱର, ୧୪ ବି, ୧ମ ମହଲା, ଜନପଥ, ବାପୁଜୀନଗର, ଭୁବନେଶ୍ୱର, ଓଡ଼ିଶା- ୭୫୧୦୦୯			
1	Ayudh Patnaik	12326400029935	Rs.3,51,815.00
2	Bikash Dash	12326400031964	Rs.20,30,625.06
3	Bishnu Priya Karua	12326400030370	Rs.8,01,815.00
4	Chandrakanta Tarasia A	12326400031360	Rs.18,41,815.00
5	Chandrakanta Tarasia A	12326400032764	Rs.2,42,439.35
6	Harekrushna Behera	12326900008652	Rs.73,356.65
7	Janmejaya Jena	12326900010005	Rs.96,643.36
8	Jyotsna Mishra	12326400030644	Rs.9,72,799.30
9	Jyotsna Mishra	12326400032798	Rs.2,49,750.00
10	Kuni Sahoo	12326400031303	Rs.1,62,865.00
11	Kuni Sahoo	12326900010039	Rs.26,221.50
12	Lalata Keshari Pradhan	12326400032152	Rs.11,64,735.16
13	Lipsarani Mishra	12326400030685	Rs.12,23,192.00
14	Manas Kumar Sahoo	12326900008991	Rs.1,86,509.00
15	Manas Kumar Sahoo	12326900009890	Rs.74,568.10
16	Manaswini Pradhan	12326400031238	Rs.14,88,125.90
17	Nityananda Mangaraj	12326400032723	Rs.18,32,716.50
18	Pratima Mohanty	12326400030453	Rs.4,76,581.00
19	Rakesh Kumar Jena	12326400030883	Rs.3,09,771.10
20	Ramakanta Mohapatra	12326400032053	Rs.21,26,292.00
21	Rinkyrani Prusty	12326400031691	Rs.8,63,878.40
22	Santosh Kumar Hazra	12326400031824	Rs.21,10,895.24
23	Santosh Kumar Hazra	12326900011631	Rs.75,076.67
24	Subhendu Kumar Das	12326900010054	Rs.1,07,483.24
25	Sushant Nayak	12326400028549	Rs.3,86,648.00
26	Sushant Nayak	12326900010047	Rs.55,794.60
27	Sushant Nayak	12326900012431	Rs.1,26,770.00
28	Susmita Mohapatra	12326400030271	Rs.2,71,815.00
29	Susmita Mohapatra	12326400031063	Rs.2,91,815.00
30	Urbasi Biswal	12326400030131	Rs.6,47,815.00
31	Urbasi Biswal	12326400030446	Rs.4,50,315.00
32	Urbasi Biswal	12326400030693	Rs.7,21,815.00
33	Urbasi Biswal	12326400031048	Rs.3,31,815.00
ଶାଖା: ବ୍ରହ୍ମପୁର, କମାସ୍ ଇଜି ବିଲ୍ଡିଂ, ଟାଟା ବେଞ୍ଚ ଛକ, ଜଣାଶ ହସ୍ପିଟାଲ ରୋଡ଼, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା - ୭୬୦୦୦୫			
1	Dilip Kumar Jena	24036400010761	Rs.7,00,315.00
2	Sudam Patro	24036100000633	Rs.18,090.00
3	Sudam Patro	24036900000460	Rs.90,270.00
ଶାଖା: କଟକ, ବଜ୍ରକବାଟି ରୋଡ଼, ପେଟ୍ରୋଲ ପମ୍ପ ପାର୍ଶ୍ୱ, କଟକ, ଓଡ଼ିଶା- ୭୫୩୦୦୧			
1	Debjani Sen	13775600004115	Rs.57,40,167.00
2	Debjani Sen	13776900011586	Rs.75,870.00
3	Gautam Choudhury	13776400095980	Rs.5,20,372.00
4	Gautam Choudhury	13776400095998	Rs.19,48,252.95
5	Gautam Das	13776400096681	Rs.14,94,010.44
6	Jasobanta Roul	13776100046143	Rs.2,58,396.00
7	Jasobanta Roul	13776900008905	Rs.4,28,998.72
8	Jitendra Mallick	13776400097069	Rs.7,74,360.00
9	Jyotsnarani Naik	13776900008574	Rs.1,82,329.74
10	Jyotsnarani Naik	13776900008871	Rs.1,19,081.00
11	Kishor Kumar Behera	13776400097085	Rs.21,72,411.13
12	P.Swati Ganga	13776900006420	Rs.1,38,342.94
13	Rinarani Brahma	13776400095154	Rs.2,52,909.00
14	Sanjukta Behera	13776400096863	Rs.2,14,770.00
15	Sanjukta Behera	13776400096871	Rs.1,37,545.00
16	Sanjukta Behera	13776400096889	Rs.3,96,315.00
17	Satyabrata Behera	13776400097044	Rs.11,44,260.00
18	Sharmila Sen	13776400097390	Rs.12,14,770.00
19	Sharmila Sen	13776900008590	Rs.46,56,231.00
20	Sharmila Sen	13776900009507	Rs.3,91,955.00
21	Subrata Samantaray	13776900008541	Rs.3,41,309.00
22	Sukanti Samal	13776400095162	Rs.7,28,266.96
23	Taramani Behera	13776400097036	Rs.12,19,360.00
ଶାଖା: କଟକ/ ଚୌଧୁରୀ ବଜାର, ନୟା ସଡ଼କ, କଟକ, ଓଡ଼ିଶା- ୭୫୩୦୦୨			
1	Bhikari Charan Biswal	26186400003270	Rs.13,11,362.60
2	Bhikari Charan Biswal	26186400003411	Rs.8,00,143.00
3	Biswajit Pradhan	26186400003262	Rs.16,48,043.66
4	P. Raj Sekhar Rao	26186400003163	Rs.18,85,315.00
5	Rakesh Kumar Jain	26186400002744	Rs.3,60,000.00
6	Rakesh Kumar Jain	26186900000560	Rs.2,63,000.00
7	Satya Bhusan Pati	26186400002231	Rs.2,36,315.00
8	Satyabrata Behera	26186400003700	Rs.35,270.00
9	Sk Torijul	26186400003429	Rs.17,53,126.00
10	Taramani Behera	26186400003460	Rs.4,50,315.00
ଶାଖା: ଢେଙ୍କାନାଳ, ଚରଦବଜାର, ଏନ୍‌ଏଚ୍‌ଏ ଶାସନ ଛକ, ଜିଲ୍ଲା ହେଡ୍‌କ୍ୱାଟର ହସ୍ପିଟାଲ ନିକଟ, ଢେଙ୍କାନାଳ ପିଓ, ଓଡ଼ିଶା- ୭୫୯୦୦୧			
1	Banita Sahu	21606900001719	Rs.30,175.48
2	Banita Sahu	21606900001974	Rs.42,791.00
3	Banita Sahu	21606900007625	Rs.2,01,000.00
4	Devi Prasad Das	21606900001628	Rs.35,513.11
5	Girish Chandra Swain	21606400050414	Rs.4,07,275.00
6	Girish Chandra Swain	21606900006411	Rs.1,50,700.00
7	Girish Chandra Swain	21606900008185	Rs.3,30,000.00
8	Himansu Behera	21606900002972	Rs.2,37,689.80
9	Jit Pramit Pradhan	21606900001412	Rs.1,99,912.00
10	Laxmi Behera	21606000001511	Rs.21,513.01
11	Lipi Sahoo	21606900001602	Rs.74,525.00
12	Nihar Ranjan Mallick	21606900001529	Rs.1,33,905.00
13	Nirmal Rout	21606100007581	Rs.1,14,286.00
14	Nirmal Rout	21606100007995	Rs.56,236.00
15	Nirmal Rout	21606100009710	Rs.1,28,373.00
16	Nirmal Rout	21606900004143	Rs.44,590.00
17	Nirmal Rout	21606900004846	Rs.56,500.00
18	Rajib Sahani	21606900001362	Rs.25,870.00
19	Rameswari Dash	21606900001099	Rs.2,02,296.00
20	Rameswari Dash	21606900001669	Rs.28,842.00
21	Rameswari Dash	21606900003509	Rs.1,73,547.00
22	Sakrajit Barik	21606900007401	Rs.3,00,000.00
23	Sandhyarani Behera	21606900002840	Rs.1,85,879.00
24	Sanjay Kumar Mohapatra	21606100010254	Rs.40,578.00
25	Sanjay Kumar Mohapatra	21606900000166	Rs.93,500.00
26	Sanjay Kumar Mohapatra	21606900000273	Rs.45,545

ଆସ୍ଥା ଓ ବିଶ୍ୱାସର ପର୍ବ ଛଟ ପର୍ବ ପାଳିତ



ରାଜଗାଙ୍ଗପୁର,(ସବ୍ୟୁ): ହିନ୍ଦୁ ସମାଜରେ ଲୋକେ ବାର ମାସରେ ତେର ପର୍ବ ପାଳନ କରିଥାନ୍ତି । ସେଥି ମଧ୍ୟରୁ ଛଟ ପର୍ବ ସମ୍ପୂର୍ଣ୍ଣ ଭିନ୍ନ । ଏହି ପର୍ବରେ ବ୍ରତଧାରୀ ମାନଙ୍କର ଭକ୍ତି,ତ୍ୟାଗ, ନିଷ୍ଠା,ଆସ୍ଥା ଓ ବିଶ୍ୱାସ ଦେଖିବାକୁ ମିଳିଥାଏ। ଏହି ପର୍ବ ବ୍ରତଧାରୀ ମାନେ ଦୀର୍ଘ ୪ ଦିନରୁ ନିଷ୍ଠାର ସହିତ ପାଳନ କରି ଆସିଥାନ୍ତି । ଏହି ପୂଜା ହିନ୍ଦୁ ଧର୍ମର ଚଳନ୍ତି ଠାକୁର ସୂର୍ଯ୍ୟ ଦେବଙ୍କ ଉଦ୍ଦେଶ୍ୟରେ ଓ ପରିବାରର ସଦସ୍ୟ ମାନଙ୍କ ଶୁଭ କାମନା ପାଇଁ ରଖା ଯାଇଥାଏ । ଏହି ପରିପ୍ରେକ୍ଷୀରେ ରାଜଗାଙ୍ଗପୁର ସହରରେ ଲିପ୍ଲୋଇ,ବାବା ତାଲାବ ଓ ବଗିଚାପଡ଼ା ଇତ୍ୟାଦି ସ୍ଥାନ ମାନଙ୍କରେ ଥିବା ଘାଟ ଗୁଡିକ ପ୍ରାୟ ଏକ ସପ୍ତାହ ଠାରୁ ଚଳ ଚଞ୍ଚଳ ହୋଇ ଉଠିଥିଲା । ଏହି ଜଳାଶୟ ଘାଟ ମାନଙ୍କରେ ବିଭିନ୍ନ ଅନୁଷ୍ଠାନ ଓ ପୌରପାଳିକା ଦ୍ୱାରା ସଫାସୁତୁରା କରାଯାଇଥିଲା । ଘାଟ ଗୁଡିକରେ ସୂର୍ଯ୍ୟଦେବଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ଥିବା ସହ ପୋଖରୀର ଚତୁ ପାର୍ଶ୍ୱରେ ପୁଷ୍ପ ଓ ଆଲୋକରେ ସୁସଜ୍ଜିତ କରାଯାଇଥିଲା । ଗତକାଲି ସୂର୍ଯ୍ୟାସ୍ତ ପୂର୍ବରୁ ହଜାର ହଜାର ଶ୍ରଦ୍ଧାଳୁ ଓ ବ୍ରତଧାରୀ ଙ୍କର ସମାବେଶ ଦେଖିବାକୁ ମିଳିଥିଲା। ବ୍ରତଧାରୀ ମାନେ ଗତକାଲି ଘାଟରେ ସ୍ନାନ ପରେ ସୂର୍ଯ୍ୟଦେବଙ୍କୁ ତାଙ୍କର ପ୍ରଥମ ଅର୍ଘ୍ୟ ଅର୍ପଣ କରିଥିଲେ ଓ ପ୍ରାତଃରୁ ପୁନଃ ବ୍ରତ ଧାରୀ ମାନେ ତାଙ୍କର ଦ୍ୱିତୀୟ ଅର୍ଘ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ରାଜଗାଙ୍ଗପୁରର ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଛଟି ମା ଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ରଙ୍ଗା ରଙ୍ଗ କାର୍ଯ୍ୟ ଅନୁଷ୍ଠିତ ହେବା ସହ ଭଜନ ସନ୍ଧ୍ୟାର ଆୟୋଜନ କରା ଯାଇଥିଲା । ଏହି ପର୍ବ ବେଶ ଶାନ୍ତି ଶୃଙ୍ଖଳା ସହ ପାଳିତ ହୋଇ ଯାଇଥିବା ସହ ରାଜଗାଙ୍ଗପୁର ସହରର ଭାଇଚାରାକୁ ବଜାଇ ରଖିବାରେ ସାହାଯ୍ୟ କରିଥାଏ ।

ଭାଗିରଥି ମାଣ୍ଡାଙ୍ଗି ହତ୍ୟା ମାମଲା

ଏନ. ଭାସ୍କର ରାଓଙ୍କ ଜାମିନ ଆବେଦନ ଖାରଜ



ରାୟଗଡା,(ସବ୍ୟୁ): ବହୁଚର୍ଚ୍ଚିତ ଆଦିବାସୀ ନେତା ତଥା ପୂର୍ବତନ କାଉନସିଲର ଭାଗିରଥି ମାଣ୍ଡାଙ୍ଗି ହତ୍ୟା ମାମଲାରେ ପୂର୍ବତନ ରାଜ୍ୟସଭା ସାଂସଦ ଏନ. ଭାସ୍କର ରାଓଙ୍କୁ ଝଟ୍କା ଲାଗିଛି । ସୋମବାର ରାୟଗଡ଼ା ଜିଲ୍ଲା ଦୌରାଜଜ୍ଡ୍ ଅଦାଲତ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି । ଏହାପରେ ସେ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ତାଙ୍କ ଓକିଲ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ, ମାମଲାର ଅନ୍ୟତମ ଅଭିଯୁକ୍ତ ଏନ. ଆଦିନାରାୟଣ ଦୀର୍ଘଦିନ ଧରି କୋର୍ଟରେ ହାଜର ନହେବା ସହ ଆତ୍ମସମର୍ପଣ ନକରିବାରୁ ତାଙ୍କ ନାମରେ ଅଦାଲତ ଜାମିନବିହୀନ ଗିରଫ ପରୱାନା ଜାରି କରିଛନ୍ତି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏନ. ଭାସ୍କର ରାଓଙ୍କ ସମେତ ମାମଲାର ଚାରି ଅଭିଯୁକ୍ତ ଚଳିତ ମାସ ୯ ତାରିଖରେ ରାୟଗଡ଼ା ଏସ୍ପିଜେଏମ କୋର୍ଟରେ ଆତ୍ମସମର୍ପଣ କରିଥିଲେ । ଅନ୍ୟ ତିନି ଅଭିଯୁକ୍ତ ହେଲେ କେ. କ୍ରିଷ୍ଣା ରାଓ, ଇପିଲି ରାଜୁ ଓ ପି. ଦିଲ୍ଲୀପ କୁମାର। ସେଠାରେ ସେମାନଙ୍କ ଜାମିନ ଆବେଦନ ଖାରଜ ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା ।

୨୦୧୦ ମସିହାରେ ଭାଗିରଥି ମାଣ୍ଡାଙ୍ଗିଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିବା ନେଇ ମାମଲା ରୁଜୁ ହୋଇଥିଲା । ଏହି ଘଟଣାରେ ମୃତକଙ୍କ ପରିବାର ପକ୍ଷରୁ ୬ ଜଣଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ହୋଇଥିଲା । ମାମଲାରେ ଜାରି ହୋଇଥିବା ଜାମିନବିହୀନ ଗିରଫ ପରୱାନାକୁ ଚ୍ୟାଲେଞ୍ଜ କରି ଭାସ୍କର ରାଓ ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ । ହାଇକୋର୍ଟଙ୍କ ଅଗ୍ରୀମ ଜାମିନ ଆଦେଶକୁ ମୃତକଙ୍କ ଭାଇ ଜଗନ୍ନାଥ ମାଣ୍ଡାଙ୍ଗି ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ପରେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ଉକ୍ତ ଆଦେଶକୁ ଖାରଜ କରି ଅଭିଯୁକ୍ତମାନଙ୍କୁ ଦୁଇ ସପ୍ତାହ ମଧ୍ୟରେ ସମ୍ପୃକ୍ତ ଏସ୍ପିଜେଏମ କୋର୍ଟରେ ହାଜର ହୋଇ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଚାରି ଅଭିଯୁକ୍ତ ଆତ୍ମସମର୍ପଣ କରିଥିବା ବେଳେ ଏନ. ଆଦିନାରାୟଣ କୋର୍ଟରେ ହାଜର ହୋଇନାହାନ୍ତି । ଏହାକୁ ଗୁରୁତ୍ୱର ସହ ନେଇ ଅଦାଲତ ତାଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରିଛନ୍ତି । ସେହିପରି ମାମଲାର ଅନ୍ୟତମ ଅଭିଯୁକ୍ତ ୟେଲା ଏଙ୍କେଟେଶ୍ୱର ରାଓ ଓରଫ କୋଣ୍ଡାବାବୁଙ୍କ ମୃତ୍ୟୁ ହୋଇସାରିଛି।

ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ



ରେଡ଼ାଖୋଲ,(ସବ୍ୟୁ): ମୁକ୍ତ, ନିରପେକ୍ଷ ଏବଂ ଦାୟିତ୍ୱବୋଧ ସମ୍ପନ୍ନ ସାମ୍ବାଦିକତାର ପ୍ରତୀକ । ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମର ସ୍ୱାଧୀନତା ଏବଂ ସମାଜ ପ୍ରତି ଏହାର କର୍ତ୍ତବ୍ୟକୁ ମନେ ପକାଇବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସମ୍ବଲପୁର ଜିଲ୍ଲା ରେଡ଼ାଖୋଲ ର ପ୍ରେସ କ୍ଲବ ଠାରେ ସୋମବାର ଦିନ ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିନ ଅବସରରେ ସାମ୍ବାଦିକ ମାନେ ମତବ୍ୟକ୍ତ କରିଥିଲେ । ଏଥିରେ ସଂଘର ବରିଷ୍ଠ ସାମ୍ବାଦିକ ରବି ନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ସଂଘର ସମ୍ପାଦକ ତପନ କୁମାର ବିଶ୍ୱାଳ ବିବରଣୀ ପାଠ କରି ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଉପଖଣ୍ଡ ସ୍ତରରେ ସାମ୍ବାଦିକ ମାନଙ୍କ ଖବର ପ୍ରସାରଣ ଜାତୀୟ ପ୍ରେସ ଦିବସର ମହତ୍ତ ସମ୍ପର୍କରେ ବରିଷ୍ଠ ସାମ୍ବାଦିକ ମାନେ ଆଲୋକପାତ କରିଥିଲେ । ତଥ୍ୟ ଭିତ୍ତିକ ଖବର ପ୍ରସାରଣ ଏବଂ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ଜାତୀୟ ପ୍ରେସ ଦିବସରେ ସଂଘର କୋଷାଧ୍ୟକ୍ଷ ଯଶୋବନ୍ତ ନାରାୟଣ ସାହୁ, କନ୍ଦର୍ପ ବେହେରା, ବରିଷ୍ଠ ସାମ୍ବାଦିକ ରୋହିତ ଭୋଇ, ରଶ୍ମି ରଞ୍ଜନ ଖଡ଼ିରନ୍ଦ, ସରୋଜ ରାଉତ, ସରୋଜ ସାହୁ, ସୁଧୀର ସୁନା, ଗଜାନନ ଭେଶରା, ମଦନ ବେହେରା ପ୍ରମୁଖ ସମେତ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହିଥିଲେ । ଶେଷରେ କନ୍ଦର୍ପ ବେହେରା ସଭାକାର୍ଯ୍ୟକୁ ସଫଳ କରିଥିବାରୁ ସମସ୍ତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

କୋକସରାରେ ମଣ୍ଡଳସ୍ତରୀୟ ଜନଜାତି ଗୌରବ ଦିବସ ପାଳିତ

କୋକସରା,(ସବ୍ୟୁ): ଆଦିବାସୀ ଜନନାୟକ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଓ ସହିଦ ଲକ୍ଷ୍ମଣ ନାଏକଙ୍କ ୧୨୭ତମ ଜୟନ୍ତୀ ଅବସରରେ ନଭେମ୍ବର ୧୧ରୁ ୨୨ ତାରିଖ ପର୍ଯ୍ୟନ୍ତ ଜନଜାତି ଗୌରବ ଦିବସ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ସୋମବାର କୋକସରା ବିଜେପି ମଣ୍ଡଳ ପକ୍ଷରୁ ସ୍ଥାନୀୟ ମୁଖ୍ୟମନ୍ତ୍ରୀ ସଭାଗୃହରେ ମଣ୍ଡଳସ୍ତରୀୟ ଜନଜାତି ଗୌରବ ଦିବସ ପାଳିତ ହୋଇଯାଇଛି । ଏହି ସଭାରେ ଭଗବାନ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଜନଜାତି ସମାଜର ସ୍ୱାଭିମାନ ଓ ଅଧିକାର ପାଇଁ ଜୀବନ ଉତ୍ସର୍ଗ କରିଥିବା ଦୁଇ ମହାନ ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ତ୍ରିନାଥ ଶବର ଏବଂ ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରମୋଦ କୁମାର ପ୍ରଧାନୀ, କୋକସରା ମଣ୍ଡଳ ସଭାପତି ବସନ୍ତ ନାଗ ଓ ଉପସଭାପତି ସୁଧୀର ପାତ୍ର ଯୋଗଦେଇ ଜନଜାତି ମହାପୁରୁଷଙ୍କ ଅବଦାନ ଓ ସଂଘର୍ଷମୟ ଜୀବନ ଉପରେ ଆଲୋକପାତ କରିଥିଲେ । ମଣ୍ଡଳ ସମ୍ପାଦକ ମନୋଜ କୁମାର ନାଏକ ସଭା ପରିଚାଳନା କରିଥିଲେ । ଏହି ଅବସରରେ ନବନିଯୁକ୍ତ କଳାହାଣ୍ଡି ସାଂସଦଙ୍କ କୋକସରା ବ୍ଲକ ପ୍ରତିନିଧି ପ୍ରମୋଦ କୁମାର ପ୍ରଧାନୀଙ୍କୁ ମଣ୍ଡଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଧାରଣ ସମ୍ପାଦକ ଶାରଳା ପ୍ରସାଦ ପ୍ରଧାନୀ, ଧର୍ମାନନ୍ଦ ନେଗୀ, ଭାବଗ୍ରାହୀ ପ୍ରଧାନୀ, କୈଳାସ ଚଳାନ, ବିନୋଦ ରାଉତ, ସୋମନାଥ ବାଗ, ନବୀନ ପ୍ରଧାନୀ, ରତନ ମାଝୀଙ୍କ ସମେତ ଅନ୍ୟାନ୍ୟ ଦଳୀୟ କର୍ମକର୍ତ୍ତା ଓ ମହିଳା ନେତ୍ରୀମାନେ ଉପସ୍ଥିତ ଥିଲେ ।

ଜାତୀୟ ପ୍ରେସ୍ ଦିବସ ପାଳିତ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ପ୍ରେସ୍ କ୍ଲବ୍ ପରିସରରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ପ୍ରଶାସନ ଓ ସମ୍ବଲପୁର ପ୍ରେସ୍ କ୍ଲବର ମିଳିତ ସହଯୋଗରେ ସାମ୍ବାଦିକତା: ଲୋକପ୍ରିୟତା ବନାମ କର୍ତ୍ତବ୍ୟବୋଧ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ବୀର ସୁରେନ୍ଦ୍ର ସାଏ ଆନ୍ଥ୍ରୋପୋଲୋଜି ଏବଂ ଗବେଷଣା ପ୍ରତିଷ୍ଠାନ ଅଧ୍ୟକ୍ଷ ଡା. ପ୍ରଦୀପ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ବାଦିକତାର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିଥିଲେ । ସେ ନିଜ ଅଭିଭାଷଣରେ ଡାକ୍ତର ଏବଂ ସାମ୍ବାଦିକ ମାନଙ୍କ କାର୍ଯ୍ୟଶୈଳୀ ମଧ୍ୟରେ ଥିବା ସମାନତା ଦର୍ଶାଇ କହିଥିଲେ ଯେ, ଉଭୟ ବୃତ୍ତିରେ ପ୍ରବଳ ମାନସିକ ଚାପ ଏବଂ ଆହ୍ୱାନ ରହିଥିଲେ ମଧ୍ୟ କର୍ତ୍ତବ୍ୟବୋଧ ଓ ନିଷ୍ଠାର ସହ କାର୍ଯ୍ୟ କରିବା ଅତ୍ୟନ୍ତ ଜରୁରୀ । କେବଳ ଲୋକପ୍ରିୟତା ଓ ରୋମାଞ୍ଚକର ଖବର ପ୍ରକାଶ କରିବା ପରିବର୍ତ୍ତେ ଘୋଟାଲା ଖୋଜି ବାହାର କରୁଥିବା ସାମ୍ବାଦିକମାନଙ୍କ ଭଳି ସମାଜର ପ୍ରକୃତ ସମସ୍ୟା ଓ ଦୁର୍ନୀତିକୁ ଲୋକଲୋଚନକୁ ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜାତୀୟ ପ୍ରେସ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ହେମନ୍ତ ମହାପାତ୍ର ଯୋଗଦେଇ ସାମ୍ବାଦିକତାର ଗରିମା, ସାମାଜିକ ଦାୟିତ୍ୱବୋଧ ଏବଂ ସମସାମୟିକ ଆହ୍ୱାନ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋକପାତ କରିଥିଲେ । ପ୍ରେସ କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ସଭାପତିତ୍ୱ କରିଥିଲେ । ସାଧାରଣ ସମ୍ପାଦକ ଭବାନୀ ଶଙ୍କର ଭୋଇ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଶେଷରେ ବରିଷ୍ଠ ସଦସ୍ୟ ଦେବେନ୍ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

ଓଜେୟୁ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ



ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ସ୍ଥିତ ଦୋରା କଲ୍ୟାଣ ମଣ୍ଡପ ଠାରେ ଓଡିଶା ସାମ୍ବାଦିକ ସଂଘ (ଓଜେୟୁ)କୋରାପୁଟ ଜିଲ୍ଲା ଶାଖା ତରଫରୁ ଜାତୀୟ ପ୍ରେସ ଦିବସ ପାଳନ ହୋଇଯାଇଛି । ଓଜେୟୁ କୋରାପୁଟ ଜିଲ୍ଲା ସଭାପତି ରବି ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଜାତୀୟ ପ୍ରେସ ଦିବସରେ ସାଧାରଣ ସମ୍ପାଦକ ରବିଶଙ୍କର ମହାପାତ୍ର, କୋଷାଧକ୍ଷ ସୁଶୀଲ କୁମାର ଷଡ଼ଙ୍ଗୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କେ.ସାକିଲି ଦୋରା, ଉପ ସଭାପତି ସୁଜିତ କୁମାର ପଣ୍ଡା,ତ୍ରିନାଥ ନାୟକଙ୍କ ସହିତ ପ୍ରତାପ କୁମାର ହୋତା, ଟୁଟୁ ପଟନାୟକ, ସୁଶାନ୍ତ କୁମାର ପଣ୍ଡା, ଦୟାନିଧି ପଟନାୟକ, ସୁକାନ୍ତ ମାଝୀ, ସୁନୀଲ ଷଡ଼ଙ୍ଗୀ, କେ ଗିରିବାବୁ ପ୍ରମୁଖ ଯୋଗଦାନ କରିଥିଲେ । ଜାତୀୟ ପ୍ରେସ ଦିବସ ରେ ସାମ୍ବାଦିକ ମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବୋରିଗୁମ୍ମା ବ୍ଲକ ର ତିନି ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ ପାଣିଗ୍ରାହୀ (ବାପି), ରାମଚନ୍ଦ୍ର ନାୟକ, ଏବଂ ଏନ ସୁବାସଙ୍କୁ ନୂତନ ସଭ୍ୟ ଭାବେ ସଂଘରେ ଯୋଗଦାନ କରିଥିଲେ। ସେମାନଙ୍କୁ ପୁଷ୍ପ ଗୁଚ୍ଛ ଏବଂ ଉପଢୌକନ ଦେଇ ସଓ୍ୱାଗତ କରାଯାଇଥିଲା । ଆଗାମୀ ଦିନରେ ଓଡିଶା ସାମ୍ବାଦିକ ସଙ୍ଘ ଯେପରି ସୁଦୃଢ ହୋଇପାରିବ ସେନେଇ ସମସ୍ତ ସଦସ୍ୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା।।

କୋକସରାରେ ମଣ୍ଡଳସ୍ତରୀୟ ଜନଜାତି ଗୌରବ ଦିବସ ପାଳିତ

କୋକସରା,(ସବ୍ୟୁ): ଆଦିବାସୀ ଜନନାୟକ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଓ ସହିଦ ଲକ୍ଷ୍ମଣ ନାଏକଙ୍କ ୧୨୭ତମ ଜୟନ୍ତୀ ଅବସରରେ ନଭେମ୍ବର ୧୧ରୁ ୨୨ ତାରିଖ ପର୍ଯ୍ୟନ୍ତ ଜନଜାତି ଗୌରବ ଦିବସ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ସୋମବାର କୋକସରା ବିଜେପି ମଣ୍ଡଳ ପକ୍ଷରୁ ସ୍ଥାନୀୟ ମୁଖ୍ୟମନ୍ତ୍ରୀ ସଭାଗୃହରେ ମଣ୍ଡଳସ୍ତରୀୟ ଜନଜାତି ଗୌରବ ଦିବସ ପାଳିତ ହୋଇଯାଇଛି । ଅନୁସୂଚିତ ଜନଜାତି ମୋର୍ଚ୍ଚାର ମଣ୍ଡଳ ସଭାପତି ମଦନମୋହନ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଭଗବାନ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଜନଜାତି ସମାଜର ସ୍ୱାଭିମାନ ଓ ଅଧିକାର ପାଇଁ ଜୀବନ ଉତ୍ସର୍ଗ କରିଥିବା ଦୁଇ ମହାନ ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରାଯାଇଥିଲା।। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ତ୍ରିନାଥ ଶବର ଏବଂ ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରମୋଦ କୁମାର ପ୍ରଧାନୀ, କୋକସରା ମଣ୍ଡଳ ସଭାପତି ବସନ୍ତ ନାଗ ଓ ଉପସଭାପତି ସୁଧୀର ପାତ୍ର ଯୋଗଦେଇ ଜନଜାତି ମହାପୁରୁଷଙ୍କ ଅବଦାନ ଓ ସଂଘର୍ଷମୟ ଜୀବନ ଉପରେ ଆଲୋକପାତ କରିଥିଲେ । ମଣ୍ଡଳ ସମ୍ପାଦକ ମନୋଜ କୁମାର ନାଏକ ସଭା ପରିଚାଳନା କରିଥିଲେ । ଏହି ଅବସରରେ ନବନିଯୁକ୍ତ କଳାହାଣ୍ଡି ସାଂସଦଙ୍କ କୋକସରା ବ୍ଲକ ପ୍ରତିନିଧି ପ୍ରମୋଦ କୁମାର ପ୍ରଧାନୀଙ୍କୁ ମଣ୍ଡଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଧାରଣ ସମ୍ପାଦକ ଶାରଳା ପ୍ରସାଦ ପ୍ରଧାନୀ, ଧର୍ମାନନ୍ଦ ନେଗୀ, ଭାବଗ୍ରାହୀ ପ୍ରଧାନୀ, କୈଳାସ ଚଳାନ, ବିନୋଦ ରାଉତ, ସୋମନାଥ ବାଗ, ନବୀନ ପ୍ରଧାନୀ, ରତନ ମାଝୀଙ୍କ ସମେତ ଅନ୍ୟାନ୍ୟ ଦଳୀୟ କର୍ମକର୍ତ୍ତା ଓ ମହିଳା ନେତ୍ରୀମାନେ ଉପସ୍ଥିତ ଥିଲେ ।

ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ
ସତ୍ୟ ଓ ନିରପେକ୍ଷ ସାମ୍ବାଦିକତା ଉପରେ ଗୁରୁତ୍ୱ

କୋକସରା,(ସବ୍ୟୁ): ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଗଣମାଧ୍ୟମ କେବଳ ସୂଚନା ପ୍ରଦାନର ମାଧ୍ୟମ ନୁହେଁ, ବରଂ ସମାଜର ଦର୍ପଣ ଓ ଜନସାଧାରଣଙ୍କ ସ୍ୱର । ସମାଜରେ ଘଟୁଥିବା ଅନ୍ୟାୟ, ଅନୀତି ଓ ଅବହେଳାକୁ ଲୋକଲୋଚନକୁ ଆଣିବା ସହ ସରକାର ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାରେ ସାମ୍ବାଦିକମାନଙ୍କ ଭୂମିକା ଅତୁଳନୀୟ।

ସୋମବାର କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ସଂଘ (କେଜେୟୁ) ପକ୍ଷରୁ କୋକସରା ବ୍ଲକ ସାମ୍ବାଦିକ ସଂଘ ସହଯୋଗରେ କୁସୁମଖୁଣ୍ଟିସ୍ଥିତ ଇନ୍ଦ୍ରାବତୀ ଡାକବଙ୍ଗଳାଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଥିଲା। ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ମହମ୍ମଦ ଅଲ୍ଲୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜୟପାଟଣା ବ୍ଲକ ଅଧକ୍ଷ ଥବିର ବାଗ ମୁଖ୍ୟ ଅତିଥି, କୋକସରା ବିଡିଓ ଡ. ହିମାଞ୍ଚଳ ମାଝୀ ବିଶିଷ୍ଟ ଅତିଥି ଏବଂ ଅଧ୍ୟାପକ ସଞ୍ଜୟ ପୁରୋହିତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । କୋକସରା ତହସିଲଦାର ଚୋଡ଼ଗଙ୍ଗ ପ୍ରଧାନ, ଉପର ଇନ୍ଦ୍ରାବତୀ ବାମ କେନାଲର ଅଧୀକ୍ଷଣ ଯନ୍ତ୍ରୀ ପ୍ରଣୟ ପ୍ରଧାନ, କୋକସରା ଥାନା ଅଧିକାରୀ ଡମ୍ବରୁଧର ଭରତିଆ, ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ କୁମାର ବାଘ, ଜିଲ୍ଲା ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ ଓ ବରିଷ୍ଠ ସାମ୍ବାଦିକ ତଥା ଆଇନଜୀବୀ କୀର୍ତ୍ତନ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ 'ମିଥ୍ୟା ସୂଚନା ବିରୁଦ୍ଧରେ ସତ୍ୟର ଲଢ଼େଇ, ଆଜିର ପ୍ରେସ୍ର ବଡ଼ ଆହ୍ୱାନ' ଶୀର୍ଷକ ଉପରେ ନିଜ ନିଜର ମତ ରଖିଥିଲେ। କୋକସରା ବ୍ଲକ ସାମ୍ବାଦିକ ସଂଘର ସଭାପତି ଚକ୍ରଧର ବେଶ୍ରା ସ୍ୱାଗତ ଭାଷଣ ଦେଇଥିଲେ । ସଭା ପ୍ରାରମ୍ଭରେ ଦିବଙ୍ଗତ ବିଶିଷ୍ଟ ରାଜନେତା, ପୂର୍ବତନ ମନ୍ତ୍ରୀ, ସାହିତ୍ୟିକ ତଥା ସାମ୍ବାଦିକ ରାହାସ ବିହାରୀ ବେହେରାଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଆସାମ ରାଜ୍ୟର ୨ ବିଦ୍ୟାଳୟରେ ସାମିଲ ହୋଇଥିବା ଅଧ୍ୟାପକ ସଞ୍ଜ

ମହାବୀର ମହୋତ୍ସବ ଉଦ୍‌ଯାପିତ

ଭୂପିନ୍ଦର ସିଂହଙ୍କୁ ମହାବୀର ସମ୍ମାନ



ଭବାନୀପାଟଣା,(ସବ୍ୟୁ): ସପ୍ତାହ ବ୍ୟାପି ଚାଲିଥିବା ରାଜ୍ୟସ୍ତରୀୟ ମହାବୀର ମହୋତ୍ସବ-୨୦୨୬ ଉଦଯାପିତ ହୋଇଯାଇଛି । ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଭୂପିନ୍ଦର ସିଂହ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପ୍ରାଧାପିକା ଡ. ନିବେଦିତା ନାଥ, ସଂସ୍କୃତି ସଂଗଠକ ତଥା ଅନୁଷ୍ଠାନର ପୂର୍ବତନ ସଭାପତି ଜୟନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଶାନ୍ତନୁ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହ ପରେ ପରେ ପୁରସ୍କାର ବିତରଣୀ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଅନୁଷ୍ଠାନର ସର୍ବୋଚ୍ଚ ମହାବୀର ସମ୍ମାନ-୨୦୨୬ ରାଜନେତା ତଥା କ୍ରୀଡ଼ାବିତ ଭୂପିନ୍ଦର ସିଂହଙ୍କୁ ପ୍ରଦାନ କରାଯାଇଥିଲା । ସେହିପରି ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟସ୍ତରୀୟ ପ୍ରଫେସର ଭୁବନେଶ୍ୱର ବେହେରା ସାହିତ୍ୟ ସମ୍ମାନ ଗାଳ୍ପିକ ରଞ୍ଜନ ପ୍ରଧାନଙ୍କୁ ପ୍ରଦାନ କରାଯାଇଥିଲା। ରାଜ୍ୟସ୍ତରୀୟ ନାଟ୍ୟରତ୍ନ ପ୍ରଫୁଲ୍ଲ କୁମାର ରଥ ନାଟ୍ୟ ସମ୍ମାନ ପ୍ରଭାକର ପାତ୍ର, କଳାହାଣ୍ଡି ଯୁବ ପ୍ରତିଭା ସମ୍ମାନ ଶୁଭଲକ୍ଷ୍ମୀ ଦାଶ ଓ ପଦ୍ମା ଷଡ଼ଙ୍ଗୀ ସୁଗୃହିଣୀ ସମ୍ମାନ ଗୀତାଞ୍ଜଳି ପଟ୍ଟନାୟକ, ଅଧ୍ୟାପକ ପରମେଶ୍ୱର ମୁଣ୍ଡଙ୍କୁ କୃତୀ ସଭ୍ୟ ସମ୍ମାନ, ସ୍ନେହଲତା ଷଡ଼ଙ୍ଗୀଙ୍କୁ ଜୟନ୍ତ ବେହେରା ପ୍ରଦତ୍ତ ସ୍ନେହଲତା ବେହେରା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସାଧାରଣ ସଂପାଦକ ସତ୍ୟନାରାୟଣ ସିଂହ ସ୍ୱାଗତ ଅଭିଭାଷଣ, ଯୁଗ୍ମ ସଂପାଦକ ସଞ୍ଜୀବ କୁମାର ସିଂହ ସଭା ପରିଚାଳନା ଓ ଉପସଭାପତି ସଞ୍ଜୟ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପୂର୍ବରୁ ଅପରାହ୍ନରେ ୦ବୁ ୩ ବର୍ଷ ବୟସର ଶିଶୁମାନଙ୍କୁ ନେଇ ମହାବୀର ଶିଶୁ ଶ୍ରୀ ପ୍ରତିଯୋଗିତା ଆୟୋଜିତ ହୋଇଥିବାବେଳେ ସଭା ପରେ ପରେ ଜାତୀୟ ସ୍ତରୀୟ ଲୋକନୃତ୍ୟ ପରିବେଷଣ କରାଯାଇଥିଲା । ଏହାପରେ ଶେଷ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ବଲାଙ୍ଗୀରର କଳାକାରମାନଙ୍କ ଦ୍ୱାରା ପରିବେଷିତ ଦଣ୍ଡନୃତ୍ୟକୁ ଦର୍ଶକ ମାନେ ରାତିମାମ ଉପଭୋଗ କରିଥିଲେ। ସୂଚନାଯୋଗ୍ୟ, ଚଳିତ ବର୍ଷ ମହାବୀର ସାଂସ୍କୃତିକ ଅନୁଷ୍ଠାନର ୬୨ତମ ଜନ୍ମ ବାର୍ଷିକୀ ତଥା ମହାବୀର ମହୋତ୍ସବକୁ ଲେଖକ ଓ ରାଜନେତା ଏବଂ ଏଇ ନିକଟରେ ଦେହତ୍ୟାଗ କରିଥିବା ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ରାସବିହାରୀ ବେହେରାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଥିଲା।

କଲରାପତରିଆ ବାଘ ଶିକାର ପାଇଁ ବିଦ୍ୟୁତ ଜାଲ !

ବନ ବିଭାଗର ଚଢ଼ାଉ, ୪ ଅଭିଯୁକ୍ତ ଗିରଫ



ଅମ୍ବାଭୋନା,(ସବ୍ୟୁ) : ଜଙ୍ଗଲରେ ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଚ୍ୟାଲେଞ୍ଜ ଦେଇ କଲରାପତରିଆ ବାଘ ଶିକାର ପାଇଁ ବିଦ୍ୟୁତ ତାର ବିଛାଇ ଯୋଜନା କରାଯାଉଥିବା ବେଳେ ବନ ବିଭାଗ ଏହାକୁ ପଣ୍ଡ କରିଛି । ବରଗଡ଼ ଜିଲ୍ଲା ଲଖନପୁର ବନ୍ୟପ୍ରାଣୀ ବନାଞ୍ଚଳ ଅନ୍ତର୍ଗତ ତିଳେଇମାଲ ଗ୍ରାମରେ ଚଢ଼ାଉ କରି ବିଭାଗ ଚାରି ଜଣଙ୍କୁ ଗିରଫ କରିଛି । ସେମାନଙ୍କୁ ବରଗଡ଼ କୋର୍ଟରେ ହାଜର କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଯାଇଛି । ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି ଯେ, ତିଳେଇମାଲ ଅଞ୍ଚଳରେ କଲରାପତରିଆ ବାଘ ଶିକାର ଉଦ୍ଦେଶ୍ୟରେ ବିଦ୍ୟୁତ୍ ତାର ବିଛାଯାଇଥିବା ନେଇ ବିଭାଗକୁ ଗୁପ୍ତ ସୂଚନା ମିଳିଥିଲା । ଏହାକୁ ଗୁରୁତ୍ୱର ସହ ନେଇ ଲଖନପୁର ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଏକ ସ୍ୱତନ୍ତ୍ର ଚଢ଼ାଉକାରୀ ଦଳ ଗଠନ କରାଯାଇ ତୁରନ୍ତ ଅଭିଯାନ ଆରମ୍ଭ କରାଯାଇଥିଲା । ବନପାଳ ବିକାଶ ସାହୁ, ଗ୍ରାମରକ୍ଷୀ ଭଗବାନ ସଓ୍ୱାଇଁ, କ୍ଷୀରୋଦ୍ରୀ ସେଠ ଓ ନମିତା ନାଏକଙ୍କ ସମେତ ଜଣେ ପୂର୍ବତନ ସାମରିକ ଯବାନ ଏବଂ ୩୦ ଜଣିଆ ସ୍କାଡ ଏହି ଅଭିଯାନରେ ସାମିଲ ହୋଇଥିଲେ। ଚଢ଼ାଉ ବେଳେ ଘଟଣାସ୍ଥଳରୁ ଚାରି ଜଣଙ୍କୁ କାବୁ କରାଯାଇଥିଲା । ଏହି ଅଭିଯାନରେ ଶିକାର ପାଇଁ ବ୍ୟବହାର ନିମନ୍ତେ ବିଛାଯାଇଥିବା ବିଦ୍ୟୁତ ତାର, ଗୋଟିଏ ଟାଙ୍ଗିଆ ଓ ତିନୋଟି ମୋବାଇଲ ଫୋନ ଜବତ କରାଯାଇଛି । ବିଦ୍ୟୁତ୍ ତାର ବିଛାଇ ବନ୍ୟପ୍ରାଣୀ ଶିକାର କରିବାର ଏଭଳି ଉଦ୍ୟମ କେବଳ ବନ୍ୟଜନ୍ତୁଙ୍କ ଜୀବନ ପ୍ରତି ନୁହେଁ, ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳର ମଣିଷ ଓ ଗୃହପାଳିତ ପଶୁଙ୍କ ସୁରକ୍ଷା ପ୍ରତି ମଧ୍ୟ ବିପଦ ସୃଷ୍ଟି କରିପାରେ । ଏ ସମ୍ପର୍କରେ ଲଖନପୁର ବନାଞ୍ଚଳର ସହକାରୀ ବନ ସଂରକ୍ଷକ ତଥା ରେଞ୍ଜର ଦିଲ୍ଲୀପ କୁମାର ଧଳ ସୂଚନା ଦେଇ କହିଛନ୍ତି ଯେ, ଗିରଫ ଚାରି ଅଭିଯୁକ୍ତଙ୍କୁ ବରଗଡ଼ କୋର୍ଟରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଯାଇଛି । ବନ୍ୟପ୍ରାଣୀ ସଂରକ୍ଷଣ ନେଇ ସଚେତନତା ଓ ଆଇନର କଡ଼ାକଡ଼ି ପ୍ରୟୋଗ ସତ୍ତ୍ୱେ ଏଭଳି ଶିକାର ଉଦ୍ୟମ ଜଙ୍ଗଲ ସୁରକ୍ଷା ବ୍ୟବସ୍ଥା ପ୍ରତି ଚିନ୍ତାର କାରଣ ହୋଇଛି । ତେବେ ବନ ବିଭାଗର ତ୍ୱରିତ ପଦକ୍ଷେପ ଯୋଗୁଁ ଏକ ବଡ଼ ଅଘଟଣ ଟଳିଥିବା ବେଳେ ଜଙ୍ଗଲରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ନିୟମିତ ପାଟ୍ରୋଲିଂ ଓ ନିରୀକ୍ଷଣକୁ ଆହୁରି ଜୋରଦାର କରିବାକୁ ମତ ପ୍ରକାଶ ପାଇଛି ।

ତବଲାକଟା ଟୋଲ ଗେଟ ବିବାଦ

୨୦ କିମି ପରିଧିର ଗାଡ଼ିକୁ ଟୋଲ ଛାଡ଼ ପ୍ରତିଶ୍ରୁତି

ଜମନକିରା, (ସବ୍ୟୁ) : ଭୋଜପୁର ନିକଟସ୍ଥ ତବଲାକଟା ଟୋଲ ଗେଟ ଶୁଭାରମ୍ଭ ହେବାର ମାତ୍ର ୪ଦିନ ମଧ୍ୟରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଗତ ଶୁକ୍ରବାର ଠାରୁ ଏହି ଟୋଲ ପ୍ଲାଜା କାର୍ଯ୍ୟକ୍ଷମ ହୋଇଥିବା ବେଳେ ସ୍ଥାନୀୟ ବାସିନ୍ଦାଙ୍କ ଯାତାୟାତ ସମସ୍ୟାର ସମାଧାନ ପାଇଁ ।ସୋମବାର ଅଞ୍ଚଳବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଟୋଲ ପ୍ଲାଜା ଆଖପାଖ ୬ଟି ପଞ୍ଚାୟତର ଶତାଧିକ ବାସିନ୍ଦା ଜିଲ୍ଲା । ପ୍ରଶାସନର ଅଭିଯୋଗ ଶୁଣାଣି ଶିବିରରେ ପହଞ୍ଚି ସ୍ଥାନୀୟ ଯାନବାହନକୁ ସମ୍ପୂର୍ଣ୍ଣ ଟୋଲ ମୁକ୍ତ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି । ଗତ ଶୁକ୍ରବାର ତବଲାକଟା ଟୋଲ ଗେଟ ଆରମ୍ଭ ହେବା ମାତ୍ରେ ସ୍ଥାନୀୟ ବାସିନ୍ଦାଙ୍କୁ କୌଣସି ରିହାତି ନଦେଇ ମନଇଚ୍ଛା ଟୋଲ ଆଦାୟ କରାଯାଉଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ଗତକାଲି ସ୍ଥାନୀୟ ଯୁବକ ଓ ଅଞ୍ଚଳବାସୀ ବାଇକ ଯୋଗେ ପହଞ୍ଚି ଟୋଲ ଗେଟ କାର୍ଯ୍ୟାଳୟ ଘେରାଉ କରିବା ସହ ତୀବ୍ର ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଦୈନନ୍ଦିନ କାମଧନ୍ଦା, ବ୍ୟବସାୟ ତଥା ଜରୁରୀକାଳୀନ ସେବା ପାଇଁ ଯାତାୟାତ କରୁଥିବା ନିକଟବର୍ତ୍ତୀ ଗ୍ରାମବାସୀଙ୍କଠାରୁ ଟୋଲ ଆଦାୟ ଗ୍ରହଣୀୟ ନୁହେଁ ବୋଲି ସେମାନେ ଚେତାବନୀ ଦେଇଥିଲେ ।

ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଯୁଗ୍ମ ଜନଶୁଣାଣୀ ଅଭିଯୋଗରେ ଉପସ୍ଥିତ ଥିବା ଅଧିକାରୀଙ୍କ ଉପସ୍ଥିତିରେ ୬ଟି ପଞ୍ଚାୟତର ପ୍ରତିନିଧିମାନେ ନିଜର ପକ୍ଷ ରଖିଥିଲେ । ଲୋକଙ୍କ ଅସୁବିଧା ଓ ଦାବିକୁ ଗୁରୁତ୍ୱର ସହ ବିଚାର କରି ଟୋଲ ପ୍ଲାଜାର ୨୦ କିଲୋମିଟର ପରିଧି ମଧ୍ୟରେ ଆସୁଥିବା ଗ୍ରାମଗୁଡ଼ିକର ସ୍ଥାନୀୟ ଗାଡ଼ିଗୁଡ଼ିକୁ ଟୋଲ (ଟ୍ୟାକ୍ସ) ମୁକ୍ତ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭାଗ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି । ସେମାନେ ଖୁବ ଶୀଘ୍ର ଟୋଲ ଛାଡ କରିବେ ବୋଲି କହିଥିବା କଥା କହିଥିଲେ। ଟୋଲ ପ୍ଲାଜା ଶୁଭାରମ୍ଭର ଆଜକୁ ଚାରି ଦିନ ପରେ ପ୍ରଶାସନର ଏହି ସକାରାତ୍ମକ ପ୍ରତିଶ୍ରୁତି ମିଳିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି ।

ମାଛ ଧରୁଥିବା ବେଳେ ପୋଖରୀରେ ବୁଡ଼ି ଜଣେ ମୃତ

ସମ୍ବଲପୁର,(ସବ୍ୟୁ) : ସମ୍ବଲପୁର ସହର ଦୁର୍ଗାପାଲି ସ୍ଥିତ ଏସଏମସି ପଛପଟେ ଥିବା ଜଳାଶୟରେ ମାଛ ଧରୁଥିବା ବେଳେ ଜଣେ ବ୍ୟକ୍ତି ବୁଡ଼ି ଯାଇ ମୃତ୍ୟୁବରଣ କରିଛନ୍ତି । ମୃତ ବ୍ୟକ୍ତି ଜଣକ ସାକ୍ଷୀପଡ଼ାର କଖା ମୁଣ୍ଡା (୫୨) ବୋଲି ଜଣାପଡ଼ିଛି । ଖବର ପାଇ କ୍ଷେତରାଜପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି । ମଙ୍ଗଳବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ । ସୂଚନାଯୋଗ୍ୟ, ସୋମବାର ଅପରାହ୍ନ ପ୍ରାୟ ୪.୪୫ ମିନିଟ ସମୟରେ ସେ ଜଳାଶୟରେ ମାଛ ଧରୁଥିବା ବେଳେ ବୁଡ଼ି ଯାଇଥିଲେ । ସୂଚନା ପାଇ ସମ୍ବଲପୁର ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବୋଟ ସାହାଯ୍ୟରେ ଖୋଜାଖୋଜି କରି ମୃତଦେହ ଉଦ୍ଧାର କରିଥିଲେ । ପରେ ମୃତଦେହକୁ ସ୍ଥାନୀୟ ପୋଲିସକୁ ହସ୍ତାନ୍ତର କରାଯାଇଛି ।

ହୀରାକୁଦ ଇକୋ-ରିଟ୍ରିଟ୍ ୨୦୨୬-୨୭ର ଶୁଭାରମ୍ଭ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମାଦାରପାଲି ନିକଟସ୍ଥ ବଲବସପୁର ଠାରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ହୀରାକୁଦ ଇକୋ-ରିଟ୍ରିଟ୍ ୨୦୨୬-୨୭ର ସପ୍ତମ ସଂସ୍କରଣ ଶୁଭାରମ୍ଭ ହୋଇଯାଇଛି। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଭାସୀ ମାଧ୍ୟମରେ ଉଦ୍ଘାଟନ କରିଥିଲେ। ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ ଓଡ଼ିଶାର ଆର୍ଥିକ, ଐତିହାସିକ, ପୌରାଣିକ ଓ ପର୍ଯ୍ୟଟନ ବିକାଶରେ ମହାନଦୀର ଅତୁଳନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ ।

ସୂଚନାଯୋଗ୍ୟ, ହୀରାକୁଦ ଇକୋ-ରିଟ୍ରିଟ୍ ୧୨୦ ଦିନ ପର୍ଯ୍ୟନ୍ତ ଚାଲିବ। ପର୍ଯ୍ୟଟକଙ୍କ ରହଣି ପାଇଁ ୨୦ଟି ପ୍ରିମିୟମ୍ ଟେଣ୍ଟ ଓ ୩୦ଟି ଡିଲକ୍ସ ଟେଣ୍ଟ ସମେତ ଶୀତତାପ ନିୟନ୍ତ୍ରିତ ରେଷ୍ଟୁରାଣ୍ଟ, ବ୍ୟାଡମିଣ୍ଟନ, ଭଲିବଲ, ତୀରନ୍ଦାଜୀ, ରାଇଫଲ୍ ସୁଟିଂ, ଏଟିଭି ରାଇଡ୍, ଜଳକ୍ରୀଡ଼ା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି । ଏଥିସହ ପର୍ଯ୍ୟଟକମାନେ ଦେବ୍ରିଗଡ଼ ଅଭୟାରଣ୍ୟ, ହୀରାକୁଦ ନଦୀବନ୍ଧ ଓ ମାଁ ସମଲେଶ୍ୱରୀ ମନ୍ଦିର ପରିଦର୍ଶନ କରିପାରିବେ। ବିଗତ ବର୍ଷ ଗୁଡ଼ିକରେ ପର୍ଯ୍ୟଟକଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇଛି। ଗତ ବର୍ଷ ଏହା ୫୪.୦୪ ପ୍ରତିଶତରେ ପହଞ୍ଚିଥିବା ବେଳେ ଚଳିତ ବର୍ଷ ସ୍ଥାନୀୟ ଯୁବ ଉଦ୍ୟୋଗୀଙ୍କୁ ସାମିଲ କରାଯାଇଛି । କାର୍ଯ୍ୟକ୍ରମରେ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ନାଉରୀ ନାୟକ , ବିଧାୟକଙ୍କ ପ୍ରତିନିଧି ଶୁଭଶ୍ରୀ ମିଶ୍ର , ସମ୍ବଲପୁର ଏସପି ମୁକେଶ ଭାମୁ, ମହାନଗର ନିଗମ କମିଶନର ରେହାନ କ୍ଷେତ୍ରି ପ୍ରମୁଖ ଉପସ୍ଥିତ ଥିଲେ ।

ଶିଶୁ କଳା ପ୍ରଦର୍ଶନୀ ଉଦ୍‌ଯାପିତ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଫ୍ରେଜର କ୍ଲବ୍ ଠାରେ ୨ଦିନିଆ ଶିଶୁ କଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଅନୁରେଖା ଆର୍ଟ ଏକାଡେମୀ ଓ ସ୍କିଲ୍ ଟ୍ରି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ବୟନ ମନ୍ତ୍ରଣାଳୟ ସହକାରୀ ନିର୍ଦ୍ଦେଶକ କୁମାରୀ ଶୈଳଜା ଓ ସମାଜସେବୀ କ୍ରିଷ୍ଣା ମହାଜନ ଅତିଥି ଭାବେ ଯୋଗ ଦେଇ ଉଦ୍ଘାଟନ କରିଥିଲେ । ନବ ପ୍ରତିଭାମାନଙ୍କୁ ଉତ୍ସାହିତ, ସେମାନଙ୍କ କଳ୍ପନାଶକ୍ତି ବିକଶିତ ଓ ନିଜ ପ୍ରତିଭା ଉପରେ ଆତ୍ମବିଶ୍ୱାସ ବଢ଼ାଇବା ଏହି ପ୍ରଦର୍ଶନୀର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ ୫ଟି ବର୍ଗରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନିବେଦିତା ଦାଶ ଓ ଅନୁରେଖା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ରୀନା କର, ପ୍ରାଚୀ ଦେବତା, ଇଶିକା ଦେବତା, ଶର୍ମିଷ୍ଠା ଜେନା ଓ ନିଧି ନାୟକ ପ୍ରମୁଖ ସହଯୋଗ କରିଥିଲେ ।

ରେଳ ଓଭର ବ୍ରିଜ କାର୍ଯ୍ୟ ତ୍ୱରାନ୍ୱିତ ଦାବି

ବିଜେଡିର ୨୪ ଘଣ୍ଟିଆ ରିଲେ ଅନଶନ



ସମ୍ବଲପୁର, (ସବ୍ୟୁ): ବହୁ ପ୍ରତୀକ୍ଷିତ ବାମରା ରେଳ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ, ସଂଲଗ୍ନ ରାସ୍ତା ନିର୍ମାଣରେ ଅନିଶ୍ଚିତତା ଓ ପ୍ରସ୍ତାବିତ ଅଣ୍ଡରପାସ୍ ନିର୍ମାଣ ଦାବିରେ ପୁରୁଣା ବସଷ୍ଟାଣ୍ଡ ଠାରେ ବିଜେଡି ପକ୍ଷରୁ ରିଲେ ଅନଶନ ଆରମ୍ଭ ହୋଇଛି । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ବିଜେଡି ଜିଲ୍ଲା ସଭାପତି ଇଂ. ରୋହିତ ପୂଝାରୀ ଯୋଗଦେଇ ଆନ୍ଦୋଳନକାରୀଙ୍କ ମନୋବଳ ବଢ଼ାଇଥିଲେ। ଏଥିରେ ପୂର୍ବତନ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ସଭାନେତ୍ରୀ କୁମୁଦିନୀ ନାଏକ, ବିଜେଡି ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ଟୋପ୍ପୋ, ମହିଳା ନେତ୍ରୀ ମଙ୍ଗଲି ନାଏକ, କୁସୁମ ଅଗ୍ରୱାଲ, ସଲମା ବେଗମ, ଜିଲ୍ଲା ସମ୍ପାଦକ ଧର୍ମେନ୍ଦ୍ର ଶୁକ୍ଲା, ପ୍ରଶାନ୍ତ ଶତପଥୀ, ଅରବିନ୍ଦ ସାହୁ, ରାମଲାଲ ଓଝା, ଆକାଶ ଦୀକ୍ଷିତ, ଶିବ ଶଙ୍କର ପାଲ, ବିମଳ ଲାକ୍ରା, ଟିକେ ସାହୁ, ଇନ୍ଦ୍ରଦେବ ଚୌଧରୀଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଅନଶନରେ ସାମିଲ ହୋଇଥିଲେ । ସୂଚନାଯୋଗ୍ୟ, ବାମରା ରେଳ ଫାଟକରେ ପ୍ରତିଦିନ ଟ୍ରେନ ଯାତାୟତ ଯୋଗୁଁ ବାରମ୍ବାର ଫାଟକ ବନ୍ଦ ରହୁଛି । ଏଥିଯୋଗୁଁ ଯାତ୍ରୀ ଓ ସାଧାରଣ ଲୋକଙ୍କୁ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି । ଦୀର୍ଘଦିନର ଏହି ଜନସମସ୍ୟାକୁ ନେଇ ବିଜେଡି ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରିଲେ ଅନଶନ ଆରମ୍ଭ ହୋଇଛି ।

କଣ୍ଟାମାଳରେ ଜାତୀୟ ପ୍ରେସ ଦିବସ ପାଳିତ

କଣ୍ଟାମାଳ, (ସବ୍ୟୁ): କଣ୍ଟାମାଳ ବ୍ଲକ ସାମ୍ବାଦିକ ସଂଘ (କବ୍ଜା) ପକ୍ଷରୁ ସୋମବାର କଣ୍ଟାମାଳ ଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ସଂଘ ଉପସଭାପତି ପ୍ରଭାତ କୁମାର ସାହୁଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ସମ୍ପାଦକ ପୂର୍ଣଚରଣ ସାହୁ ବୈଠକର କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧିକୁ ରୋକିବା ଦିଗରେ ସରକାର ଚେଷ୍ଟିତ ଥିବା ବେଳେ ନିରପେକ୍ଷ, ସତ୍ୟ, ଗଠନ ମୂଳକ ଓ ଅନୁସନ୍ଧାନ ମୂଳକ ଖବର ଉପରେ ପ୍ରତ୍ୟେକ ସାମ୍ବାଦିକ ଚେଷ୍ଟା କରିବା ଉଚିତ ବୋଲି ବରିଷ୍ଠ ଉପଦେଷ୍ଟା ଦିବ୍ୟଶଙ୍କର ରାଉତ କହିଥିଲେ । ସାମ୍ବାଦିକ ସୁରକ୍ଷା, ପେନସନ ବ୍ୟବସ୍ଥା ସହ ସାମ୍ବାଦିକ ମାନଙ୍କ ଦୈନନ୍ଦିନ ଜୀବନରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥିତ ସାମ୍ବାଦିକମାନେ ନିଜ ବକ୍ତବ୍ୟରେ କହିଥିଲେ । ଅଂଚଳର ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ସାମ୍ବାଦିକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ବୋଲି ମଧ୍ୟ କହିଥିଲେ । ଏହିଅବସରରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧତ ପ୍ରଭାତ କୁମାର ସାହୁଙ୍କୁ ସଂଘ ପକ୍ଷରୁ ଉପଢୌକନ ଦ୍ୱାରା ସମ୍ବର୍ଦ୍ଧତ କରାଯାଇଛି । ସଭା ପ୍ରାରମ୍ଭରେ ସଂଘର ପୂର୍ବତନ ସଭାପତି ଦିବଂଗତ ସ୍ୱର୍ଗତ ଦୁର୍ବାକ୍ଷ ବସ୍ତିଆଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଜୟ କୁମାର ମହାରଣା, ପୂର୍ଣ୍ଣ ଚରଣ ସାହୁ,ବଂଶୀଧର ମାଝୀ,ରଞ୍ଜନ କୁମାର ପାତ୍ର, ଦେବାଶିଷ ମଲିକ,ବିଶାମିତ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ରଞ୍ଜନ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ ।

ନବବଧୂର ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଓ ଶାଶୁ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ଅନ୍ତର୍ଗତ ବଡ଼ସାହିର ଗାଁରେ ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଏହି ଘଟଣାରେ ପୋଲିସ ମୃତକଙ୍କ ସ୍ୱାମୀ ଓ ଶାଶୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ଗତ ୮ ମାର୍ଚ୍ଚ,୨୦୨୬ରେ କିସିଣ୍ଡା ଥାନା ବଲାସିଙ୍ଗା ଗାଁର ନୟନା ବାଘ (୨୧)ଙ୍କ ସହ ବଡ଼ସାହିର ଗାଁର ରଞ୍ଜିତ ପୋ

ସମ୍ପାଦକୀୟ



କୋଟିଆ ପରେ ପୋଲାଭରମ

ଆନ୍ଧ୍ର ପକ୍ଷରୁ ଉପଦ୍ରବ ଆରମ୍ଭ ହୋଇଥିଲା ଓଡ଼ିଶାର କୋଟିଆ ଅଞ୍ଚଳରେ। ଆନ୍ଧ୍ର ପ୍ରଦେଶକୁ ଆମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ଼ ଜବାବ ଦେବା ପରେ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଓଡ଼ିଶାର ଅଧିକାରୀ, କର୍ମଚାରୀ ଓ ଓଡ଼ିଆ ଲୋକେ ଆନ୍ଧ୍ର ପ୍ରଦେଶକୁ ଏ କ୍ଷେତ୍ରରେ ବିରୋଧ କରିବାକୁ ଆହ୍ୱାନ ଦେବା ପରେ, ଆନ୍ଧ୍ର ପ୍ରଦେଶ ଏ କ୍ଷେତ୍ରରେ କୋଟିଆକୁ ନିଜର ବୋଲି ସମ୍ଭବତଃ ଦାବି କରିପାରୁ ନାହିଁ। ତାଙ୍କ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଏ ବିଷୟରେ ଏ ଯାଏଁ କୌଣସି ବିବୃତି ଦେବାକୁ ସାହସ କରି ନାହାନ୍ତି। ମାତ୍ର ଆଉ ଏକ ବିପଦ, ପୋଲାଭରମ ସମସ୍ୟା, ଓଡ଼ିଶା ପାଇଁ ମୁଣ୍ଡବ୍ୟଥାର କାରଣ ହେବାକୁ ଯାଉଛି। ରାଜ୍ୟ ସରକାର ଏ ବିଷୟରେ ଦୃଢ଼ ପଦକ୍ଷେପ ନେବା ଉଚିତ।

ବିଗତ ୨୦୦୪ରେ ପୋଲାଭରମ ପ୍ରକଳ୍ପ ତତ୍କାଳୀନ ଆନ୍ଧ୍ର ପ୍ରଦେଶର କଂଗ୍ରେସ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ରାଜଶେଖର ରେଡ୍ଡୀଙ୍କ ଅମଳରେ ଆରମ୍ଭ ହୋଇଥିଲା। ଗୋଦାବରୀ ଓ ଏଲୁରୁ ନଦୀ ଉପରେ ଆନ୍ଧ୍ରପ୍ରଦେଶ ପୋଲାଭରମ ଜିଲ୍ଲାରେ ବହୁମୁଖୀ ଜଳସେଚନ ପ୍ରକଳ୍ପ ଭାବେ ଆରମ୍ଭ ହୋଇଥିଲା। ଏହାକୁ ମନମୋହନ ସିଂ ସରକାରଙ୍କ ଅମଳରେ ଏକ ଜାତୀୟ ପ୍ରକଳ୍ପ ଭାବେ ଘୋଷଣା ମଧ୍ୟ କରାଯାଇଥିଲା। ମାତ୍ର ଏଥିପାଇଁ ଆର୍ଥିକ ଅନୁଦାନର ବ୍ୟବସ୍ଥା ହୋଇ ନ ଥିଲା। ଫଳରେ ଏହି ପ୍ରକଳ୍ପର କାର୍ଯ୍ୟ ଆଗେଇ ପାରି ନ ଥିଲା। ପରେ ୨୦୧୪ରେ ନରେନ୍ଦ୍ର ମୋଦୀଙ୍କ ଏନଡିଏ ସରକାର କେନ୍ଦ୍ରରେ କ୍ଷମତାସୀନ ହେବା ପରେ ଏହି ପ୍ରକଳ୍ପ ପାଇଁ ଆର୍ଥିକ ଅନୁଦାନର ବ୍ୟବସ୍ଥା କରାଯାଇଥିଲା। ଅଥଚ ଏହି ପ୍ରକଳ୍ପକୁ ଓଡ଼ିଶା ବିରୋଧ କରିଆସିଥିଲା। ୧୯୭୮ ମସିହାରେ ତତ୍କାଳୀନ ଜନତା ଦଳର ଓଡ଼ିଶା ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟ ଓ ତତ୍କାଳୀନ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଚେନ୍ନା ରେଡ୍ଡୀଙ୍କ ମଧ୍ୟରେ ଏହି ପ୍ରକଳ୍ପ ପାଇଁ ଚୁକ୍ତିନାମା ହୋଇଥିଲା।

ସେ ଯାହା ହେଉ, ଏହି ପ୍ରକଳ୍ପରେ ଆଦିବାସୀମାନଙ୍କୁ ବାଦ୍ ଦିଆଯାଇଥିବା ଓ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା ବିରୋଧରେ ଜୟପୁରର ଜଣେ ଆଇନଜୀବୀ ଅନୁପ କୁମାର ପାତ୍ର ଆପତ୍ତି ଉଠାଇଛନ୍ତି। ଭାରତ ସରକାରଙ୍କ କ୍ୟାବିନେଟ ସଚିବଙ୍କୁ ସେ ଏ ବିଷୟରେ ପତ୍ର ଲେଖି ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ଗୁରୁତର ପ୍ରଶାସନିକ ଅବହେଳା କରିଛନ୍ତି ବୋଲି ମଧ୍ୟ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ହେଲା, ଭାରତର ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶାବଳି (୧ ସେପ୍ଟେମ୍ବର, ୨୦୧୬)କୁ ରାଜ୍ୟର ମୁଖ୍ୟ ଶାସନ ସଚିବ କାର୍ଯ୍ୟକାରୀ କରିନାହାନ୍ତି। ମାଲକାନଗିରିରେ ଥିବା ଆଦିବାସୀ ପରିବାରମାନଙ୍କୁ ଏହି ପ୍ରକଳ୍ପରୁ ବାଦ ଦିଆଯାଇଛି। ଏ ସମ୍ପର୍କରେ ରାଜ୍ୟର ମୁଖ୍ୟ ଶାସନ ସଚିବ, ମାଲକାନଗିରିର ଆଦିବାସୀ ପରିବାରମାନଙ୍କୁ ବାଦ ଦିଆଯାଇଥିବା ଘଟଣାର ଯାଞ୍ଚ କରି ତାହା ଉପରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ (ACTION TAKEN REPORT) ଦେବା ଲାଗି କୁହାଯାଇଥିଲା। ମାତ୍ର ଦୁଇ ମାସ ବିତି ଯାଇଥିଲେ ମଧ୍ୟ ରାଜ୍ୟର ମୁଖ୍ୟ ଶାସନ ସଚିବ କୌଣସି ପଦକ୍ଷେପ ନ ନେଇ ଗତ ନଭେମ୍ବର ୭ (୨୦୨୬)ରେ ଜଳସମ୍ପଦ ବିଭାଗର ଏହି ସାମ୍ବିଧାନିକ ଅଭିଯୋଗକୁ କେବଳ ସର୍ବୋଚ୍ଚ ଯନ୍ତ୍ରୀ (ENGINER IN CHIEF)ଙ୍କ ନିକଟକୁ ପଠାଇ ଦେଇଛନ୍ତି। କିନ୍ତୁ ଜଣେ ବୈଷୟିକ ଅଧିକାରୀ ଭାବେ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟରେ ସମ୍ବିଧାନର ପଞ୍ଚମ ଅନୁସୂଚୀ (FIFTH SEHEDULE) ଅଧୀନରେ ସୁରକ୍ଷା ପ୍ରଦାନ କରିବା କିମ୍ବା ପେସା (PESA) ଆଇନ ବଳରେ ଗ୍ରାମସଭାର ଆୟୋଜନ କରିବା କିମ୍ବା ସାମାଜିକ ପ୍ରଭାବ ଆକଳନ (SOCIAL IMPACT ASSESMENT) କରିବା ପରି ଆଇନଗତ କ୍ଷମତା ତାଙ୍କ ନିକଟରେ ନାହିଁ ବୋଲି ଆଡଭୋକେଟ ଶ୍ରୀ ପାତ୍ର ଆପତ୍ତି କରିଛନ୍ତି। ଆହୁରି ମଧ୍ୟ ସେ ଭାରତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଯେ ପରିବେଶ ପ୍ରଭାବ ଆକଳନ ଅନୁଯାୟୀ (ENVERNMENT IMPACT ASSESMENT) ଜନଶୁଣାଣି କରାଯାଇ ନାହିଁ। ଫଳରେ ପ୍ରସ୍ତାବିତ ସୁରକ୍ଷା ବନ୍ଧଗୁଡ଼ିକ ଯୋଗୁଁ ପଛୁଆ ପାଣି (BACKWATER)ରେ ନଦୀ ବନ୍ଧ ଭାଙ୍ଗିଯିବାର ଆଶଙ୍କା ରହିଛି ବୋଲି ସେ ମଧ୍ୟ ଦୃଷ୍ଟି ଆକର୍ଷଣ କରିଛନ୍ତି।

ପ୍ରକୃତରେ ରାଜ୍ୟ ସରକାରଙ୍କ ଅଧିକାରୀଗଣ ରାଜ୍ୟର ସୁରକ୍ଷା ଦୃଷ୍ଟିରୁ ସତର୍କତା ଅବଲମ୍ବନ କରିବା ଉଚିତ ହେବ ଏବଂ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଆମେମାନେ ନିବେଦନ କରୁଛୁ।

ସମ୍ପାଦକୀୟ ପୃଷ୍ଠା ପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ। (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ।

samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟ ଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ। ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି।

ମୂଲ୍ୟବୋଧଭିତ୍ତିକ ରାଜନୀତି ସପକ୍ଷରେ



ତେଜେଶ୍ୱର ପଟ୍ଟନାୟକ

ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ତଥା ସମୃଦ୍ଧ ଆଧ୍ୟାତ୍ମିକ ପରମ୍ପରାର ଦେଶ ଭାରତରେ ଗତ କିଛି ଦଶନ୍ଧି ଧରି ସାଧାରଣ ଜୀବନରେ ନୈତିକତା ଓ ଆଦର୍ଶର ଅବକ୍ଷୟ ଘଟିଚାଲିଛି। ନୈତିକ ମୂଲ୍ୟବୋଧର ହ୍ରାସ, ଆଦର୍ଶରୁ ବିଚ୍ୟୁତି ଏବଂ ଯେକୌଣସି ଉପାୟରେ କ୍ଷମତା ହାସଲ କରିବାର ପ୍ରବୃତ୍ତି ଆଜିର ରାଜନୈତିକ ଦୃଶ୍ୟପଟର ଏକ ଅଂଶ ପାଲଟିଛି।

ସଂସଦର ସାମ୍ପ୍ରତିକ ଅଧିବେଶନଗୁଡ଼ିକରେ ଦଳମତ ନିର୍ବିଶେଷରେ କେତେକ ସାଂସଦ ଗୃହର ମର୍ଯ୍ୟାଦା ଓ ଶୃଙ୍ଖଳା ରକ୍ଷା ନକରି ବ୍ୟକ୍ତିଗତ ଆକ୍ଷେପ ଓ ଅପପ୍ରଚାରରେ ଲିପ୍ତ ରହୁଛନ୍ତି। ଫଳରେ ଗୃହକାର୍ଯ୍ୟ ବାରମ୍ବାର ସ୍ଥଗିତବୀ ହେବା ସହିତ ସଂସଦୀୟ ବିତର୍କର ମାନ ହ୍ରାସ ପାଉଛି। ନିର୍ବାଚନରେ ଆଇନଗତ ବ୍ୟୟ ସୀମା ଅତିକ୍ରମ କରି ଅତ୍ୟଧିକ ଖର୍ଚ୍ଚରେ ପ୍ରଚାର କରାଯିବା ଏବଂ ବିଧାନସଭାଗୁଡ଼ିକରେ ନିମ୍ନମାନର ଆଲୋଚନା ମଧ୍ୟ ଉଦ୍‌ବେଗଜନକ ବୋଲି ମନେହେଉଛି। ଏହି ଅବକ୍ଷୟ କେବଳ ଭାରତରେ ସୀମିତ ନୁହେଁ; ବିଶ୍ୱର ଅନେକ ଗଣତାନ୍ତ୍ରିକ ଦେଶରେ ମଧ୍ୟ ଦୁର୍ନୀତି ଓ ନେତୃତ୍ୱର ବିଫଳତା ଦେଖିବାକୁ ମିଳୁଛି।

ପ୍ରାଚୀନ ଭାରତରେ ଶାସନ ବ୍ୟବସ୍ଥାରେ ନୈତିକତା ଓ ମୂଲ୍ୟବୋଧକୁ ବିଶେଷ ଗୁରୁତ୍ୱ ଦିଆଯାଉଥିଲା। କୌଟିଲ୍ୟ ତାଙ୍କ 'ଅର୍ଥଶାସ୍ତ୍ର'ରେ କହିଥିଲେ ଯେ ପ୍ରଜାଙ୍କ କଲ୍ୟାଣ ହିଁ ଶାସକଙ୍କ ପରମ କର୍ତ୍ତବ୍ୟ। ଏଥିପାଇଁ ଶାସକଙ୍କ ବ୍ୟକ୍ତିଗତ ସଜୋଟପଣିଆ, ଆତ୍ମସଂଯମ, ଆଇନର ନିରପେକ୍ଷ ପ୍ରୟୋଗ ଓ ଦୁର୍ନୀତି ବିରୋଧରେ କଠୋର ପଦକ୍ଷେପ ନିଆଯିବା ଆବଶ୍ୟକ। ସ୍ୱାମୀ ବିବେକାନନ୍ଦ ମଧ୍ୟ ନୈତିକତା ଓ ଉଚ୍ଚ ଆଦର୍ଶକୁ ମାନବ ଜୀବନର ମୂଳ ଆଧାର ବୋଲି କହିଥିଲେ। ଗ୍ରୀକ୍ ଦାର୍ଶନିକ ପ୍ଲାଟୋ ମଧ୍ୟ ଶାସକମାନଙ୍କ ପାଇଁ ନୈତିକ ମାନଦଣ୍ଡର ଆବଶ୍ୟକତା ଉପରେ ଜୋର ଦେଇଥିଲେ।

ସ୍ୱାଧୀନତା ସଂଗ୍ରାମ ସମୟରେ ମହାତ୍ମା ଗାନ୍ଧୀ ସତ୍ୟ, ଅହିଂସା ଓ ନୈତିକତାକୁ ରାଜନୀତିର ମୂଳ ଆଧାର କରିଥିଲେ। ସେ ନୀତିହୀନ ଓ ଆଦର୍ଶବିହୀନ ରାଜନୀତିକୁ ଦୃଢ଼ ଭାବରେ ବିରୋଧ କରିଥିଲେ। କିନ୍ତୁ ସ୍ୱାଧୀନତାର ୭୯ ବର୍ଷ ପରେ ଭାରତୀୟ ରାଜନୀତିରେ ଏହି ମୂଲ୍ୟବୋଧର ଅବକ୍ଷୟ ଗଭୀର ଚିନ୍ତାର ବିଷୟ ପାଲଟିଛି।

ରାଜନୀତିର ଅପରାଧୀକରଣ ଏହାର ଅନ୍ୟତମ ପ୍ରମୁଖ କାରଣ। ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ADR)ର ରିପୋର୍ଟ ଅନୁଯାୟୀ, ୨୦୦୯ ତୁଳନାରେ ବର୍ତ୍ତମାନର ଲୋକସଭାରେ ଆପରାଧିକ ମାମଲା ଥିବା ସାଂସଦଙ୍କ ସଂଖ୍ୟା ୫୫ ପ୍ରତିଶତ ବୃଦ୍ଧି ପାଇଛି। ADR ଓ ନ୍ୟାସନାଲ୍ ଇଲେକ୍ସନ୍ ୱାଚ୍ ପକ୍ଷରୁ ୨୩ ଅକ୍ଟୋବର ୨୦୨୬ରେ ପ୍ରକାଶିତ ରିପୋର୍ଟରେ ୨୦୨୬ରୁ ୨୦୨୬ ମଧ୍ୟରେ ଦାଖଲ ହୋଇଥିବା ୪,୮୮୧ଟି ସତ୍ୟପାଠ ବିଶ୍ଳେଷଣ କରାଯାଇଥିଲା। ଏଥିରେ ୬୭୨ ଜଣ ସାଂସଦ ଓ ୪,୨୦୯ ଜଣ ବିଧାୟକଙ୍କ ତଥ୍ୟ ରହିଛି। ଏହି ଅନୁଧାନ ଅନୁଯାୟୀ, ୧୮୬ ଜଣ ଜନପ୍ରତିନିଧି, ଯେଉଁଥିରେ ୧୯ ଜଣ ସାଂସଦ ଓ ୧୬୮ ଜଣ ବିଧାୟକ ଅଛନ୍ତି, ମହିଳାଙ୍କ ବିରୋଧରେ ହୋଇଥିବା ଅପରାଧରେ ସେମାନେ ଜଡ଼ିତ ବୋଲି ଘୋଷଣା କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୪ ଜଣ (୨ ଜଣ ଲୋକସଭା ସାଂସଦ ଓ ୧୨ ଜଣ ବିଧାୟକ) ବଳାତ୍କାର ସମ୍ପର୍କିତ ମାମଲାରେ ଜଡ଼ିତ ଥିବା କଥା ଉଲ୍ଲେଖ କରିଛନ୍ତି। ଜୁନ୍ ୨୦୨୬ରେ ପ୍ରକାଶିତ ରାଜ୍ୟସଭା ସମ୍ପର୍କିତ ରିପୋର୍ଟ ଅନୁଯାୟୀ, ବିଶ୍ଳେଷଣ କରାଯାଇଥିବା ୨୨୬ ଜଣ ସାଂସଦଙ୍କ ମଧ୍ୟରୁ ୬୯ ଜଣ (୩୧ ପ୍ରତିଶତ)ଙ୍କ ବିରୋଧରେ ଆପରାଧିକ ମାମଲା ଥିବା ବେଳେ ୩୬ ଜଣ (୧୬ ପ୍ରତିଶତ) ଗୁରୁତର ଆପରାଧିକ ମାମଲାରେ ଜଡ଼ିତ ଥିବା ଘୋଷଣା କରିଛନ୍ତି।

ସେହିପରି ୨୦୨୬ ମସିହାର ମଧ୍ୟଭାଗରେ ସୁପ୍ରିମକୋର୍ଟଙ୍କ ନିକଟରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ, ୫୪୩ ଜଣ ଲୋକସଭା ସାଂସଦଙ୍କ ମଧ୍ୟରୁ ୨୫୧ ଜଣ (୪୬ ପ୍ରତିଶତରୁ ଅଧିକ) ଙ୍କ ବିରୋଧରେ ଆପରାଧିକ ମାମଲା ଥିବା ବେଳେ ୧୭୦ ଜଣ (୩୧ ପ୍ରତିଶତ) ଗୁରୁତର ମାମଲାର ସମ୍ମୁଖୀନ ହେଉଛନ୍ତି। ୪,୦୧୧ ଜଣ ବିଧାୟକଙ୍କ ମଧ୍ୟରୁ ୨,୦୯୮ ଜଣ (୫୧ ପ୍ରତିଶତ)ଙ୍କ ବିରୋଧରେ ଆପରାଧିକ ମାମଲା ଥିବା ବେଳେ ୧,୨୮୬ ଜଣ (୩୧ ପ୍ରତିଶତ) ଗୁରୁତର ମାମଲାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନର ଓ ପୂର୍ବତନ ଜନପ୍ରତିନିଧିଙ୍କ ବିରୋଧରେ ମୋଟ ୪,୧୯୨ଟି ମାମଲା ବିଚାରାଧୀନ ଥିବା ବେଳେ ସେଥିମଧ୍ୟରୁ ୫୧୯ଟି ମାମଲା ୧୦ ବର୍ଷରୁ ଅଧିକ ସମୟ ଧରି ଚାଲିଛି। ତେବେ ଏହି ତଥ୍ୟଗୁଡ଼ିକ ଜନପ୍ରତିନିଧିମାନଙ୍କ ନିଜସ୍ୱ ସତ୍ୟପାଠ ଉପରେ ଆଧାରିତ। ଆପରାଧିକ ମାମଲା ଥିବା ଅର୍ଥ ଜଣେ ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହୋଇଛନ୍ତି, ତାହା ନୁହେଁ। କିନ୍ତୁ ଗୁରୁତର ଅଭିଯୋଗ ଥିବା ବ୍ୟକ୍ତିଙ୍କୁ ରାଜନୈତିକ ଦଳଗୁଡ଼ିକ ନିର୍ବାଚନରେ ପ୍ରାର୍ଥୀ କରିବା ଗଣତନ୍ତ୍ର ପାଇଁ ନିଶ୍ଚିତ ଭାବେ ଉଦ୍‌ବେଗଜନକ।

ବର୍ତ୍ତମାନର ଓ ପୂର୍ବତନ ଜନପ୍ରତିନିଧିଙ୍କ ବିରୋଧରେ ମୋଟ ୪,୧୯୨ଟି ମାମଲା ବିଚାରାଧୀନ ଥିବା ବେଳେ ସେଥିମଧ୍ୟରୁ ୫୧୯ଟି ମାମଲା ୧୦ ବର୍ଷରୁ ଅଧିକ ସମୟ ଧରି ଚାଲିଛି। ତେବେ ଏହି ତଥ୍ୟଗୁଡ଼ିକ ଜନପ୍ରତିନିଧିମାନଙ୍କ ନିଜସ୍ୱ ସତ୍ୟପାଠ ଉପରେ ଆଧାରିତ। ଆପରାଧିକ ମାମଲା ଥିବା ଅର୍ଥ ଜଣେ ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହୋଇଛନ୍ତି, ତାହା ନୁହେଁ। କିନ୍ତୁ ଗୁରୁତର ଅଭିଯୋଗ ଥିବା ବ୍ୟକ୍ତିଙ୍କୁ ରାଜନୈତିକ ଦଳଗୁଡ଼ିକ ନିର୍ବାଚନରେ ପ୍ରାର୍ଥୀ କରିବା ଗଣତନ୍ତ୍ର ପାଇଁ ନିଶ୍ଚିତ ଭାବେ ଉଦ୍‌ବେଗଜନକ।

ଏଠାରେ ନିର୍ଦ୍ଦୋଷତାର ଆଇନଗତ ନୀତି ଓ ସାଧାରଣ ଜୀବନର ନୈତିକ ଦାୟିତ୍ୱ ମଧ୍ୟରେ ସନ୍ତୁଳନ ରହିବା ଆବଶ୍ୟକ। ଜଣେ ସାଧାରଣ ସରକାରୀ କର୍ମଚାରୀଙ୍କ ନିଯୁକ୍ତି କ୍ଷେତ୍ରରେ ଆପରାଧିକ ମାମଲାର ବିଚାର କରାଯାଉଥିବା ବେଳେ ଗୁରୁତର ଅଭିଯୋଗ ଥିବା ବ୍ୟକ୍ତି ଜନପ୍ରତିନିଧି ହେବାର ସୁଯୋଗ ପାଇବା ଏକ ବଡ଼ ପ୍ରଶ୍ନ ସୃଷ୍ଟି କରୁଛି। ଏହା ସମ୍ବିଧାନର ଧାରା ୧୪ରେ ଥିବା ଆଇନ ଆଗରେ ସମାନତାର ମୂଳ ଭାବନା ସହିତ ମଧ୍ୟ ଅସଙ୍ଗତ ମନେହୁଏ।

୨୦୧୩ରେ ସୁପ୍ରିମକୋର୍ଟଙ୍କ ପରାମର୍ଶ ପରେ ଆଇନ କମିଶନ ଗୁରୁତର ଆପରାଧିକ ଅଭିଯୋଗ ଥିବା ପ୍ରାର୍ଥୀଙ୍କୁ ନିର୍ବାଚନରୁ ବାଦ୍ ଦେବା ପାଇଁ ସୁପାରିସ କରିଥିଲେ। ୨୦୧୮ରେ ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ଖଣ୍ଡପୀଠ ମଧ୍ୟ ଏ ସମ୍ପର୍କରେ ସଂସଦକୁ ଆଇନ ପ୍ରଣୟନ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଏହି ଦିଗରେ ଆବଶ୍ୟକ ପଦକ୍ଷେପ ଏଯାଏଁ ନିଆଯାଇ ନାହିଁ।

ଏହା ବ୍ୟତୀତ ଦଳବଦଳର ବୃଦ୍ଧି, ଦଳବଦଳ ନିରୋଧ ଆଇନର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠାଇଛି। କ୍ଷମତା ଓ ଅର୍ଥର ପ୍ରଲୋଭନରେ 'ଆୟା ରାମ, ଗୟା ରାମ' ରାଜନୀତିର ପ୍ରସାର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଉପହାସ କରୁଛି। ସେହିପରି ଲାଞ୍ଚ, ବେଆଇନ ଆର୍ଥିକ ସୁବିଧା ଓ ଭୋଟ ପାଇଁ ଟଙ୍କା ବଣ୍ଟନ ଭଳି ପ୍ରଥା ନିର୍ବାଚନ ପ୍ରକ୍ରିୟାର ପବିତ୍ରତାକୁ କ୍ଷୁଣ୍ଣ କରୁଛି। ରାଜନୀତି ପ୍ରତି ମଧ୍ୟବିତ୍ତ ଶ୍ରେଣୀର ଉଦାସୀନତା ମଧ୍ୟ ଏହି ସମସ୍ୟାକୁ ଆହୁରି ଜଟିଳ କରୁଛି।

ଏହି ସ୍ଥିତିର ପରିବର୍ତ୍ତନ ପାଇଁ ନେତାମାନଙ୍କ ସଚ୍ଚୋଟତା ଓ ସତଚରିତ୍ର ଅତ୍ୟନ୍ତ ଜରୁରୀ। ଜାତି, ଧର୍ମ ଓ ସମ୍ପ୍ରଦାୟଭିତ୍ତିକ ରାଜନୀତି, ଜାତିବାଦ ଓ ସାମ୍ପ୍ରଦାୟିକତା ଭଳି ବିଭାଜନକାରୀ ପ୍ରବୃତ୍ତିକୁ ରାଜନେତାମାନେ ତ୍ୟାଗ କରିବା ଆବଶ୍ୟକ। ରାଜନୈତିକ ଦଳଗୁଡ଼ିକ ଗୁରୁତର ଆପରାଧିକ ଅଭିଯୋଗ ଥିବା ପ୍ରାର୍ଥୀଙ୍କୁ ଟିକେଟ୍ ଦେବାରୁ ବଞ୍ଚିତ କରିବା ସହ ଦଳୀୟ ଆର୍ଥିକ କାରବାରରେ ସ୍ୱଚ୍ଛତା ଓ ଜବାବଦେହିତା ରକ୍ଷା କରିବା ଉଚିତ।

ଭାରତୀୟ ଗଣତନ୍ତ୍ରର ମୂଳଦୁଆକୁ ସୁଦୃଢ଼ କରିବା ପାଇଁ ମୂଲ୍ୟବୋଧଭିତ୍ତିକ ରାଜନୀତିର ପୁନଃପ୍ରତିଷ୍ଠା ଏକାନ୍ତ ଆବଶ୍ୟକ। ନିର୍ବାଚନ ଆୟୋଗ ଭଳି ସାମ୍ବିଧାନିକ ସଂସ୍ଥାଗୁଡ଼ିକର ସ୍ୱାଧୀନତା, ନିରପେକ୍ଷତା ଓ ସୁଶାସନ ସୁନିଶ୍ଚିତ କରିବା ସହ ନାଗରିକମାନେ ରାଜନୈତିକ ଦଳ ଓ ଗଣମାଧ୍ୟମ ଏ ସମସ୍ତେ ନିଜ ନିଜର ଦାୟିତ୍ୱ ପାଳନ କରିବା ଆବଶ୍ୟକ। ସାମୂହିକ ଉଦ୍ୟମ ଓ ନୈତିକ ମୂଲ୍ୟବୋଧ ପ୍ରତି ନୂତନ ପ୍ରତିବଦ୍ଧତା ମାଧ୍ୟମରେ ହିଁ ରାଜନୀତିର ଅପରାଧୀକରଣ ସମେତ ଦୁର୍ନୀତି ଓ ସୁବିଧାବାଦୀ ମନୋବୃତ୍ତିର ମୁକାବିଲା କରାଯାଇପାରିବ। ନଚେତ୍ ଆମେମାନେ ଭବିଷ୍ୟତ ପିଢ଼ି ନିକଟରେ ଉତ୍ତରଦାୟୀ ରହିବାକୁ ବାଧ ହେବା।

(ଲେଖକ ବ୍ୟାଙ୍କ ଅଫ୍ ଇଣ୍ଡିଆ ର ଜଣେ ପୂର୍ବତନ ଉପ-ମହାପ୍ରବନ୍ଧକ)
କେ ୫, ଏଚ ଆଇ ଜି ୨୫୬ କଳିଙ୍ଗ ବିହାର, ଭୁବନେଶ୍ୱର
ମୋ: ୯୨୬୨୨୯୬୨୯୨

ଅନନ୍ୟ ବ୍ୟକ୍ତିତ୍ୱ ହରିଶଚନ୍ଦ୍ର



ଅମର ପ୍ରସାଦ ମିଶ୍ର

୧୯୩୩ରୁ ୨୦୦୦ ମସିହା, ଏହି ୬୭ ବର୍ଷରୁ କିଶୋର ଅବସ୍ଥାକୁ ବାଦ ଦେଲେ, ୧୯୫୨ ମସିହାରୁ ଆରମ୍ଭ ହୁଏ ଏକ ବୈପ୍ଳବିକ ଜୀବନ ଯାହାର କି ଯବନିକା ପଡ଼ିଥିଲା ୨୦୦୦ ମସିହା ଅକ୍ଟୋବର ମାସ ୨୬ ତାରିଖରେ। ଦେଖୁ ଦେଖୁ ଚବିଶ ବର୍ଷ ଅତୀତ ହୋଇଗଲାଣି। ପ୍ରଥମେ ବିଶ୍ୱାସ ହେଉ ନଥିଲା, କିନ୍ତୁ ପରେ ଗ୍ରହଣ କରିବାକୁ ବାଧ ହେଲି ଯେ, ବକ୍ସିବାବୁ ଯେ କି ମୋ ପାଇଁ ଥିଲେ ଜଣେ ଦାର୍ଶନିକ ତଥା ଉପଦେଷ୍ଟା, ସେ ଆଉ ଫେରିବେ ନାହିଁ। ତାଙ୍କ ଅବର୍ତ୍ତମାନରେ କେବଳ ମୁଁ କାହିଁକି, ଆମ ରାଜ୍ୟ ଜଣେ ଦିଗ୍‌ଦର୍ଶକଙ୍କୁ ହରାଇଛି। ବିଶେଷ ଭାବରେ କ୍ଷତି ହୋଇଛି ଏ ରାଜ୍ୟର ଶୋଷିତ ବର୍ଗ ତଥା କୋରାପୁଟ ଅଞ୍ଚଳର ଗରିବ ଗୁରୁବା ତଥା ଖଟିଖିଆ ମଣିଷଙ୍କର। ସାମାଜିକ ବ୍ୟବସ୍ଥା ଭିତରେ ରହି, ଓକିଲାତି, ରାଜନୀତି ଏବଂ ଶ୍ରମିକ ସଂଗଠନମାନଙ୍କରେ ନିଜର ବୈପ୍ଳବିକ ଚିନ୍ତା ଓ ଚେତନାରେ ସମସ୍ତଙ୍କୁ ଆପଣାର କରି ନେବାର ଯେଉଁ ମାନସିକତା ତାଙ୍କ ପାଖରେ ଥିଲା, ତାହା କ୍ୱଚିତ୍ ଲୋକଙ୍କ ପାଖରେ ଦେଖିବାକୁ ମିଳେ। ବିଭିନ୍ନ ସମସ୍ୟାର ନିଦାନ ନିରୂପଣ ଏବଂ ସମାଧାନ ପାଇଁ ସେ ଯେଉଁ କାର୍ଯ୍ୟସୂଚୀ ପ୍ରସ୍ତୁତ କରୁଥିଲେ, ସେଥିରେ ସବୁବର୍ଗର ଲୋକେ ଏକଜୁଟ ହୋଇ ପାରୁଥିଲେ। କେଉଁଠି ଓଡ଼ିଆ ଭାଷାକୁ କିଏ ଅନାଦର କଲାଣିତ, କେଉଁଠି ଆମ ରାଜ୍ୟସୀମା ପଡ଼ୋଶୀ ରାଜ୍ୟଦ୍ୱାରା କବଳିତ ହେଲାଣି, କେଉଁଠି ଓଡ଼ିଆ ସଂସ୍କୃତି ବିପନ୍ନ ହେଲାଣି ତ, କେଉଁଠି ସରକାରଙ୍କ ଦ୍ୱାରା ଶ୍ରମିକବର୍ଗ ଶୋଷଣର ଶିକାର ହେଲେଣି। ଏହିପରି ପରିସ୍ଥିତିଗୁଡ଼ିକର ମୁକାବିଲା କରିବା ପାଇଁ ସେ ଥିଲେ ଜଣେ ଜାଗ୍ରତ ପ୍ରହରୀ। ପ୍ରତ୍ୟେକ କ୍ଷେତ୍ରରେ ସେ ଏ ସମାଜକୁ କିଛି ନା କିଛି ଦାନ ଦେଇ ଯାଇଛନ୍ତି। ତେଣୁ ତାଙ୍କର ନାମ 'ହରିଶ୍ଚନ୍ଦ୍ର' ବାସ୍ତବରେ ଯଥାର୍ଥ ଥିଲା। ବର୍ତ୍ତମାନ ଦେଖିବା ତାଙ୍କର ଓକିଲାତି ଜୀବନ। ଓକିଲାତି ଜୀବନ ଆରମ୍ଭ ହୁଏ ୧୯୬୨ ମସିହାରେ, ଅବିଭକ୍ତ କୋରାପୁଟର ଜୟପୁରଠାରେ। ସେ ଜଣେ ଆଇନ୍‌ଜୀବୀ ଭାବେ ଲୋକପ୍ରିୟ ଥିଲେ। ମୋକଦ୍ଦମା ହାତକୁ ନେବା ପୂର୍ବରୁ ମହକିଲଙ

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଗୃହର...

ଓଡ଼ିଶା ବିଧାନସଭାରେ ଡିଜିଟାଲ ହାଉସ୍‌ର ଶୁଭାରମ୍ଭକୁ ସେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିବା ସହ ଏହା ସମସ୍ତ ବିଧାୟକଙ୍କ ପାଇଁ ଉପଯୋଗୀ ହେବ ବୋଲି ମତବ୍ୟକ୍ତ କରିଥିଲେ।

ରାଜ୍ୟପାଳ ବ୍ରଜମୋହନ ରାମ ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଭୂମି ଓଡ଼ିଶାକୁ ସ୍ୱାଗତ କରିବା ସହ ୨୦୨୪ର 'ଜ୍ଞାନ ସଂସ୍କାର' ପରେ ବିଧାୟକଙ୍କ ଦକ୍ଷତା ଓ ନିରନ୍ତର ଶିକ୍ଷଣ ପରମ୍ପରାକୁ ଆଗକୁ ବଢ଼ାଇଥିବାରୁ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କୁ ଅଭିନନ୍ଦନ ଜଣାଇଥିଲେ।

ରାଜ୍ୟପାଳ କହିଥିଲେ ଯେ, ଜନାଦେଶ ଜନପ୍ରତିନିଧିଙ୍କୁ ଜନତାଙ୍କ ବିଶ୍ୱାସ ଓ ଉତ୍ତରଦାୟିତ୍ୱ ପ୍ରଦାନ କରେ ଏବଂ ଜ୍ଞାନ, ଅନୁଶାସନ ଓ ସମ୍ବେଦନଶୀଳତା ହିଁ ସେହି ବିଶ୍ୱାସକୁ ସାର୍ଥକ ଜନସେବାରେ ରୂପାନ୍ତରିତ କରିଥାଏ। ଭାରତୀୟ ସମ୍ବିଧାନ ଆମ ଗଣତନ୍ତ୍ରର ଆଧାର ହୋଇଥିବାରୁ ଗୃହର ସଦସ୍ୟତା ଜନତାଙ୍କ ବିଶ୍ୱାସ ଓ ଗମ୍ଭୀର ସାମ୍ବିଧାନିକ ଉତ୍ତରଦାୟିତ୍ୱର ପ୍ରତୀକ ଅଟେ ଏବଂ ପ୍ରଶ୍ନକାଳରେ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉଠାଇବା, ବିଧେୟକ ଉପରେ ବିଚାର କରିବା, ସରକାରୀ ନୀତିର ସମୀକ୍ଷା କରିବା ତଥା ସଂସଦୀୟ ସମିତିଗୁଡ଼ିକର ସୁପାରିସ ଉପରେ ସମୟୋଚିତ ପଦକ୍ଷେପ ନେବା ଅତ୍ୟନ୍ତ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଦସ୍ୟମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଓଡ଼ିଶା ବିଧାନସଭା କେବଳ ଆଇନ ପ୍ରଣୟନର ଏକ ଅନୁଷ୍ଠାନ ନୁହେଁ, ଏହା ହେଉଛି ଓଡ଼ିଶାବାସୀଙ୍କ ଆଶା, ଆକାଂକ୍ଷା ଓ ବିଶ୍ୱାସର ପ୍ରତୀକ। ତେଣୁ ଗୃହର ମର୍ଯ୍ୟାଦାକୁ ରକ୍ଷାକରି ଓଡ଼ିଶାର ବୃହତ୍ତର ସ୍ୱାର୍ଥ ପାଇଁ ଦଳମତ ନିର୍ବିଶେଷରେ ଏକାଠି ହୋଇ କାର୍ଯ୍ୟ କରିବାକୁ ହେବ ବୋଲି ଶ୍ରୀ ମାଝୀ ସମସ୍ତ ସଦସ୍ୟମାନଙ୍କୁ ଆହ୍ୱାନ ଦେଇଥିଲେ।

ରାଜ୍ୟ ସରକାର ତଥା ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ତରଫରୁ ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନଙ୍କୁ ସ୍ୱାଗତ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉପରାଷ୍ଟ୍ରପତିଙ୍କ ଉପସ୍ଥିତି ସମସ୍ତଙ୍କ ପାଇଁ ଗୌରବର ବିଷୟ। ଓଡ଼ିଶା ବିଧାନସଭା ଇତିହାସରେ ପ୍ରଥମ ଥର ପାଇଁ ୨୦୨୫ ନଭେମ୍ବର ୨୭ ତାରିଖରେ ମହାମହିମ ରାଷ୍ଟ୍ରପତି ସମସ୍ତ ବିଧାୟକଙ୍କୁ ମାର୍ଗଦର୍ଶନ କରିଥିଲେ ଏବଂ ଆଜି ମାନ୍ୟବର ଉପରାଷ୍ଟ୍ରପତିଙ୍କ ଜନସେବାର ଲମ୍ବା ଅଭିଜ୍ଞତା, ସଂସଦୀୟ ଲୋକତନ୍ତ୍ର ପ୍ରତି ନିଷ୍ଠା ଓ ସାମ୍ବିଧାନିକ ପ୍ରକ୍ରିୟାର ଅନୁଭୂତି ସମସ୍ତଙ୍କୁ ମାର୍ଗଦର୍ଶନ ଦେବା ସହ ପ୍ରେରଣା ଯୋଗାଇବ। ଏଥିସହ ବିଧାୟକମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ୨୦୨୪ ଅଗଷ୍ଟ ମାସରେ 'ଜ୍ଞାନ ସଂସ୍କାର କାର୍ଯ୍ୟକ୍ରମ' ଏବଂ ଆଜିର ଏହି ଦ୍ୱିତୀୟ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସେ ବାଚସ୍ପତି ସୁରମା ପାଢ଼ୀଙ୍କୁ ଧନ୍ୟବାଦ ଜଣାଇଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଆସନ୍ତା ଶୀତକାଳୀନ ଅଧିବେଶନ ପୂର୍ବରୁ ଏହି କାର୍ଯ୍ୟକ୍ରମ ଗୃହକୁ ଶାନ୍ତି ଶୃଙ୍ଖଳାର ସହ ଚଳାଇବାରେ ସହାୟକ ହେବ। ଜଣେ ବିଧାୟକଙ୍କ ପ୍ରଥମ ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି 'ବିଧେୟକ' ବା ଆଇନ ପ୍ରସ୍ତୁତ କରିବା। ଏହା ବ୍ୟତୀତ ଦଳମତ ଉର୍ଦ୍ଧ୍ୱରେ ରହି କାର୍ଯ୍ୟ କରୁଥିବା ବିଧାନସଭାର ସ୍ଥାୟୀ କମିଟି ଗୁଡ଼ିକରେ ବିଧାୟକମାନେ ସକ୍ରିୟ ଅଂଶଗ୍ରହଣ କରି ସରକାରଙ୍କୁ ନିଜ ମତାମତ ଦେବାକୁ ସେ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ କହିଥିଲେ ଯେ ଏହି ପ୍ରଶିକ୍ଷଣର ମୂଳ ଉଦ୍ଦେଶ୍ୟ ହେଉଛି ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ସଂସଦୀୟ ନିୟମ, ବିଧାନ ପ୍ରକ୍ରିୟା ଓ ସାମ୍ବିଧାନିକ ଦାୟିତ୍ୱ ସମ୍ପର୍କରେ ଅଧିକ ଦକ୍ଷ ଓ ସଚେତନ କରିବା। ଏକ ସୁସ୍ଥ ଗଣତନ୍ତ୍ରରେ ଶାସକ ଦଳ ଓ ବିରୋଧୀ ଦଳ ଉଭୟଙ୍କର ଗଠନମୂଳକ ଭୂମିକା ଅପରିହାର୍ଯ୍ୟ ହୋଇଥିବା ବେଳେ ଜଣେ ବିଧାୟକ କେବଳ ନିଜ ନିର୍ବାଚନମଣ୍ଡଳୀର ପ୍ରତିନିଧି ନୁହନ୍ତି, ବରଂ ସେ ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାର ବାହକ ଏବଂ ରାଜ୍ୟର ନୀତି ନିର୍ଦ୍ଧାରଣ ପ୍ରକ୍ରିୟାର ଜଣେ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଅଟନ୍ତି। ଏହା ସହିତ ବିଧାନସଭାର ଅଭିଜ୍ଞତା ସହିତ ପ୍ରଶାସନିକ ଦାୟିତ୍ୱର ସମନ୍ୱୟ ଜଣେ ଜନପ୍ରତିନିଧିଙ୍କ କାର୍ଯ୍ୟଦକ୍ଷତା ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ।

ଏହି ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ସମେତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମନ୍ତ୍ରୀମଣ୍ଡଳର ସଦସ୍ୟବୃନ୍ଦ ଏବଂ ଓଡ଼ିଶା ବିଧାନସଭାର ସମସ୍ତ ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ଥିଲେ।

ନେଲୋର...

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଭୀଷଣ ବାତ୍ୟା ରୂପ ନେବ । ଏହାପରେ ପଶ୍ଚିମ ଉତ୍ତରପଶ୍ଚିମ ଦିଗରେ ଗତି କରି ଅତି ଭୀଷଣ ବାତ୍ୟା ରୂପ ନେବା ୨୦ ତାରିଖ ମଧ୍ୟାହ୍ନ ସୁଦ୍ଧା ଆନ୍ଧ୍ରପ୍ରଦେଶ ଏବଂ ୟାନମ ଉପକୂଳରେ ନେଲୋରରୁ ଟୁନି ମଧ୍ୟରେ ତୀବ୍ର ବାତ୍ୟା ରୂପରେ ଏହା ପ୍ରବେଶ କରିବ। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୨୦ରୁ ୧୩୦ ଓ ଝଟକା ୧୪୫ କିମି ରହିବ।

ଅନ୍ୟପକ୍ଷରେ ପାଣିପାଗ ବିଜ୍ଞାନୀ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି,ୟୁରୋପୀୟ ପାଣିପାଗ ମଡେଲ୍ ଇସିଏମ୍‌ଡବ୍ଲ୍ୟୁଏଫ୍‌ର ସଦ୍ୟତମ ଆଲୋଚିତ ପୂର୍ବାନୁମାନ ଅନୁସାରେ ବାତ୍ୟାଟି ୨୦ ନଭେମ୍ବର ଅପରାହ୍ନରେ ଆନ୍ଧ୍ରପ୍ରଦେଶର କାକିନାଡ଼ା ଓ ମଛଲିପଟ୍ଟନମ୍ ମଧ୍ୟବର୍ତ୍ତୀ ଉପକୂଳରେ ସ୍ଥଳଭାଗ ଛୁଇଁପାରେ । ପୂର୍ବରୁ ନେଲୋର ନିକଟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ଆଲୋଚନା କରାଯାଇଥିଲା ।

ଆଇଏମଡିର ସଦ୍ୟତମ ପୂର୍ବାନୁମାନ ଅନୁସାରେ ବାତ୍ୟାଟି ୨୦ ନଭେମ୍ବର ସକାଳ ପ୍ରାୟ ୧୧ଟା ୩୦ ମିନିଟରେ ନେଲୋର ଓ ଟୁନି ମଧ୍ୟବର୍ତ୍ତୀ ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିପାରେ । ଏହି ଦୁଇ ପୂର୍ବାନୁମାନରେ ସ୍ଥଳଭାଗ ଅତିକ୍ରମର ସମ୍ଭାବ୍ୟ ଅଞ୍ଚଳରେ ସାମଞ୍ଜସ୍ୟ ରହିଛି, ଯଦିଓ ସମୟ ଓ ନିର୍ଦ୍ଦିଷ୍ଟ ସ୍ଥାନରେ ପାର୍ଥକ୍ୟ ରହିଛି । ମାତ୍ର ୨୪ ଘଣ୍ଟାରେ ଆଇଏମଡିର ଗତିପଥ ପୂର୍ବାନୁମାନ ଦୁଇଥର ବଦଳିଲା। ବାତ୍ୟାଟି କାକିନାଡ଼ା ଓ ମଛଲିପଟ୍ଟନମ୍ ମଧ୍ୟବର୍ତ୍ତୀ ଉପକୂଳରେ ସ୍ଥଳଭାଗ ଛୁଇଁଲେ ଏହାର ମୁଖ୍ୟ ବର୍ଷା ଅଞ୍ଚଳ ଆନ୍ଧ୍ରପ୍ରଦେଶରେ କେନ୍ଦ୍ରୀଭୂତ ରହିପାରେ । ବାତ୍ୟାର କେନ୍ଦ୍ରଠାରୁ ଉତ୍ତର ଦିଗକୁ ବର୍ଷା ସୃଷ୍ଟିକାରୀ ମେଘମାଳା ପ୍ରାୟ ୩୫୦-୪୫୦ କିମି ପର୍ଯ୍ୟନ୍ତ ବିସ୍ତାର ହେବ ବୋଲି ଧରିଲେ, ଦକ୍ଷିଣ ଓଡ଼ିଶାର କେତେକ ଅଞ୍ଚଳରେ ବର୍ଷା ହୋଇପାରେ । ୧୯-୨୦ ନଭେମ୍ବରରେ ଆକାଶ ମେଘୁଆ ରହିପାରେଛ ବାତ୍ୟାର ବାହାର ମେଘମାଳା ଏହି ଅଞ୍ଚଳକୁ ପହଞ୍ଚିଲେ ସ୍ଥାନେ ସ୍ଥାନେ ହାଲୁକାରୁ ମଧ୍ୟମ ବର୍ଷା ହୋଇପାରେ । କେତେକ ସ୍ଥାନରେ ଅଧିକ ବର୍ଷା ମଧ୍ୟ ହୋଇପାରେ ।

ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ବାହାର ମେଘମାଳା ସ୍ଥଳଭାଗ ଭିତରକୁ ବିସ୍ତାର ହେଲେ କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ହୋଇପାରେ । ପୁରୀ, ଖୋର୍ଦ୍ଧା ଓ ଅନ୍ୟାନ୍ୟ ଉପକୂଳ ଜିଲ୍ଲାରେ ବାତ୍ୟାର ମୁଖ୍ୟ ବର୍ଷା ମେଘମାଳା ଏହି ଅଞ୍ଚଳଠାରୁ ଦୂରରେ ରହିପାରେ । ମଝିରେ ମଝିରେ ଆକାଶ ମେଘୁଆ ରହିପାରେ ଏବଂ କେତେକ ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇପାରେଛ ବ୍ୟାପକ ପ୍ରବଳ ବର୍ଷାର ସମ୍ଭାବନା ତୁଳନାତ୍ମକ ଭାବେ କମ୍ ।

ଦକ୍ଷିଣ ଓଡ଼ିଶାର ଚାଷୀମାନେ ପାଚିଯାଇଥିବା ଧାନ ସୁବିଧା ଅନୁସାରେ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ । ଅମଳ ଧାନକୁ ବର୍ଷାରୁ ରକ୍ଷା କରନ୍ତୁ ଏବଂ ବିଲରୁ ପାଣି ନିଷ୍କାସନ ବ୍ୟବସ୍ଥା ରଖନ୍ତୁ । ଅପାଚିଲା ଧାନକୁ ତରବରିଆ ଭାବେ କାଟନ୍ତୁ ନାହିଁ। ଅନ୍ୟ ଅଞ୍ଚଳରେ ସ୍ଥାନୀୟ ବର୍ଷା ପୂର୍ବାନୁମାନ ଅନୁସାରେ ଚାଷ କାର୍ଯ୍ୟ ଚାଲୁ ରଖାଯାଇପାରେ ବୋଲି ଶ୍ରୀ ପଶୁପାଳକ କହିଛନ୍ତି ।

ବାତ୍ୟା...

ଉଦ୍ଧାର ଓ ରିଲିଫ୍ ବ୍ୟବସ୍ଥା ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା ।

ଉତ୍ତର-ପଶ୍ଚିମ ଦିଗରେ ଗତି କରିବା ସହ ୨୦ ନଭେମ୍ବର ମଧ୍ୟାହ୍ନ ସମୟରେ ନେଲୋର ଓ ଟୁନି ମଧ୍ୟବର୍ତ୍ତୀ ଅଞ୍ଚଳ ଦେଇ ଆନ୍ଧ୍ରପ୍ରଦେଶ ଏବଂ ୟାନମ୍ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି । ସେହି ସମୟରେ ଏହା ଏକ ଅତି ଭୀଷଣ ବାତ୍ୟାର ରୂପ ନେଇପାରେ । ବାତ୍ୟା ସମୟରେ ଲ୍ୟାଣ୍ଡଫଲ ସ୍ଥଳରେ ପବନର ସର୍ବାଧିକ ସ୍ଥାୟୀ ବେଗ ଘଣ୍ଟାପ୍ରତି ୧୨୦ରୁ ୧୩୦ କିଲୋମିଟର ଏବଂ ଝଟକା ପବନର ବେଗ ଘଣ୍ଟାପ୍ରତି ୧୪୫ କିଲୋମିଟର ପର୍ଯ୍ୟନ୍ତ ରହିପାରେ। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ୧୮ ନଭେମ୍ବରରେ ରାଜ୍ୟର କେତେକ ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ଏବଂ ପବନ ହେବାର ସମ୍ଭାବନା ରହିଛି । ଏହି ପରିସ୍ଥିତି ୨୦ ନଭେମ୍ବର ସକାଳ ପର୍ଯ୍ୟନ୍ତ ରହିବାର ଆଶଙ୍କା ରହିଛି । ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ସମସ୍ତ ଜିଲ୍ଲାପାଳଙ୍କୁ ବିଶେଷକରି ଗଞ୍ଜାମ, ଗଜପତି, ପୁରୀ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଭଳି ସମ୍ଭାବ୍ୟ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ପ୍ରସ୍ତୁତିକୁ ଅଧିକ ତ୍ୱରାନ୍ୱିତ କରିବା ସହ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ରକୁ ୨୪ ଘଣ୍ଟିଆ ସକ୍ରିୟ ରଖିବା, ନୋଡାଲ ଅଧିକାରୀ ନିଯୁକ୍ତି ଓ ନିୟମିତ ସ୍ଥିତି ସମୀକ୍ଷା କରିବାକୁ ଗୁରୁତ୍ୱ ଦେଇଥିଲେ । ଭୂସ୍ଖଳନ ଜନିତ ବିପଦ ସମ୍ପ୍ରତି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଏଥିନିମନ୍ତେ ସମ୍ପୂର୍ଣ୍ଣ ସତର୍କତା ଅବଲମ୍ବନ କରିବା ନେଇ ମାନ୍ୟବର ମନ୍ତ୍ରୀ ଗୁରୁତ୍ୱାରୋପ କରିବା ସହ ପୂର୍ବରୁ ଚିହ୍ନଟ ବିପଦପ୍ରବଣ ସ୍ଥାନରୁ ଜନସାଧାରଣଙ୍କ ସ୍ଥାନାନ୍ତରଣ ତ୍ୱରାନ୍ୱିତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।

ବାତ୍ୟା ମୁକାବିଲା ପାଇଁ ୬୦ଟି ଓଡ୍ରାଫ୍ ଟିମ ଓ ୧୪ଟି ଏନଡିଆରଏଫର ଟିମ୍ ମୁତୟନ ପାଇଁ ପ୍ରସ୍ତୁତି ଯୋଜନା ଉପରେ ବୈଠକରେ ଆଲୋଚନା ହୋଇଥିଲା । ଏହି ଟିମ୍‌ଗୁଡ଼ିକୁ ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ପୁରୀ ତଥା ଅନ୍ୟାନ୍ୟ ଜିଲ୍ଲାରେ ଆବଶ୍ୟକ ଅନୁଯାୟୀ ବିଭିନ୍ନ ସ୍ଥାନରେ ପୂର୍ବରୁ ମୁତୟନ କରିବା ପାଇଁ ଯୋଜନା ରହିଛି । ଏଥିସହ ଅଗ୍ନିଶମ ସେବା ବିଭାଗର ଉଦ୍ଧାରକାରୀ ଦଳ, ଯାନବାହନ, ଡଙ୍ଗା, ଆଲୋକୀକରଣ ଓ ଅନ୍ୟାନ୍ୟ ଜରୁରୀ ଉପକରଣର ଉପଲବ୍ଧତା ଯାଞ୍ଚ କରିବାକୁ କୁହାଯାଇଛି । ଜଳସମ୍ପଦ ବିଭାଗକୁ ଜଳଭଣ୍ଡାରଗୁଡ଼ିକର ଜଳସ୍ତର, ଜଳପ୍ରବାହ, ନଦୀର ଜଳସ୍ତର ଓ ତଳିଆ ଅଞ୍ଚଳର ସ୍ଥିତି ଉପରେ ନିରନ୍ତର ନଜର ରଖିବା ସହ ଦୁର୍ବଳ ନଦୀବନ୍ଧ ଓ ବନ୍ୟାପ୍ରବଣ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରିବାକୁ କୁହାଯାଇଛି । ସେହିପରି ରାସ୍ତା, ପୋଲ, କଲଭର୍ଟ ଓ ପାହାଡ଼ିଆ ରାସ୍ତାର ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକୁ ଚିହ୍ନଟ କରି ଗଛ କାଟିବା ଯନ୍ତ୍ର, ଆର୍ଥମୁଭର୍ ଓ ଜରୁରୀକାଳୀନ ମରାମତି ଦଳ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଖାଦ୍ୟ ଓ ଯୋଗାଣ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସମେତ ସମ୍ପୃକ୍ତ ବିଭାଗଗୁଡ଼ିକୁ ଖାଦ୍ୟଶସ୍ୟ, ଶୁଖିଲା ଖାଦ୍ୟ, ପାନୀୟଜଳ, ଇନ୍ଧନ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଯଥେଷ୍ଟ ମହଜୁଦ ସୁନିଶ୍ଚିତ କରିବାକୁ କୁହାଯାଇଛି ।

ବୈଠକରେ ସମସ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିବା, ନିଜ ନିଜ ବିଭାଗର ନୋଡାଲ ଅଧିକାରୀ ନିଯୁକ୍ତ କରିବା ଏବଂ ଯେକୌଣସି ଜରୁରୀ ଆବଶ୍ୟକତା ବା ଅଭାବ ସମ୍ପର୍କରେ ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ରକୁ ତୁରନ୍ତ ଅବଗତ କରାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

୪ ଦିନ...

ଶେଷରେ ଏନେଇ ଥାନାରେ ଅଭିଯୋଗ କରିଥିଲେ ବାପା । ପୁଲିସ ଗୋଟିଏ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା । ଆଉ ୪ ଦିନ ପରେ ସୋମବାରଦିନ ଘର ପଛ ପଟ ସୁବାସଙ୍କ କୂଅରୁ ପୁଅର ମୃତଦେହ ମିଳିଛି । ବାପା ବହୁ କଷ୍ଟରେ ପୁଅକୁ ପାଠ ପଢ଼ାଉଥିଲେ । ପବିତ୍ର ଚାନ୍ଦବାଲି କଲେଜରେ ୩ ରେ ପାଠ ପଢୁଥିଲେ । ବଡ଼ ହେଲେ ବାପାଙ୍କ କାନ୍ଧରେ କାନ୍ଧ ମିଳାଇ ପରିବାରର ବୋଝ ଉଠାଇବେ ବୋଲି ସ୍ୱପ୍ନ ଦେଖିଥିଲେ । କିନ୍ତୁ ସବୁ ସ୍ୱପ୍ନ ଅଧାରେ ରହିଗଲା। ପୁଅର ମୃତ୍ୟୁ ପରେ ବାପା-ମା'ଙ୍କ କାନ୍ଦ ବୋବାଳିରେ ଫାଟି ପଡୁଛି ଗାଁ ପରିବେଶ । ତେବେ କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା, ତା'ର ତଦନ୍ତ ପୁଲିସ କରୁଛି ।

ଦୁଇ ଦୋଷୀଙ୍କ...

ସାବରମତୀ ଏକ୍ସପ୍ରେସ୍‌ରେ ଅଗ୍ନିକାଣ୍ଡ ପରେ ଗୁଜରାଟରେ ସାମ୍ପ୍ରଦାୟିକ ଦଙ୍ଗା ଆରମ୍ଭ ହୋଇଥିଲା । ସେହି ସମୟରେ ୨୧ ବର୍ଷୀୟା ବିଲକିସ୍ ବାନୋ ପାଞ୍ଚମାସର ଗର୍ଭବତୀ ଥିଲେ । ହିଂସା ଓ ପୋଡ଼ାଜଳାରୁ ବର୍ତ୍ତିବା ପାଇଁ ସେ ନିଜ ପରିବାର ସହ ରାନ୍ଧିକପୁର ଗାଁ ଛାଡ଼ି ପଳାଇଥିଲେ । ୨୦୦୨ ମାର୍ଚ୍ଚ ୩ ତାରିଖରେ ପାନିଭେଲ୍ ନିକଟରେ ଯାତ୍ରା କରୁଥିବା ସମୟରେ ଏକ ଉତ୍ତ୍ୟକ୍ତ ଜନତା ସେମାନଙ୍କ ଉପରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ବିଲକିସ୍‌ଙ୍କ ତିନିବର୍ଷର ଝିଅଙ୍କ ସମେତ ପରିବାରର ଅନେକ ସଦସ୍ୟଙ୍କ ମୃତ୍ୟୁ ହୋଇଥିଲା । ବିଲକିସ୍ ଆକ୍ରମଣକାରୀଙ୍କ ମଧ୍ୟରେ ବର୍ତ୍ତମାନର ଆବେଦନକାରୀଙ୍କୁ ମଧ୍ୟ ଚିହ୍ନଟ କରିଥିଲେ ।

ପ୍ରାରମ୍ଭରେ ସ୍ଥାନୀୟ ପୁଲିସର ତଦନ୍ତରେ ତ୍ରୁଟି ଥିବା ଅଭିଯୋଗ ହୋଇଥିଲା । ପରେ ୨୦୦୩ ଡିସେମ୍ବର ୧୬ରେ ସୁପ୍ରିମକୋର୍ଟ ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରିଥିଲେ । ସିବିଆଇ ପୁନଃ ତଦନ୍ତ କରି ମୃତଦେହ ଉତ୍ତୋଳନ, ଫରେନ୍‌ସିକ୍ ପ୍ରମାଣ ସଂଗ୍ରହ ଏବଂ ୨୦୦୪ ଏପ୍ରିଲ ୧୯ରେ ଚାର୍ଜସିଟ୍ ଦାଖଲ କରିଥିଲା । ମାମଲାର ବିଚାର ମହାରାଷ୍ଟ୍ରକୁ ସ୍ଥାନାନ୍ତର ହୋଇଥିଲା । ଟ୍ରାଏଲ୍ କୋର୍ଟ ୧୧ ଜଣ ଅଭିଯୁକ୍ତଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା ସମେତ ବିଭିନ୍ନ ଅପରାଧରେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ଦେଇଥିଲେ । ପରେ ବମ୍ବେ ହାଇକୋର୍ଟ ମଧ୍ୟ ଏହି ଦଣ୍ଡାଦେଶକୁ କାଏମ ରଖିଥିଲେ ।

ଉଲ୍ଲେଖଯୋଗ୍ୟ, ୨୦୨୨ ଅଗଷ୍ଟରେ ଗୁଜରାଟ ସରକାରଙ୍କ ରିମିସନ୍ ନୀତି ଅନୁଯାୟୀ ଏହି ମାମଲାର ୧୧ ଜଣ ଦୋଷୀଙ୍କୁ ମୁକ୍ତ କରାଯାଇଥିଲା । ଏହାକୁ ନେଇ ସୁପ୍ରିମକୋର୍ଟରେ ଏକାଧିକ ଆବେଦନ ହୋଇଥିଲା । ୨୦୨୪ ଜାନୁଆରି ୮ରେ ସୁପ୍ରିମକୋର୍ଟ ଗୁଜରାଟ ସରକାରଙ୍କ ରିମିସନ୍ ଆଦେଶକୁ ରଦ୍ଦ କରିଥିଲେ । ମାମଲାର ବିଚାର ମହାରାଷ୍ଟ୍ରକୁ ସ୍ଥାନାନ୍ତର ହୋଇଥିବାରୁ ଦୋଷୀଙ୍କୁ ମୁକ୍ତ କରିବାର କ୍ଷମତା ଗୁଜରାଟ ସରକାରଙ୍କର ନଥିଲା ବୋଲି କୋର୍ଟ ସ୍ପଷ୍ଟ କରିଥିଲେ । ଏଥିସହ ସମସ୍ତ ଦୋଷୀଙ୍କୁ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ସରଗରମ...

ବିରୋଧୀଙ୍କ କହିବାନୁଯାୟୀ ସେମାନଙ୍କ ନିକଟରେ ଅନେକ ପ୍ରସଙ୍ଗ ରହିଛି । କଂଗ୍ରେସ ପକ୍ଷରୁ ବାତ୍ୟାଜନିକ ବର୍ଷା ପରିସ୍ଥିତି ନେଇ ଗଞ୍ଜାମରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସରକାର ମୁକାବିଲା କରିବାରେ ବିଫଳ ହୋଇଛନ୍ତି । ଏହାକୁ ସେମାନେ ପ୍ରସଙ୍ଗ କରିବେ । କୋଟିଆ ବିବାଦର ସମାଧାନ ଲାଗି ମଧ୍ୟ ଦାବି କରାଯିବ । ଭତ୍ତା ପ୍ରଦାନ ନେଇ ସୃଷ୍ଟି ହୋଇଥିବା ସ୍ଥିତି ଉପରେ ମଧ୍ୟ ଆଲୋଚନା ପାଇଁ ବିରୋଧୀମାନେ ଅଡି ବସିବେ । ଏମଏମଡିଆର ଆଇନକୁ ମଧ୍ୟ ପୁଣି ପ୍ରସଙ୍ଗ ଭାବେ ଉପସ୍ଥାପନ କରାଯାଇପାରେ । ସେହିଭଳି ବିଜେଡି ମଧ୍ୟ ଏଥର ଜୋରଦାର ପ୍ରସ୍ତୁତି କରିଛି । ଆଇନ ଶୃଙ୍ଖଳା ଠାରୁ ଆରମ୍ଭ କରି ବାତ୍ୟା ମୁକାବିଲାରେ ହୋଇଥିବା ତ୍ରୁଟିକୁ ମୁଖ୍ୟ ଆୟୁଧ କରିବେ । ଏହାଛଡା ଗତ ଅଧିବେସନରେ ବିଜେଡି ଉଠାଇଥିବା ଏମଏମଡିଆର ପ୍ରସଙ୍ଗକୁ ମଧ୍ୟ ପୁନର୍ବାର ଉଠାଯିବ । ଧାନ କିଣା ସମେତ କୋଟିଆ

ଡିୟନ୍ ଅଟୋମୋଟିଭ୍ ପକ୍ଷରୁ ଅଶୋକ ଲେଲ୍ୟାଣ୍ଡର ୩୫ ଡିଲରସିପ୍ ଉଦ୍‌ଘାଟିତ

ଭୁବନେଶ୍ୱର, (ସବୁ୍ୟ): ଡିୟନ୍ ଗ୍ରୁପର ଅଟୋମୋବାଇଲ୍ ବ୍ୟବସାୟିକ ସଂସ୍ଥା ଡିୟନ୍ ଅଟୋମୋଟିଭ୍ ପକ୍ଷରୁ ସୋମବାର ଖୋର୍ଦ୍ଧା ଜଗନ୍ନାଥପୁରରେ ଅଶୋକ ଲେଲ୍ୟାଣ୍ଡର ନୂତନ ଏମ ଆଣ୍ଡ ଏଚସିଭି ଡିଲରସିପର ଉଦଘାଟନ କରିଛି । ଅଶୋକ ଲେଲ୍ୟାଣ୍ଡର ଚ୍ୟାନେଲ୍ ପାର୍ଟନର ଭାବେ ଡିୟନ୍ ଅଟୋମୋଟିଭ୍ କାର୍ଯ୍ୟ କରିବ । ଏହି ନୂତନ ଡିଲରସିପ୍ ମାଧ୍ୟମରେ ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲ୍ଲାର ଫ୍ଲିଟ୍ ମାଲିକ ଓ ପରିବହନକାରୀମାନେ ଅଶୋକ ଲେଲ୍ୟାଣ୍ଡର ବିକ୍ରୟ ଓ ସର୍ଭିସ୍ ସୁବିଧା ନିଜ ନିକଟରେ ପାଇପାରିବେ । ଏହି ୩୫ (ସେଲ୍ସ, ସର୍ଭିସ୍ ଏବଂ ସ୍ପେୟାର୍ସ) ଡିଲରସିପଟି ପ୍ଲଟ୍ ନମ୍ବର ୧୦୯, ଜଗନ୍ନାଥପୁର, ଖୋର୍ଦ୍ଧା, ଓଡ଼ିଶା - ୭୫୨୧୦୧ରେ ଅବସ୍ଥିତ । ୮୯,୭୩୩.୬ ବର୍ଗଫୁଟ୍ ପରିମିତ



ଅଞ୍ଚଳରେ ପରିବ୍ୟାପ୍ତ ଏହି ସୁବିଧା କେନ୍ଦ୍ରରେ ୧୯ଟି ସର୍ଭିସ୍ ବେ' ରହିଛି । ଏଠାରେ ହ୍ୱିଲ୍ ଆଲାଇନମେଣ୍ଟ୍ ମେସିନ୍, ନ୍ୟୁମାଟିକ୍ ସିଷ୍ଟମ୍, ଦୁର୍ଘଟଣାଗ୍ରସ୍ତ ଯାନର ମରାମତି ପାଇଁ ସ୍ୱତନ୍ତ୍ର ବେ' ଏବଂ ମୋବାଇଲ୍ ସର୍ଭିସ୍ ଭ୍ୟାନ୍ ସମେତ ଅତ୍ୟାଧୁନିକ ଉପକରଣ ଉପଲବ୍ଧ ରହିଛି । ଏଥିସହ ଗ୍ରାହକଙ୍କୁ ଉନ୍ନତ ଓ ନିରବଚ୍ଛିନ୍ନ ସେବା ଯୋଗାଇବା ପାଇଁ ତାଲିମପ୍ରାପ୍ତ ଟେକ୍ନିସିଆନମାନେ ମଧ୍ୟ ନିୟୋଜିତ ରହିବେ । ଏହି ଡିଲରସିପ୍ ସହିତ ଡିୟନ୍ ଅଟୋମୋଟିଭ୍ ବାଣିଜ୍ୟିକ ଯାନ କ୍ଷେତ୍ରରେ ନିଜର ଉପସ୍ଥିତିକୁ ସମ୍ପ୍ରସାରିତ କରିଛି ।

ଡିୟନ୍ ଅଟୋମୋଟିଭର ନିର୍ଦ୍ଦେଶକ ମନୋଜ କୁମାର ସାହୁ କହିଛନ୍ତି, ଅଶୋକ ଲେଲ୍ୟାଣ୍ଡ ସହିତ ସହଭାଗିତା କରିବା ଏବଂ ଓଡ଼ିଶାରେ ବାଣିଜ୍ୟିକ ଯାନ ଗ୍ରାହକଙ୍କ ପରିବର୍ତ୍ତିତ ଆବଶ୍ୟକତା ପୂରଣ କରିବା ନେଇ ଆମେ ଗର୍ବିତ । ରାଜ୍ୟବ୍ୟାପୀ ପାସେଞ୍ଜର୍ ଯାନ ଏବଂ ଇଲେକଟ୍ରିକ୍ ଟୁ-ହ୍ୱିଲର୍ ଗ୍ରାହକଙ୍କୁ ସେବା ଯୋଗାଇବା ପରେ, ଏବେ ଆମେ ପରିବହନକାରୀ ଏବଂ ଫ୍ଲିଟ୍ ମାଲିକମାନଙ୍କୁ ମଧ୍ୟ ସେହିଭଳି ଉନ୍ନତ ସେବା ପ୍ରଦାନ କରିବାକୁ ଉତ୍ସାହିତ । ଏହି ଡିଲରସିପଟି ରଣନୈତିକ ଦୃଷ୍ଟିକୋଣରୁ ଏକ ଉପଯୁକ୍ତ ସ୍ଥାନରେ ସ୍ଥାପନ କରାଯାଇଛି, ଯାହା ମାଧ୍ୟମରେ ଗ୍ରାହକମାନେ ଅଶୋକ ଲେଲ୍ୟାଣ୍ଡର ବିଶ୍ୱସନୀୟ ଉତ୍ପାଦ ଏବଂ ସେବାର ସୁବିଧା ସହଜରେ ପାଇପାରିବେ । ଆମର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସାହୁଙ୍କ ମାର୍ଗଦର୍ଶନରେ ଡିୟନ୍ ଗ୍ରୁପ୍ ସର୍ବଦା ଗ୍ରାହକଙ୍କୁ ପ୍ରାଥମିକତା ଦେଇଆସିଛି ଏବଂ ଏହି ସହଭାଗିତାରେ ମଧ୍ୟ ଆମେ ସେହି ପ୍ରତିବଦ୍ଧତାକୁ ଆଗକୁ ବଢ଼ାଇବୁ । ଅଶୋକ ଲେଲ୍ୟାଣ୍ଡର ନ୍ୟାସନାଲ୍ ସେଲ୍ସ ହେଡ୍ ସୁଶ୍ରୀ ମାଧବୀ ଦେଶମୁଖ କହିଛନ୍ତି, ଏହି ନୂତନ ଡିଲରସିପ୍ର ଉଦଘାଟନ ପୂର୍ବ ଭାରତ, ବିଶେଷକରି ଓଡ଼ିଶାରେ ଆମର ଉପସ୍ଥିତିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ଖୋର୍ଦ୍ଧା ଜିଲ୍ଲା ପ୍ରେସ୍ କ୍ଲବ୍ ପକ୍ଷରୁ ଜାତୀୟ ପ୍ରେସ ଦିବସ

ଖୋର୍ଦ୍ଧା, (ସବୁ୍ୟ): ସ୍ଥାନୀୟ ପ୍ରେସ କ୍ଲବ୍ ପରିସରରେ ଜିଲ୍ଲା ପ୍ରେସ କ୍ଲବ୍ ଏବଂ ଓଡ଼ିଶା ସାମ୍ବାଦିକ ୟୁନିଅନ(ଓୟୁଜେ),ଓଡ଼ିଶା କର୍ମଜୀବୀ ସାମ୍ବାଦିକ ୟୁନିଅନ(ଓୟୁଡବ୍ଲ୍ୟୁଜେ) ଏବଂ ଉତ୍କଳ ସାମ୍ବାଦିକ ସଂଘ ଆଦି ରାଜ୍ୟସ୍ତରୀୟ ସଂଗଠନ ଜିଲ୍ଲା ଶାଖା ଗୁଡିକର ମିଳିତ ଆନୁକୂଲ୍ୟରେ ଜାତୀୟ ପ୍ରେସ ଦିବସ - ୨୦୨୬ ପାଳିତ ହୋଇଯାଇଛି । ଜିଲ୍ଲା ପ୍ରେସ କ୍ଲବ ସଭାପତି ତପନ କୁମାର ନାୟକଙ୍କ ପୌରହିତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ପରମାର ସ୍ୱିଥ ପଶୋତମ ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍ଘାଟନ କରିଛନ୍ତି। ଗଣତନ୍ତ୍ରର ସୁରକ୍ଷା, ଜନସାଧାରଣଙ୍କ ସ୍ୱରକୁ ଶାସନ ଓ ପ୍ରଶାସନ ନିକଟରେ ପହଁଚାଇବା ଏବଂ ସମାଜକୁ ସଚେତନ କରିବାରେ ଗଣମାଧ୍ୟମର ଭୂମିକା ଅତୁଳନୀୟ। ସାମ୍ବାଦିକମାନେ ବହୁ ପ୍ରତିକୂଳ ପରିସ୍ଥିତି, କଷ୍ଟ ଓ ଆହ୍ୱାନର ସମ୍ମୁଖୀନ ହୋଇ ଘଟଣାସ୍ଥଳରୁ ସମ୍ବାଦ ସଂଗ୍ରହ କରିବା ସହ ତାହାକୁ ଲୋକଲୋଚନକୁ ଆଣି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥାନ୍ତି। ଏଭଳି କର୍ତବ୍ୟନିଷ୍ଠ ସାମ୍ବାଦିକମାନଙ୍କୁ ମୁଁ ହୃଦୟରୁ ସାଲ୍ୟୁଟ୍ କରୁଛି ବୋଲି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ଦାସ ପ୍ରକାଶ କରିଛନ୍ତି।

ସମ୍ମାନିତ ଅତିଥିରୂପେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ମୁଖ୍ୟବକ୍ତା ରୂପେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଶ୍ୟାମା ପ୍ରସନ୍ନ ମିତ୍ର ପ୍ରମୁଖ ଯୋଗଦେଇ ସାମ୍ବାଦିକତା ଦାୟିତ୍ୱବୋଧ ନା ଲୋକପ୍ରିୟତା ବିଷୟ ବସ୍ତୁ ଉପରେ ମତ ପ୍ରକାଶ କରିଥିଲେ। ଏଥିରେ ବରିଷ୍ଠ ସାମ୍ବାଦିକ ପ୍ରଭାତ ପାଣିଗ୍ରାହୀ, ଲୋହିତ ନାରାୟଣ ମହାପାତ୍ର,ରାଜେଶ ମହାନ୍ତି ଙ୍କ ସମେତ କାର୍ଯ୍ୟକ୍ରମରେ ଓୟୁଡବ୍ଲ୍ୟୁଜେ ର ଜିଲ୍ଲା ସଭାପତି ତଥା ପ୍ରେସ କ୍ଲବ ର ସାଧାରଣ ସମ୍ପାଦକ ପ୍ରକାଶ କୁମାର ହାତୀ, ଓୟୁଜେ ର ଜିଲ୍ଲା



ସଭାପତି ତପନ କୁମାର ନାୟକ, ୟୁଜେଏ ର ଜିଲ୍ଲା ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା, କୋଷାଧ୍ୟକ୍ଷ ଗୋପାଳ କୃଷ୍ଣ ଦାସଙ୍କ ସମେତ ପ୍ରେସ କ୍ଲବ୍ ଏବଂ ୩ଟି ଜିଲ୍ଲା ସଂଗଠନର କର୍ମକର୍ତା ତଥା ସଦସ୍ୟ ସଦସ୍ୟା ମାନେ ଯୋଗଦେଇ ପ୍ରେସ ଦିବସ ପାଳନର ତାତ୍ପର୍ଯ୍ୟ ଓ ସାମ୍ବାଦିକତା ସମ୍ପର୍କରେ ନିଜ ନିଜର ମତାମତ ରଖିଥିଲେ। ପ୍ରାରମ୍ଭରେ ପ୍ରେସ କ୍ଲବ ଉପସଭାପତି ଲଳିତ ମୋହନ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶେଷରେ ସାଧାରଣ ସମ୍ପାଦକ ପ୍ରକାଶ ହାତୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାର ଶତାଧିକ ସାମ୍ବାଦିକ ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ରହିଥିଲେ।

ଭୁବନେଶ୍ୱର ରନ୍‌ୱେ ୱିକ୍ ୧୫

ଆକର୍ଷଣୀୟ ଡ଼ିଜାଇନ୍‌ର ପୋଷାକ ପରିବେଷଣ କଲେ ବଚ୍ଚା ବଚ୍ଚା ଡ଼ିଜାଇନର୍

ଭୁବନେଶ୍ୱର, (ସବୁ୍ୟ): ନୂତନ ଡ଼ିଜାଇନ୍‌ର ପୋଷାକ ପରିଧାନ କରିବା ସହ ଆକର୍ଷଣୀୟ ଦେଖାଯିବା ପାଇଁ ସମସ୍ତେ ଚାହାଁନ୍ତି । ସବୁବର୍ଗର ପିଢ଼ୀଙ୍କୁ ନଜରରେ ରଖି ଆଡ଼ିକ୍ସନ୍ ଫ୍ୟାସନ୍ ୱେଷ୍ଟର୍ଣ୍ଣ (ଭାରତୀୟ-ପାଶ୍ଚାତ୍ୟ) ଏବଂ ପାଶ୍ଚାତ୍ୟ ଫ୍ୟାଶନର ବିକାଶଶୀଳ ସୌନ୍ଦର୍ଯ୍ୟକୁ ଉପସ୍ଥାପନ କରେ।ଏହି ଉପସ୍ଥାପନାରେ ଏକ ବିଶେଷ ଆକର୍ଷଣ ଯୋଡ଼ିବା ପାଇଁ, ଡ. ଭୂମିକା ଦାସ 'ସ୍ୱର୍ଣ୍ଣସୂତ୍ର' ପ୍ରଦର୍ଶିତ କରାଯାଇଥିଲା ।



ମ୍ୟାନେମେଣ୍ଟ ପକ୍ଷରୁ ନିର୍ଦ୍ଦେଶକ ଜନ୍ ଅଜୟଙ୍କ ନିର୍ଦ୍ଦେଶନାରେ ଭୁବନେଶ୍ୱର ରନ୍‌ୱେ ୱିକ୍‌ର ପଞ୍ଚାଦଶ ସଂସ୍କରଣ ସ୍ଥାନୀୟ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଦେଶର ନାମିଦାମୀ ବଚ୍ଚା ବଚ୍ଚା ଡ଼ିଜାଇନର୍ ନିଜର ଆକର୍ଷଣୀୟ ଡ଼ିଜାଇନ୍ ପରିବେଷଣ କରିଥିଲେ । ଏହି କାଯ୍ୟକ୍ରମ ର ପ୍ରଥମ ଡିଜାଇନ ଥିଲା ପଲ୍ଲିଶ୍ରୀ ଙ୍କ ଦ୍ୱାରା ପ୍ରତିଷ୍ଠିତ ଡିଜାଇନ ଚନ୍ଦ୍ରପଲ୍ଲୀ ଯାହା ଏକ ବିଳାସପୂର୍ଣ୍ଣ ଫ୍ୟାଶନ୍ ବ୍ରାଣ୍ଡ ଏହା ଭାରତୀୟ, ଇଣ୍ଡୋ-'ଚନ୍ଦ୍ରପଲ୍ଲୀ' ପାଇଁ 'ଶୋ-ଷ୍ଟପର୍' ଭାବରେ ରାମ୍ପ୍ ଉପରେ ନଜର ଆସିଥିଲେ । ଏହା ପରେ ଅସଫାକ ଅହମ୍ମଦ ଡିଜାଇନ୍ ଷ୍ଟୁଡିଓ ପକ୍ଷରୁ ବିଳାସପୂର୍ଣ୍ଣ, ବିବରଣୀ ଏବଂ ସୁସ୍ଥିତ ଷ୍ଟାଇଲିଂ ଉପରେ ଧ୍ୟାନ ଦେଇ, ଷ୍ଟୁଡିଓ ଆଧୁନିକ ଗ୍ଲାମର ଏବଂ କାଳଜୟୀ ସୁସଂସ୍କୃତି କୁ ନେଇ ପୋଷାକ ପରିଦର୍ଶିତ କରିଥିଲା । ଡକ୍ଟର ଦେବାଶ୍ରୀ ମହାନ୍ତି ଏହାର ଶୋ-ଷ୍ଟପର୍ ଥିଲେ। ଚାଣକ୍ୟ କମ୍ୟୁନିଟି କଲେଜର ଫ୍ୟାଶନ୍ ଡିଜାଇନ୍ ବିଭାଗ ଦ୍ୱାରା ନିକିତା ଙ୍କ ଦ୍ୱାରା ନଜରିୟା ଡିଜାଇନ ଦର୍ଶକ ଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଏଥିରେ ଭାରତୀୟ ହାତତନ୍ତ ଏବଂ ହସ୍ତଶିଳ୍ପ କରିକାର୍ଯ୍ୟ ସହ ସମ୍ବଲପୁରୀ ହାତତନ୍ତ ବସ୍ତ୍ରକୁ ବ୍ୟବହାର କରି 'ଫ୍ୟୁଜନ୍' (ଆଧୁନିକ ଓ ପାରମ୍ପରିକ ଶୈଳୀର ମିଶ୍ରଣ) ପୋଷାକ ପ୍ରସ୍ତୁତ କରାଯାଇଥିଲା । ଦେବଯାନୀ ଡେଗୁରିଆ ଏହାର ସୋ ଷ୍ଟପର ଥିଲେ । ଦେବାସ୍ମିତା ଗିରି ଙ୍କ ର ସୋଲ୍ ବାଇ ଇଣ୍ଡିଆନ୍' ରେ ସୌନ୍ଦର୍ଯ୍ୟ ଏବଂ ଭାବନାକୁ ପ୍ରତିଫଳିତ ହେବା ସହ ଭାରତର ସମୃଦ୍ଧ ଐତିହ୍ୟ ଏବଂ ଜୀବନ୍ତ ସଂସ୍କୃତିରୁ ପ୍ରେରଣା ନେଇ ପାରମ୍ପରିକ ଡିଜାଇନ୍ ଏବଂ ଆଧୁନିକ ବିଳାସପୂର୍ଣ୍ଣ ପୋଷାକ ପ୍ରସ୍ତୁତ କରିଥିଲେ ଯେଉଥିରେ ଡ. ସାଇପ୍ରସନ୍ନ ବେହେରା ସୋ ଷ୍ଟପର ଥିଲେ । ଓଡ଼ିଶା ଟେଲିଭିଜନ୍ ନେଟୱାର୍କର ଇକାଡନ ପାରମ୍ପରିକ ବୟନ କଳାକୁ ଆଧୁନିକ ସୌନ୍ଦର୍ଯ୍ୟ ସହ ଯୋଡ଼ିବା ପାଇଁ ଏକା. ପ୍ରୟାସ କରିଛି ଯେଉଁଥିରେ ମାଧ୍ୟମରେ ଭାରତର ସମୃଦ୍ଧ ହସ୍ତତନ୍ତ ପରମ୍ପରାକୁ, ବିଳାସପୂର୍ଣ୍ଣ ମଲବେରୀ (ତୁତ) ରେଶମ ଶାଢ଼ିର ଅନନ୍ୟ ସୌନ୍ଦର୍ଯ୍ୟ ମାଧ୍ୟମରେ ଉପସ୍ଥାପନ କରାଯାଇଛି ।

ନାରାୟଣା ବିଦ୍ୟାଳୟରେ ଶିଶୁ ଦିବସ



କଟକ, (ସ୍ୱପ୍ର) : ସ୍ଥାନୀୟ ନୂଆପଡା ପୃଷ୍ଠି ବଗିତା ସ୍ଥିତ ନାରାୟଣା ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷା ଡ. ନିର୍କୋଲସ ବାର୍ଲୋଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉସିବରେ ଅତିଥିଭାବେ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ଚଳଚ୍ଚିତ୍ର ନାୟିକା ବର୍ଷା ପ୍ରିୟଦର୍ଶିନୀ, କର୍ପୋରେଟର ଅରବିନ୍ଦ ଜେନା, ଚୌଦ୍ୱାର ମ୍ୟୁନିସିପାଲଟିର ଉପାଧକ୍ଷ ଶୁଭେନ୍ଦୁ ସାମଲ, କାଉଁସିଲର ସୁବ୍ରତ ସାମଲ ପ୍ରମୁଖ ଯୋଗଦେଇ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଛାତ୍ରଛାତ୍ରୀମାନଙ୍କୁ ନେହେରୁଙ୍କ ଶିଶୁମାନଙ୍କ ପ୍ରତି ଥିବା ସ୍ନେହ ଓ ଦେଶପ୍ରେମର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଭାରତର ବିଭିନ୍ନତା ମଧ୍ୟରେ ଏକତାକୁ ଦର୍ଶାଇବାକୁ ଯାଇ ବିଭିନ୍ନ ପ୍ରଦେଶର ଖାଦ୍ୟ, ବସ୍ତ୍ର, ସଂସ୍କୃତିକୁ ପ୍ରଦର୍ଶିତ କରିଥିଲେ । ବିଦ୍ୟାଳୟ ପକ୍ଷରୁ ନାରାୟଣା ମିନା ବଜାର ଓ ଅବିଭାବକଙ୍କ ଦ୍ୱାରା ଫୁଡ୍ ଫେଷ୍ଟିଭାଲ ଆୟୋଜିତ ହୋଇଥିଲା । ଇ-କିଡ୍ସ ଉପାଧକ୍ଷା ସଂଯୁକ୍ତା ପଣ୍ଡା, ଇ-ଚାମ୍ପ ଉପାଧକ୍ଷା ରାଜେଶ୍ୱରୀ ମହାନ୍ତି, ଇ-ଟେକନ୍‌ର ତିନ୍ କୌଶଳ ବୁଦ୍ଧ ଦେବ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ପ୍ରଫେସର ବିଷ୍ଣୁପ୍ରିୟା ଜେମାଙ୍କ ବିୟୋଗରେ ଶୋକସଭା

କଟକ,(ସବୁ୍ୟ): ରାଜଧାନୀର ରମାଦେବୀ ମହିଳା କଲେଜ ଓ କେନ୍ଦୁଝରର ଧରଣୀଧର କଲେଜର ଅଧକ୍ଷା ଥିବା ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ବିଷ୍ଣୁପ୍ରିୟା ଜେମାଙ୍କ ଦଶାହ ଉପଲକ୍ଷେ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଶ୍ରୀଶ୍ରୀ ମା ଗଡ଼ଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଶା ସରକାରୀ କଲେଜ ଶିକ୍ଷକ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଡକ୍ଟର ନାରାୟଣ ମହାନ୍ତି ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ ଡକ୍ଟର ଶଚୀନ୍ଦ୍ର ରାଉଳ, ଡକ୍ଟର ଅଶୋକ କୁମାର ରାୟ, ଅଧ୍ୟାପକ ଅକ୍ଷୟ କୁମାର ଦାଶ, ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ, ସମାଜସେବୀ ଦୀପକ କୁମାର ମହାନ୍ତ ପ୍ରମୁଖ ପ୍ରଫେସର ଜେମାଙ୍କର ପ୍ରଶାସନିକ ଦକ୍ଷତା, ଅମାୟିକ ବ୍ୟବହାର ଓ କର୍ତ୍ତବ୍ୟପରାୟଣତାର ଉଚ୍ଚ ପ୍ରଶଂସା କରିଥିଲେ। ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ଥାନୀୟ ଝାଞ୍ଜିରାମଙ୍ଗଳାର ମୂଳବାସିନ୍ଦା ପ୍ରଫେସର ଜେମା ଅବସର ଗ୍ରହଣ ପରେ ପୁରୀଠାରେ ଅବସ୍ଥାନ କରୁଥିଲେ। ଗତ ୬ ତାରିଖରେ ୮୦ ବର୍ଷ ବୟସରେ ସେଠାରେ ତାଙ୍କର ପରଲୋକ ଘଟିଥିଲା।

ପିକ୍‌ଅପ୍ ଭ୍ୟାନ୍ ସହ ଗଞ୍ଜେଇ ଜବତ, ଡ୍ରାଇଭର ଗିରଫ

ଭୁବନେଶ୍ୱର, (ସବୁ୍ୟ) : ଜାତୀୟ ରାଜପଥ-୧୬ ଦେଇ ପିକ୍‌ଅପ୍ ଭ୍ୟାନ୍ ଯୋଗେ ଗଞ୍ଜେଇ ନେଇ ଯାଉଥିବା ଡ୍ରାଇଭର ଜିଶୟା ପ୍ରଧାନ (୨୮)କୁ ତମାଣ୍ଡୋ ଥାନା ପୋଲିସ ଗିରଫ କରିଛି । ପିକ୍‌ଅପ୍ ଭ୍ୟାନ୍‌ରୁ ୬୨କେଜି ଗଞ୍ଜେଇ ଜବତ ହେବା ପରେ ଅଭିଯୁକ୍ତକୁ ପୋଲିସ ମାରାଥନ ଜେରା କରିଥିଲା । ଅଭିଯୁକ୍ତ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଅଞ୍ଚଳର । ବର୍ତ୍ତମାନ ସେ ଭରତପୁର ମହାଲକ୍ଷ୍ମୀବିହାର ସାଇପ୍ରସାଦ ବସ୍ତିରେ ରହୁଥିବା କହିଥିଲା । ଉକ୍ତ ପିକ୍‌ଅପ୍ ଗାଡି ତା'ନିଜର ବୋଲି ଜଣାପଡିଛି । ସେ କନ୍ଧମାଳରୁ ଗଞ୍ଜେଇ ଆଣି ରାଜଧାନୀର ବିଭିନ୍ନ ଖୁଚୁରା ବ୍ୟବସାୟୀଙ୍କୁ ଯୋଗାଇଥାଏ । ଜାତୀୟ ରାଜପଥ-୧୬ସ୍ଥିତ ହୁଣ୍ଡାଇ ସୋ'ରୁମ୍ କଟ୍ ପଏଣ୍ଟ ନିକଟରେ ପୋଲିସ ଜଗିରହିଥିଲା ।ସେଠାରେ ପହଞ୍ଚିବା ପରେ ପୋଲିସ ଗାଡିକୁ ଅଟକାଇବାକୁ ସଙ୍କେତ ଦେବାରୁ ସେ ଦ୍ରୁତ ଗତିରେ ଭୁବନେଶ୍ୱର ଆଡକୁ ଖସି ପଳାଇବାକୁ ଉଦ୍ୟମ କରିଥିଲା । ପୋଲିସ ଟିମ୍ ପିଛା କରି କଳିଙ୍ଗବିହାର ଛକ ଶିବ ମନ୍ଦିର ନିକଟରେ ଗାଡିକୁ ଅଟକାଇବା ସହ ଡ୍ରାଇଭରକୁ ଗିରଫ କରିଥିଲା । ଥାନାକୁ ନେଇ ବିସ୍ତୃତ ଭାବେ ପଚରାଉଚରା କରିବାରୁ ସେ କନ୍ଧମାଳରୁ ଗଞ୍ଜେଇ ଆଣି ରାଜଧାନୀର ବିଭିନ୍ନ ଅଞ୍ଚଳର ଖୁଚୁରା ବ୍ୟବସାୟୀଙ୍କୁ ଯୋଗାଇଥାଏ । ମୁଖ୍ୟତଃ ଭରତପୁର ଅଞ୍ଚଳରେ ବ୍ୟବସାୟୀଙ୍କ ପାଇଁ ସେ ଗଞ୍ଜେଇ ଆଣେ ବୋଲି ପୋଲିସରେ କହିଛି । ସୋମବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

ଡିଏଭି ଚନ୍ଦ୍ରଶେଖରପୁରରେ ଶିଶୁମେଳା ଓ ମେଗା ପ୍ରକଳ୍ପ ପ୍ରଦର୍ଶନୀ

ଭୁବନେଶ୍ୱର, (ସବୁ୍ୟ): ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଜିଜ୍ଞାସାଭାବ ସୃଷ୍ଟି କରିବା ଏବଂ ବୈଜ୍ଞାନିକ ମନୋଭାବର ବାର୍ତ୍ତା ପ୍ରଚାର କରିବା ଉଦ୍ଦେଶ୍ୟରେ ନିକଟରେ ଭୁବନେଶ୍ୱରସ୍ଥିତ ଡିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁରରେ ଦୁଇ ଦିନିଆ ଶିଶୁ ମେଳା ଏବଂ ମେଗା ପ୍ରକଳ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି । ଭିଜନାରିୟମ୍ ୪.୦ ଶୀର୍ଷକ ଏହି କାର୍ଯ୍ୟକ୍ରମରେ ୮୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ନର୍ସରୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ନେଇ ଆୟୋଜିତ ଶିଶୁ ମେଳାକୁ ବିଦ୍ୟାଳୟର ଅଧକ୍ଷା ଡଃ ସୁଜାତା ସାହୁ ଉଦଘାଟନ କରିଥିଲେ । ସେହିପରି, ଭୁବନେଶ୍ୱରସ୍ଥିତ ସ୍କିଲ୍ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ୍‌ର ସିଇଓ ରଞ୍ଜନ ଭୌମିକ 'ଭିଜନାରିୟମ୍'କୁ ଉଦଘାଟନ କରିଥିଲେ । ବିଦ୍ୟାଳୟର ଚେୟାରମ୍ୟାନ୍ ସନ୍ତୋଷ କୁମାର ଶତପଥୀ ତାଙ୍କ ଅଭିଭାଷଣରେ ଏଭଳି ଶୈକ୍ଷିକ କାର୍ଯ୍ୟକ୍ରମ ଆୟୋଜନର ମୂଳ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଚିରାଚରିତ ଚିନ୍ତାଧାରାରୁ ଉର୍ଦ୍ଧ୍ୱକୁ ଯାଇ ସୃଜନଶୀଳ ତଥା ଅଭିନବ ପ୍ରୟାସକୁ ପ୍ରୋତ୍ସାହିତ କରିବାକୁ ଅଧକ୍ଷା ଡଃ ସାହୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ ।



ଏହି ପ୍ରଦର୍ଶନୀରେ ଗଣିତ, ବିଜ୍ଞାନ, ଇଂରାଜୀ, ହିନ୍ଦୀ, ଓଡ଼ିଆ, ସଂସ୍କୃତ, ସାମାଜିକ ବିଜ୍ଞାନ, କଳା ଓ ହସ୍ତଶିଳ୍ପ ଏବଂ ଏଟିଏଲ୍ ସମ୍ବନ୍ଧୀୟ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏହି ମେଗା କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଭାବେ 'ଗେମ୍ ଜୋନ୍' ଏବଂ 'ଫୁଡ୍ ଜୋନ୍' ମଧ୍ୟ ସାମିଲ କରାଯାଇଥିଲା । ଡିଏଭି ଅନୁଷ୍ଠାନ ସମୂହର ଆଞ୍ଚଳିକ ନିର୍ଦ୍ଦେଶକ ଡଃ କେ.ସି. ଶତପଥୀ, ବିଭିନ୍ନ ଡିଏଭି ବିଦ୍ୟାଳୟର ଅଧକ୍ଷ/ଅଧକ୍ଷା ଏବଂ ହଜାର ହଜାର ଅଭିଭାବକ ଏହି ପ୍ରଦର୍ଶନୀ ପରିଦର୍ଶନ କରି ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀମାନଙ୍କୁ

୨୩ତମ ଆସିଆନ ଭାରତ ଶିଖର ସମ୍ମିଳନୀ

ରଣନୀତିକ ଭାଗିଦାରୀ କ୍ଷେତ୍ରକୁ ଗୁରୁତ୍ୱ ଦେବ ଭାରତ



ନୂଆଦିଲ୍ଲୀ : ଫିଲିପାଇନ୍ସରେ ରାଷ୍ଟ୍ରପତି ଫର୍ଡିନାଣ୍ଡ ଆର୍. ମାର୍କୋସ୍ ଜୁନିୟର୍ଙ୍କ ନିମନ୍ତ୍ରଣ କ୍ରମେ, ମୁଁ ଆଜି ମନିଲା ଗସ୍ତ କରୁଛି । ମୁଁ ସେଠାରେ ୧୭ ନଭେମ୍ବର ୨୦୨୬ରେ ଅନୁଷ୍ଠିତ ହେବାକୁ ଥିବା ୨୩ତମ ଆସିଆନ୍-ଭାରତ ଶିଖର ସମ୍ମିଳନୀ ଏବଂ ୨୧ତମ ପୂର୍ବ ଏସିଆ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବି । ଆସିଆନ୍ ଦେଶଗୁଡିକ ସହିତ ଆମର ସମ୍ପର୍କ ଭାରତର 'ଆକ୍ଟ ଇଷ୍ଟ ପଲିସି'ର ମୂଳ ଆଧାର ଅଟେ ଏବଂ ଆମର 'ମହାସାଗର' ଦୃଷ୍ଟିକୋଣରେ ଏହା ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି । ଶତାବ୍ଦୀ ଶତାବ୍ଦୀ ଧରି ଚାଲିଆସିଥିବା ସଭ୍ୟତାଗତ ଆଦାନପ୍ରଦାନ ଉପରେ ଆଧାରିତ ଆମର ଏହି ସମ୍ପର୍କ ବର୍ତ୍ତମାନ ବାଣିଜ୍ୟ, ସଂଯୋଗୀକରଣ, ସାମୁଦ୍ରିକ ସୁରକ୍ଷା, ପ୍ରଯୁକ୍ତିବିଦ୍ୟା ଏବଂ ଜନସମ୍ପର୍କ ଭଳି ବିଭିନ୍ନ କ୍ଷେତ୍ରକୁ ବ୍ୟାପି ଏକ ଗତିଶୀଳ ଭାଗିଦାରୀରେ ପରିଣତ ହୋଇଛି । ଆସିଆନ୍-ଭାରତ ଶିଖର ସମ୍ମିଳନୀରେ, ମୁଁ ଅନ୍ୟ ନେତାମାନଙ୍କ ସହ ମିଶି ଆମର 'ବ୍ୟାପକ ରଣନୀତିକ ଭାଗିଦାରୀ' କ୍ଷେତ୍ରରେ ହୋଇଥିବା ଅଗ୍ରଗତିକୁ ଆହୁରି ଆଗକୁ ନେବାକୁ ଏବଂ ବିକାଶ, ସଂଯୋଗୀକରଣ ତଥା ସମୃଦ୍ଧି ପାଇଁ ଆମର ସାଧାରଣ ଆକାଂକ୍ଷାଗୁଡିକ ଅଧିକ ଗତିଶୀଳ କରିବାକୁ ଆଗ୍ରହୀ ରହିଛି । ପୂର୍ବ ଏସିଆ ଶିଖର ସମ୍ମିଳନୀ ଆଞ୍ଚଳିକ ଏବଂ ବିଶ୍ୱ ଚ୍ୟାଲେଞ୍ଜ ଉପରେ ଆଲୋଚନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରେ । ଭାରତ-ପ୍ରଶାନ୍ତ ମହାସାଗର ଶାନ୍ତି, ସ୍ଥିରତା ଏବଂ ସହଯୋଗକୁ ସୁଦୃଢ଼ କରିବା ପାଇଁ ମୁଁ ଅଂଶଗ୍ରହଣକାରୀ ନେତାମାନଙ୍କ ସହିତ ମତ ବିନିମୟ କରିବାକୁ ଅପେକ୍ଷା କରିଛି । ମୁଁ ଫିଲିପାଇନ୍ସରେ ସ୍ପନ୍ଦନଶୀଳ ଭାରତୀୟ ସମ୍ପ୍ରଦାୟ ସହିତ ଆଲୋଚନା କରିବାକୁ ମଧ୍ୟ ଅପେକ୍ଷା କରିଛି, ଯାହାଙ୍କ ଅବଦାନ ଆମ ଦୁଇ ଦେଶ ମଧ୍ୟରେ ବନ୍ଧୁତାର ବନ୍ଧନକୁ ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ମୁଁ ନିଶ୍ଚିତ ଯେ ଏହି ଗସ୍ତ ଆସିଆନ ସହିତ ଭାରତର ସହଭାଗୀତାକୁ ନୂତନ ଶକ୍ତି ପ୍ରଦାନ କରିବ ଏବଂ ଏକ ଶାନ୍ତିପୂର୍ଣ୍ଣ, ସମୃଦ୍ଧ ତଥା ସ୍ଥିର ଭାରତ-ପ୍ରଶାନ୍ତ ମହାସାଗର ପ୍ରତି ଆମର ସାମୂହିକ ପ୍ରତିବଦ୍ଧତାକୁ ସୁଦୃଢ଼ କରିବ ।

ସୁପ୍ରିମକୋର୍ଟରେ ହାଇଡ୍ରାମା, ସିଜେଆଇଙ୍କୁ କଟାକ୍ଷ କରି ଫସିଲେ ଓକିଲ



ନୂଆଦିଲ୍ଲୀ: ସୁପ୍ରିମକୋର୍ଟର କୋର୍ଟ ରୁମ୍ ନମ୍ବର ୧ରେ ସୋମବାର ଅପ୍ରତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ସମ୍ମୁଖରେ ଜଣେ ଓକିଲ ନିଜ ଆବେଦନର ଶୁଣାଣିରେ ବିଳମ୍ବକୁ ନେଇ ଉତକ୍ଷିପ୍ତ ହୋଇପଡ଼ିଥିଲେ। ଏପରିକି ସେ ପ୍ରଧାନ ବିଚାରପତିଙ୍କୁ ଏହି ଚୌକିରେ ବସିବାକୁ ଯୋଗ୍ୟ ନୁହଁ ବୋଲି କହିବା ସହ ତାଙ୍କ ସଚ୍ଚୋଟତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ। ଏହାପରେ ତୁରନ୍ତ କୋର୍ଟ କାର୍ଯ୍ୟ ବନ୍ଦ କରିଦିଆଯାଇଥିଲା। କୋର୍ଟର ସୁରକ୍ଷାକର୍ମୀ ଓକିଲଙ୍କୁ ସେଠାରୁ ବାହାର କରିଦେଇଥିଲେ। ରିପୋର୍ଟ ଅନୁଯାୟୀ, ଅବମାନନା ମାମଲାରେ ଅଭିଯୁକ୍ତ ଥିବା ଏହି ଓକିଲ ନିଜ ମାମଲାର ତୁରନ୍ତ ଶୁଣାଣି ପାଇଁ ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍ଚୀ ଓ ଜଷ୍ଟିସ୍ ଭି ମୋହନାଙ୍କ ଖଣ୍ଡପୀଠଙ୍କ ନିକଟରେ ଆବେଦନ କରିଥିଲେ। ତାଙ୍କ ମାମଲା ନଭେମ୍ବର ୨ରେ ପ୍ରଧାନ ବିଚାରପତିଙ୍କ କାର୍ଯ୍ୟାଳୟରେ ରଖାଯାଇଥିଲେ ମଧ୍ୟ ୧୫ ଦିନ ପରେ କୌଣସି ଉତ୍ତର ମିଳିନଥିବା ସେ କହିଥିଲେ। ତେଣୁ ତାଙ୍କୁ ନିଜେ କୋର୍ଟକୁ ଆସିବାକୁ ପଡ଼ିଲା ବୋଲି ସେ ଯୁକ୍ତି ଦର୍ଶାଇଥିଲେ। ତେବେ ଆରମ୍ଭରେ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରିନଥିବାରୁ ସେ କ୍ଷମା ମାଗିବା ସହ ଜରୁରୀ ପରିସ୍ଥିତି ଯୋଗୁଁ ଏପରି କରିଥିବା କହିଥିଲେ। ଜଷ୍ଟିସ୍ ଭି ମୋହନା ତାଙ୍କୁ ଏପରି ମନ୍ତବ୍ୟ ନ ଦେବାକୁ କହିଥିଲେ। କିନ୍ତୁ ଓକିଲ ଜଣକ ନିଜ ଜିଦ୍ରେ ଅଟଳ ରହି ନିଜ ଆବେଦନର କାଗଜପତ୍ର ଦେଖିବାକୁ ଅନୁରୋଧ କରିଥିଲେ। ଏହି ସମୟରେ ସିଜେଆଇ ତାଙ୍କୁ ଅପେକ୍ଷା କରିବାକୁ କହିବାରୁ ସେ ଉତକ୍ଷିପ୍ତ ହୋଇ ପ୍ରଧାନ ବିଚାରପତିଙ୍କ ପ୍ରତି ବ୍ୟକ୍ତିଗତ ଆକ୍ଷେପ କରିଥିଲେ। ଖଣ୍ଡପୀଠର ଅନ୍ୟ ଦୁଇ ବିଚାରପତିଙ୍କୁ ସମ୍ମାନ କରୁଥିବା କହିଥିଲେ ମଧ୍ୟ ସିଜେଆଇଙ୍କୁ ସେହି ଚୌକି ପାଇଁ ଯୋଗ୍ୟ ମଣୁନଥିବା ସ୍ପଷ୍ଟ କରିଥିଲେ। ଏହାପରେ କୋର୍ଟ କାର୍ଯ୍ୟର ଅଡିଓ ଓ ଭିଡିଓ ରେକର୍ଡିଂ ବନ୍ଦ କରାଯାଇଥିଲା। କୋର୍ଟ ରୁମରେ ଉପସ୍ଥିତ ଅନ୍ୟ ଓକିଲମାନେ ଏହି ଆଚରଣ ପାଇଁ ସମ୍ପୃକ୍ତ ଓକିଲଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସିଜେଆଇଙ୍କୁ ଅନୁରୋଧ କରିଥିବା ଜଣାପଡ଼ିଛି।

ଅଜିତ ପାୱାରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ ଶାହ



ପୁଣେ : କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ପୁଣେଠାରେ ମହାରାଷ୍ଟ୍ରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସମାରୋହକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ, ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ସୁନେତ୍ରା ପାୱାର, କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ ମୁରଲାଧର ମୋହୋଲ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶ୍ରୀ ଶାହ କହିଥିଲେ ଯେ 'ଦାଦା' ଅଜିତ ପାୱାରଙ୍କ ଆକସ୍ମିକ ବିୟୋଗ ମହାରାଷ୍ଟ୍ର ପାଇଁ, ବିଶେଷ କରି ପୁଣେ, ବାରାମତୀ ଏବଂ ପିମ୍ପରୀ-ଚିଞ୍ଚୱାଡ ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କର ଆକସ୍ମିକ ମୃତ୍ୟୁ ଦ୍ୱାରା ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନକୁ କୌଣସି ଜଣେ ବ୍ୟକ୍ତି ପୂରଣ କରିପାରିବେ ନାହିଁ। ସେ କହିଥିଲେ ଯେ ଏହା ସମଗ୍ର ମହାରାଷ୍ଟ୍ର ପାଇଁ ଏତେ ବଡ଼ କ୍ଷତି ଯେ ଏହାର ଭରଣା କରାଯାଇପାରିବ ନାହିଁ। ଶ୍ରୀ ଶାହ କହିଥିଲେ ଯେ ଅଜିତ ପାୱାରଙ୍କ ବିୟୋଗ ତାଙ୍କ ପାଇଁ ଏକ ବ୍ୟକ୍ତିଗତ କ୍ଷତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ସେ ତାଙ୍କର ଜଣେ ଭଲ ବନ୍ଧୁ ଥିଲେ। ଶ୍ରୀ ଶାହ କହିଛନ୍ତି ଯେ ତାଙ୍କ ବିଦାୟ ସହିତ ଆମେ ଜଣେ ଜନନେତାଙ୍କୁ ହରାଇଛୁ ଯାହାଙ୍କ ପାଖରେ ବିକାଶ ପାଇଁ ଗଭୀର ଦୂରଦୃଷ୍ଟି ଥିଲା ଏବଂ ପଞ୍ଚାୟତିରାଜ, ସହଯୋଗ, କୃଷି ଏବଂ ଆଧୁନିକ ସହରାଞ୍ଚଳ ବିକାଶ କ୍ଷେତ୍ରରେ ତାଙ୍କର ଦୀର୍ଘ ଅଭିଜ୍ଞତା ଏବଂ ସ୍ପଷ୍ଟ ଦୂରଦୃଷ୍ଟି ଥିଲା।

ବିଚାରପତିଙ୍କୁ ଇମ୍ରାନଙ୍କ ଚିଠି : ଜେଲରୁ ଜୀବିତ ଫେରିବା ନେଇ ଆଶଙ୍କା



ଇସଲାମାବାଦ : ଜେଲରେ ଖରାପ ସ୍ୱାସ୍ଥ୍ୟାବସ୍ଥା ଯୋଗୁଁ ନିଜର ମୃତ୍ୟୁ ହୋଇପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି ପାକିସ୍ତାନର ଜେଲ୍ରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍। ତାଙ୍କୁ ଓ ପତ୍ନୀ ବୁଶ୍ରା ବିବିଙ୍କୁ ଜେଲ୍ କର୍ତ୍ତୃପକ୍ଷ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେଉନଥିବା ସେ ଅଭିଯୋଗ କରିଛନ୍ତି। ଇମ୍ରାନଙ୍କ କହିବା ଅନୁଯାୟୀ, ତାଙ୍କ ଡାହାଣ ଆଖିର ଦୃଷ୍ଟିଶକ୍ତି ୮୫ ପ୍ରତିଶତ ହ୍ରାସ ପାଇଛି। ଏଥିସହ ହୃଦ୍ଘାତ ଓ ମସ୍ତିଷ୍କାଘାତ ହେବାର ଆଶଙ୍କା ମଧ୍ୟ ତାଙ୍କୁ ଘାରିଛି। ବୁଶ୍ରାଙ୍କ ଦୃଷ୍ଟିଶକ୍ତି ମଧ୍ୟ ହ୍ରାସ ପାଉଥିବା ସେ ଦାବି କରିଛନ୍ତି। ଜେଲ୍ରୁ ଆଉ ଜୀବିତ ଫେରିବା ସମ୍ଭବ ହୋଇ ନ ପାରେ ବୋଲି ଇମ୍ରାନ୍ ଆଶଙ୍କା ପ୍ରକାଶ କରିଛନ୍ତି। ପାକିସ୍ତାନର ଶୀର୍ଷ ବିଚାରପତିମାନଙ୍କୁ ଲେଖିଥିବା ଏକ ଖୋଲା ଚିଠିରେ ସେ ଏହି ଚିନ୍ତା ବ୍ୟକ୍ତ କରିଛନ୍ତି। ପାକିସ୍ତାନର ସଂଘୀୟ ସାମ୍ବିଧାନିକ ଅଦାଲତ, ସୁପ୍ରିମ୍କୋର୍ଟ ଏବଂ ଇସଲାମାବାଦ ହାଇକୋର୍ଟର ପ୍ରଧାନ ବିଚାରପତିମାନଙ୍କୁ ଏହି ଚିଠି ଲେଖି ମାମଲାରେ ତୁରନ୍ତ ହସ୍ତକ୍ଷେପ କରିବାକୁ ସେ ଅନୁରୋଧ କରିଛନ୍ତି। ପାକିସ୍ତାନ ତେହରିକ୍-ଇ-ଇନ୍ସାଫ୍ (ପିଟିଆଇ)ର ପ୍ରତିଷ୍ଠାତା ଇମ୍ରାନ୍ ଜେଲ୍ରେ ନିଜ ସହ ଏବଂ ପତ୍ନୀଙ୍କ ସହ ହେଉଥିବା ବ୍ୟବହାର ନେଇ ନ୍ୟାୟିକ ହସ୍ତକ୍ଷେପ ଲୋଡ଼ିଛନ୍ତି। ଉଲ୍ଲେଖଯୋଗ୍ୟ, ଇମ୍ରାନ୍ ଖାନ୍ ୨୦୨୩ ଅଗଷ୍ଟ ୫ ତାରିଖରୁ ଜେଲ୍ରେ ଅଛନ୍ତି। ଅନ୍ୟପକ୍ଷରେ, ବୁଶ୍ରା ବିବି ୨୦୨୫ ଜାନୁଆରି ୧୭ ତାରିଖରୁ ଗିରଫ ହେବା ପରେ ଜେଲରେ ଅଛନ୍ତି।

ଏନକାଉଣ୍ଟରରେ ଲସ୍କର ଆତଙ୍କୀ ନିହତ

ନୂଆଦିଲ୍ଲୀ : ସିଆରପିଏଫ ପୋଷ୍ଟ ଉପରେ ହୋଇଥିବା ଆତଙ୍କବାଦୀ ହମଲାର ପ୍ରତିଶୋଧ ନେଇଛନ୍ତି ସୁରକ୍ଷାକର୍ମୀ। ଏହି ହମଲାରେ ସାମିଲ ଥିବା କୁଖ୍ୟାତ ଲସ୍କର ଆତଙ୍କବାଦୀ ଲତିଫ ଭଟ୍ଟର ଖେଳତମ। ଆଜି ଜମ୍ମୁ-କଶ୍ମୀରର କୁଲଗାମରେ ହୋଇଥିବା ଏନକାଉଣ୍ଟରରେ ଲତିଫ ଓ ତା'ର ଜଣେ ସହଯୋଗୀ ପ୍ରାଣ ହରାଇଛନ୍ତି। କିଛି ରିପୋର୍ଟରେ ଲତିଫକୁ ମିଶାଇ ଦୁଇ ଜଣ ଆତଙ୍କୀ ନିହତ ହୋଇଥିବା କୁହାଯାଉଛି। କିନ୍ତୁ ଆଉ କିଛି ଗଣମାଧ୍ୟମ ବର୍ତ୍ତମାନ ସୁଦ୍ଧା କେବଳ ଲିତଫ ହିଁ ପ୍ରାଣ ହରାଇଛି ଓ ତା'ର ସହଯୋଗୀ ସୁରକ୍ଷାକର୍ମୀଙ୍କ କର୍ତନରେ ଫସି ରହିଛି। ତା'କୁ ନିପାତ କରିବା ପାଇଁ ଏବେ ବି ସ୍ଥାନୀୟ ଅଞ୍ଚଳରେ ସର୍ଚ୍ଚ ଅପରେସନ କରାଯାଉଛି। ତେବେ ଏ ସମ୍ପର୍କରେ ସେନା ପକ୍ଷରୁ କିଛି ବି କୁହାଯାଇ ନାହିଁ। ନଭେମ୍ବର ୧୧ ତାରିଖରେ ଜମ୍ମୁ-କଶ୍ମୀରର କୁଲଗାମ ଅନ୍ତର୍ଗତ ମୀର ବଜାର ନିକଟ ଅଖରନ ସ୍ଥିତ ସିଆରପିଏଫ ଚେକ ପୋଷ୍ଟ ଉପରେ ହୋଇଥିଲା ଆତଙ୍କବାଦୀ ଆକ୍ରମଣ। ବାଇକରେ ଆସିଥିବା ୨ ଜଣ ଆତଙ୍କବାଦୀ ଅତର୍କିତ ଗୁଳିମାଡ଼ କରି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ।

ପଞ୍ଜାବରେ ପୁଲିସ କନେଷ୍ଟବଳଙ୍କୁ ହତ୍ୟା

ନିଜକୁ ଦାୟୀ କଲା ଆଇଏସ୍ଆଇ ସମର୍ଥିତ ଆତଙ୍କବାଦୀ ଗୋଷ୍ଠୀ

ଚଣ୍ଡୀଗଡ଼: ପଞ୍ଜାବର ଗୁରୁଦାସପୁର ଜିଲ୍ଲା ମାନକୌର ବାଇପାସ୍ ନିକଟରୁ ଜଣେ ପୁଲିସ ହେଡ୍ କନେଷ୍ଟବଳଙ୍କ ମୃତଦେହ ମିଳିଛି। ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିବା ତାଙ୍କ ପରିବାର ସଦସ୍ୟ ସନ୍ଦେହ କରୁଛନ୍ତି। ଏହି ଘଟଣାରେ ପୁଲିସ ହତ୍ୟା ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି। ମୃତ ହେଡ୍ କନେଷ୍ଟବଳ ହେଉଛନ୍ତି ୪୨ ବର୍ଷୀୟ ବିନୋଦ କୁମାର। ପରିବାର ସଦସ୍ୟଙ୍କ କହିବା ଅନୁଯାୟୀ, ରବିବାର ରାତିରେ ଡ୍ୟୁଟିରୁ ଫେରୁଥିବା ସମୟରେ ବିନୋଦ ତାଙ୍କ ଭାଇଙ୍କୁ ଫୋନ୍ କରି ବାଇପାସ୍ ନିକଟରୁ ନେଇଯିବାକୁ କହିଥିଲେ। ଏହାପରେ ତାଙ୍କ ଭାଇ ବସ୍ଷ୍ଟାଣ୍ଡରେ ପହଞ୍ଚି ବିନୋଦଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ତାଙ୍କଠାରୁ କୌଣସି ଉତ୍ତର ମିଳି ନଥିଲା। ଉଲ୍ଲେଖଯୋଗ୍ୟ, ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ସମର୍ଥିତ ଆତଙ୍କବାଦୀ ଗୋଷ୍ଠୀ ତେହରିକ୍-ଏ-ତାଲିବାନ ହିନ୍ଦୁସ୍ତାନ ଏହି ହତ୍ୟା ପାଇଁ ନିଜକୁ ଦାୟୀ କରିଛି। ଏ ନେଇ ଗୋଷ୍ଠୀ ପକ୍ଷରୁ ସୋସିଆଲ ମିଡିଆରେ ଏକ ପୋଷ୍ଟର ମଧ୍ୟ ସେୟାର୍ କରାଯାଇଛି। ଏଡିଜି ପିକେ ସିହ୍ନା କହିଛନ୍ତି, ହତ୍ୟା ପାଇଁ ନିଜକୁ ଦାୟୀ କରି ଗୋଷ୍ଠୀ ପକ୍ଷରୁ ସେୟାର୍ କରାଯାଇଥିବା ପୋଷ୍ଟର ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି। ତଦନ୍ତକାରୀ ଦଳ ଏହାର ସତ୍ୟତା ଯାଞ୍ଚ କରୁଛନ୍ତି।

ଏସିଆରେ ଟ୍ରମ୍ପଙ୍କ ନୂଆ କୂଟନୈତିକ ଅଭିଯାନ

ୱାଶିଂଟନ: ସୋମବାରଠାରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏସିଆ ଗସ୍ତ ଆରମ୍ଭ କରିଛନ୍ତି। ଏହି ଗସ୍ତରେ ସେ ଫିଲିପାଇନ୍ସର ରାଜଧାନୀ ମାନିଲା ଓ ଚୀନ୍ର ଶିଳ୍ପନଗରୀ ସେନ୍ଜେନ୍ ଯିବେ। ମାନିଲାରେ ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡ଼ିକର ନେତାଙ୍କ ସହ ଆଲୋଚନା ଓ ଥାଇଲାଣ୍ଡ ସହ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବା ତାଙ୍କର କାର୍ଯ୍ୟକ୍ରମ ରହିଛି। ଏହାପରେ ଚୀନରେ ଏସିଆ-ପ୍ରଶାନ୍ତ ଅର୍ଥନୈତିକ ସହଯୋଗ (ଏପିଇସି) ସମ୍ମିଳନୀରେ ଯୋଗଦେବା ସହ ଚୀନ୍ ରାଷ୍ଟ୍ରପତି ସି ଜିନ୍ପିଙ୍ଗ ଓ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଏକ ଐତିହାସିକ ତ୍ରିପାକ୍ଷିକ ପରମାଣୁ ଆଲୋଚନାରେ ସାମିଲ ହେବେ। ନଭେମ୍ବର ୧୮ ଓ ୧୯ ତାରିଖରେ ସେନ୍ଜେନରେ ଏପିଇସି ସମ୍ମିଳନୀ ଅନୁଷ୍ଠିତ ହେବ।

ଜ୍ଞାନେଶ କୁମାରଙ୍କୁ ୪୮ ପ୍ରଶ୍ନ : ସୁପ୍ରିମକୋର୍ଟରେ ଜବାବ ଦାଖଲ କଲା ଇଣ୍ଡି ମେଣ୍ଟ



ନୂଆଦିଲ୍ଲୀ : ମୁଖ୍ୟ ନିର୍ବାଚନ ଆୟୁକ୍ତ ଏବଂ ନିର୍ବାଚନ କମିଶନଙ୍କ କାର୍ଯ୍ୟପ୍ରଣାଳୀ ସମ୍ପର୍କିତ ମାମଲାରେ ସୁପ୍ରିମକୋର୍ଟରେ ଶୁଣାଣି ପୂର୍ବରୁ ରାହୁଲ ଗାନ୍ଧୀଙ୍କ ସମେତ ଇଣ୍ଡି ମେଣ୍ଟର ନେତାମାନେ ଏକ ନୂଆ ଆବେଦନ ଦାଖଲ କରିଛନ୍ତି। ନଭେମ୍ବର ୧୭ ତାରିଖ ମଙ୍ଗଳବାର ଏହି ମାମଲାର ଶୁଣାଣି ହେବାକୁ ଥିବାବେଳେ ନିର୍ବାଚନ କମିଶନଙ୍କ ଦାଖଲ କରିଥିବା ସତ୍ୟପାଠକୁ ନେଇ ଆବେଦନକାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନେ ମୁଖ୍ୟ ନିର୍ବାଚନ ଆୟୁକ୍ତ, ଅନ୍ୟ ଦୁଇ ନିର୍ବାଚନ ଆୟୁକ୍ତ ଏବଂ ନିର୍ବାଚନ କମିଶନଙ୍କ ଆଇଟି ମହାନିର୍ଦ୍ଦେଶକଙ୍କୁ ମୋଟ ୪୮ଟି ପ୍ରଶ୍ନ ପଚାରିବା ପାଇଁ ଅନୁମତି ମାଗିଛନ୍ତି। ନିର୍ବାଚନ କମିଶନଙ୍କ ନିଷ୍ପତ୍ତି ନେବା ପ୍ରକ୍ରିୟା, ସ୍ୱତନ୍ତ୍ର ଗଭୀର ଭୋଟର ତାଲିକା ସଂଶୋଧନ ଏବଂ ଡିଜିଟାଲ୍ ବ୍ୟବସ୍ଥାରେ ହୋଇଥିବା ପରିବର୍ତ୍ତନକୁ ନେଇ ଏହି ପ୍ରଶ୍ନଗୁଡ଼ିକ ଉଠାଯାଇଛି। ଆବେଦନକାରୀଙ୍କ କହିବା ଅନୁଯାୟୀ, ନିର୍ବାଚନ କମିଶନ ନିଜ ସତ୍ୟପାଠରେ ସମସ୍ତ ନିଷ୍ପତ୍ତି ସର୍ବସମ୍ମତିକ୍ରମେ ଏବଂ ସରକାରୀ ଫାଇଲ୍ ମାଧ୍ୟମରେ ନିଆଯାଇଥିବା ଦାବି କରିଛନ୍ତି। କିନ୍ତୁ ଆରଟିଆଇ ମାଧ୍ୟମରେ ମିଳିଥିବା ତଥ୍ୟରେ କେତେକ ନିଷ୍ପତ୍ତି ଉପରେ ଔପଚାରିକ ନିଷ୍ପତ୍ତି ନଥିବା ଜଣାପଡ଼ିଥିଲା। ତେଣୁ କେତେ ନିଷ୍ପତ୍ତିରେ ସିଇସିଙ୍କ ମତ ସହ ଅନ୍ୟ ଦୁଇ ନିର୍ବାଚନ ଆୟୁକ୍ତ ଅସହମତ ଥିଲେ, ସେନେଇ ପ୍ରଶ୍ନ କରାଯାଇଛି। ସାରା ଦେଶରେ ଏକକାଳୀନ ଏସ୍ଆଇଆର କରିବାକୁ ବୃତ୍ତାନ୍ତ ନିଷ୍ପତ୍ତି କିଏ ନେଇଥିଲେ? ନୂଆ ଭୋଟରଙ୍କ ପଞ୍ଜୀକରଣ ପାଇଁ ଫର୍ମ-୬ର ନିୟମ ଓ ଫର୍ମାଟ୍ କାହା ନିର୍ଦ୍ଦେଶରେ ବଦଳାଯାଇଥିଲା? ଏହାସହ ଏରୋନେଟ୍ ଏବଂ ଇସିନେଟ୍ ଡିଜିଟାଲ୍ ବ୍ୟବସ୍ଥାକୁ କେନ୍ଦ୍ରୀକୃତ କରିବାର ନିଷ୍ପତ୍ତି କିଏ ନେଇଥିଲେ, ତାହାର ବୈଷୟିକ ପ୍ରକ୍ରିୟା କ'ଣ ଥିଲା, ସେନେଇ ମଧ୍ୟ ଜବାବ ମଗାଯାଇଛି। ପଶ୍ଚିମବଙ୍ଗରେ ନ୍ୟାୟିକ ଅଧିକାରୀଙ୍କ ନିଷ୍ପତ୍ତି ବିରୋଧରେ ବହୁ ସଂଖ୍ୟାରେ ଆବେଦନ ଦାଖଲ ହେବା ଘଟଣାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଯାଇଛି। ନିର୍ବାଚନ କମିଶନଙ୍କ ଅଜାଣତରେ ଏବଂ ଅନୁମତି ବିନା ଏହି ଆବେଦନଗୁଡ଼ିକ ଦାଖଲ ହୋଇଥିବା ଦାବିକୁ ଆବେଦନକାରୀମାନେ ବିରୋଧ କରିଛନ୍ତି। ଏହି ଆବେଦନରେ ସମ୍ବିଧାନର ଅନୁଚ୍ଛେଦ ୩୨ ଏବଂ ସୁପ୍ରିମକୋର୍ଟ ନିୟମାବଳୀର ଉଲ୍ଲେଖ କରାଯାଇଛି। ଜଷ୍ଟିସ୍ କେଏସ୍ ପୁଟ୍ଟସ୍ୱାମୀ ମାମଲାର ଉଦାହରଣ ଦେଇ ବୈଷୟିକ ଓ ପ୍ରକ୍ରିୟାଗତ ତଥ୍ୟ ସ୍ପଷ୍ଟ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ସିଧାସଳଖ ପ୍ରଶ୍ନ କରାଯାଇପାରିବ ବୋଲି ଯୁକ୍ତି ରଖାଯାଇଛି। ଏହି ୪୮ଟି ପ୍ରଶ୍ନର ଉତ୍ତର ସମ୍ପୃକ୍ତ ଅଧିକାରୀମାନେ ରେକର୍ଡ ଆଧାରରେ ସତ୍ୟପାଠ ମାଧ୍ୟମରେ ଦିଅନ୍ତୁ ବୋଲି ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରାଯାଇଛି। କୌଣସି ଦସ୍ତାବିଜକୁ ଗୋପନୀୟ କହି ଦେବାକୁ ମନା କରାଗଲେ, ଏହାର ଆଇନଗତ ଆଧାର ମଧ୍ୟ ସ୍ପଷ୍ଟ କରିବାକୁ ଦାବି ହୋଇଛି। ଏବେ ନଭେମ୍ବର ୧୭ରେ ସୁପ୍ରିମକୋର୍ଟଙ୍କ ଶୁଣାଣି ଉପରେ ସମସ୍ତଙ୍କ ନଜର ରହିଛି।

ରାମମନ୍ଦିର ଦାନ ଅର୍ଥ ହଡ଼ପ ମାମଲା

ଏସ୍ଆଇଟି ଗଠନ ପାଇଁ କଂଗ୍ରେସର ଦାବି

ନୂଆଦିଲ୍ଲୀ: ଅଯୋଧ୍ୟାର ରାମମନ୍ଦିରକୁ ଭକ୍ତମାନେ ଦାନ କରିଥିବା ଅର୍ଥ ହଡ଼ପ ଅଭିଯୋଗର ତଦନ୍ତ ପାଇଁ ନୂଆ ଓ ସ୍ୱାଧୀନ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ଗଠନ କରିବାକୁ ସୋମବାର କଂଗ୍ରେସ ଦାବି କରିଛି। ଏହି ତଦନ୍ତକାରୀ

ସୂର୍ଯ୍ୟ କୁମାରଙ୍କ ଧୂଆଁଧାର ବ୍ୟାଟିଂ, ୨୯ ବଲରେ ମାରିଲେ ୮୨ ରନ୍



ନୂଆଦିଲ୍ଲୀ, ୧୬।୧୧(ଏଜେନ୍ସି) : ଭାରତ ପାଇଁ ଟି-୨୦ ବିଶ୍ୱକପ ଜିତିଥିବା କ୍ୟାପ୍ଟେନ ସୂର୍ଯ୍ୟ କୁମାର ଯାଦବ ପୁଣି ଜଲୱା ଦେଖାଇଛନ୍ତି। ପ୍ରଥମ ମ୍ୟାଚ୍ ଭଳି ମୁମ୍ବାଇ ପାଇଁ ଦ୍ୱିତୀୟ ମ୍ୟାଚରେ ଗର୍ଜିଛି ସୂର୍ଯ୍ୟ କୁମାରଙ୍କ ବ୍ୟାଟ୍।ସେ ଆଜି ସୟିଦ ମୁସ୍ତାକ ଅଲୀ ଟ୍ରଫିରେ ଖେଳିଛନ୍ତି ୨୯ ବଲରେ ୮୨ ରନର ଇନିଂସ। ଗୁଜରାଟ ବିପକ୍ଷ ମ୍ୟାଚରେ ତାଙ୍କ ବ୍ୟାଟୁ ଏପରି ବିସ୍ଫୋରକ ଇନିଂସ ଦେଖିବାକୁ ମିଳିଛି। ଏହି ଇନିଂସରେ ସୂର୍ଯ୍ୟ କୁମାର ୭ଟି ଛକା ଓ ୯ଟି ଚୌକା ମାରିଛନ୍ତି। ଏଥିଯୋଗୁ ମୁମ୍ବାଇ ୧୯୮ ରନର ଟାର୍ଗେଟକୁ ମାତ୍ର ୧୬ ଓଭର ଭିତରେ ଜିତି ନେଇଛନ୍ତି। ଶେଷ ଭାଗରେ ଆଶୁତୋଷ ଶର୍ମାଙ୍କ ୨୨ ବଲରେ ୪୨ ଓ ବିଶାଲ ଜୟସ୍ୱାଲଙ୍କ ୨୧ ବଲରେ ୩୮ ରନ ଯୋଗୁ ଗୁଜରାଟ ୧୯.୨ ଓଭରରେ ସମସ୍ତ ୱିକେଟ ହରାଇ ୧୯୭ ରନ କରିଥିଲା। ଏହାକୁ ସୂର୍ଯ୍ୟ କୁମାରଙ୍କ ନେତୃତ୍ୱାଧୀନ ମୁମ୍ବାଇ ମାତ୍ର ୧୫.୪ ଓଭରରେ ହାସଲ କରିନେଇଛି। ଖରାପ ଫର୍ମ ଯୋଗୁ ଭାରତୀୟ ଟିମ ଓ କ୍ୟାପ୍ଟେନ୍ସି ପଦ ହରାଇଥିବା ସୂର୍ଯ୍ୟ କୁମାର ଆଜିର ଇନିଂସ ବଳରେ ସମସ୍ତଙ୍କୁ ନିଜର ଜଲୱା ଦେଖାଇଛନ୍ତି। ଏହାପୂର୍ବରୁ ହାଇଦ୍ରାବାଦ ବିପକ୍ଷ ମୁକାବିଲାରେ ସେ ୨୧ ବଲରେ ଖେଳିଥିଲେ ଅପରାଜିତ ୬୦ ରନର ଇନିଂସ।ସେ ସୟିଦ ମୁସ୍ତାକ ଅଲୀ ଟ୍ରଫିରେ କ୍ରମାଗତ ୨ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ଆଜିର ମ୍ୟାଚରେ ସୂର୍ଯ୍ୟ କୁମାରଙ୍କ ବ୍ୟତୀତ ସର୍ଫରାଜ ଖାନ ମଧ୍ୟ ୧୭ ବଲରେ ଅପରାଜିତ ୪୦ ରନର ଇନିଂସ ଖେଳିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗକ୍ରିଶ ରଘୁବଂଶୀ ୪, ହାର୍ଦ୍ଦିକ ତାମୋରେ ୧୯ ବଲରେ ୨୬, ମୁଶୀର ଖାନ ୮ ବଲରେ ୧୪ ଓ ଶିବମ ଦୁବେ ୧୧ ରନ କରିପାରିଛନ୍ତି। ଅଥର୍ବ ଅନଲେକର ୫ ବଲରେ ୧୫ ରନ କରିବା ସହ ମୁମ୍ବାଇକୁ ୧୫.୪ ଓଭରରେ ୫ ୱିକେଟରେ ବିଜୟ ଭେଟି ଦେଇଛନ୍ତି। ସେହିପରି ବୋଲିଂରେ ମୁମ୍ବାଇ ପାଇଁ ଶାର୍ଦ୍ଦୁଲ ଠାକୁର ଓ ଅଥର୍ବ ଅନଲେକର ୩ଟି ଲେଖାଏ ସଫଳତା ପାଇଛନ୍ତି।

ପୁଣି ଆଇସିସି ଅଧ୍ୟକ୍ଷ ହେଲେ ଜୟ ଶାହ

ମୁମ୍ବାଇ, ୧୬।୧୧(ଏଜେନ୍ସି): ନିର୍ଦ୍ୱନ୍ଦ୍ୱରେ କ୍ରମାଗତ ଦ୍ୱିତୀୟ ଥର ପାଇଁ ଆଇସିସି ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି ଜୟ ଶାହ। ଆଇସିସି ବୋର୍ଡ ପକ୍ଷରୁ ଜୟ ଶାହଙ୍କୁ ବିନା ବିରୋଧରେ ଦ୍ୱିତୀୟ ଥର ପାଇଁ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି। ରବିବାର ବାଲିରେ ଆଇସିସି ଡିରେକ୍ଟର୍ସ ଅଫ ବୋର୍ଡର ମିଟିଂ ହେଉଥିଲା। ଏହି ବୈଠକରେ ସମସ୍ତ ବୋର୍ଡ ସଦସ୍ୟ ଜୟ ଶାହଙ୍କ ପୁନଃ ନିଯୁକ୍ତି ସପକ୍ଷରେ ମତ ରଖିଥିଲେ। ୩୮ ବର୍ଷୀୟ ଜୟ ଶାହ ଅନ୍ତର୍ଜାତୀୟ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ଆଇସିସିର ଅଧ୍ୟକ୍ଷ ହେବା ପୂର୍ବରୁ ବିସିସିଆଇ ସମ୍ପାଦକ ରହିଥିଲେ। ଏହାପରେ ପ୍ରଥମଥର ୨୦୨୪ ଡିସେମ୍ବରରେ ସେ ଆଇସିସି ଅଧ୍ୟକ୍ଷ ହୋଇଥିଲେ। ତାଙ୍କ କାର୍ଯ୍ୟକାଳ ସରିବାକୁ ଯାଉଥିବାରୁ ତାଙ୍କୁ ପୁଣି ୨ ବର୍ଷ ପାଇଁ ଆଇସିସି ଅଧ୍ୟକ୍ଷ ଭାବେ ଦାୟିତ୍ୱ ମିଳିଛି। ଆଇସିସି ପକ୍ଷରୁ କୁହାଯାଇଛି ଯେ "ଏହି ନିଷ୍ପତ୍ତି ଜୟ ଶାହଙ୍କ ନେତୃତ୍ୱ ଉପରେ ଆଇସିସି ବୋର୍ଡର ଭରସାକୁ ପ୍ରତିଫଳିତ କରୁଛି। ଏଥିସହ କ୍ରିକେଟ୍ର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସମୟରେ ନେତୃତ୍ୱରେ ନିରନ୍ତରତା ବଜାୟ ରଖିବାରେ ସହାୟକ ହେବ। ବିଶ୍ୱସ୍ତରରେ କ୍ରିକେଟ୍ର ସମ୍ପ୍ରସାରଣ, ପ୍ରଶଂସକଙ୍କ ସଂଖ୍ୟା ବୃଦ୍ଧି ଓ ବାଣିଜ୍ୟିକ ବିକାଶ ଆମର ରଣନୀତିକ ଯୋଜନାର ମୁଖ୍ୟ ଅଂଶ।" ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସକୁ କ୍ରିକେଟ ଫେରିବାକୁ ଯାଉଥିବା ବେଳେ ଜୟ ଶାହ ଆଇସିସି ଅଧ୍ୟକ୍ଷ ହେବା ବେଶ ଗୁରୁତ୍ୱପୂର୍ଣ୍ଣ। ପୁନଃ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇବା ପରେ ଜୟଶାହ କହିଛନ୍ତି, "ଆଇସିସି ବୋର୍ଡ ମୋ ଉପରେ ଯେଉଁ ଭରସା ପ୍ରକଟ କରିଛି, ସେଥିପାଇଁ ମୁଁ ଗଭୀର ଭାବେ ସମ୍ମାନିତ ଅନୁଭବ କରୁଛି। ସମସ୍ତ ନିର୍ଦ୍ଦେଶକଙ୍କ ନିରନ୍ତର ବିଶ୍ୱାସ ଓ ସମର୍ଥନ ପାଇଁ ମୁଁ ହୃଦୟରୁ କୃତଜ୍ଞ। ଆଇସିସିର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବା ମୋ ପାଇଁ ଏକ



ସମ୍ମାନ ଓ ଦାୟିତ୍ୱର ବିଷୟ। ବିଶ୍ୱବ୍ୟାପୀ କ୍ରିକେଟ୍ର ସ୍ୱାର୍ଥ ଓ ବିକାଶ ପାଇଁ ଆଇସିସିର ସମସ୍ତ ସଦସ୍ୟ ଦେଶଙ୍କ ସହ ମିଶି କାମ କରିବାକୁ ମୁଁ ପ୍ରତିବଦ୍ଧ। ଲୋକଙ୍କୁ ଏକାଠି କରିବାର କ୍ଷମତା ହିଁ କ୍ରିକେଟର ସବୁଠାରୁ ବଡ଼ ଶକ୍ତି। ବୋର୍ଡ ଓ ସମସ୍ତ ସଦସ୍ୟ ଦେଶଗୁଡ଼ିକର ସମର୍ଥନରେ ଆମ ଲକ୍ଷ୍ୟ କେବଳ ଯୋଜନାରେ ସୀମିତ ନ ରହି ବାସ୍ତବ ରୂପ ନେବ। ଏଥିସହ ଆମର ପ୍ରଗତି ଏପରି ଏକ ସ୍ଥାୟୀ ଐତିହ୍ୟ ସୃଷ୍ଟି କରିବ, ଯାହା ଆଗାମୀ ପିଢ଼ି ପାଇଁ ପ୍ରେରଣା ହୋଇ ରହିବ।"

ସୟଦ ମୁସ୍ତାକ ଅଲୀ ଟ୍ୱେଣ୍ଟି-୨୦: ପୁଣି ହାରିଲା ଓଡ଼ିଶା

ଭୁବନେଶ୍ୱର, ୧୬।୧୧(ସବ୍ୟୁ) : ଚଳିତ ସୟଦ ମୁସ୍ତାକ ଅଲୀ ଟ୍ୱେଣ୍ଟି-୨୦ ଘରୋଇ କ୍ରିକେଟ୍ରେ ଓଡ଼ିଶାର ପରାଜୟ ଜାରି ରହିଛି। ନିଜର ପ୍ରଥମ ମ୍ୟାଚରେ ଗୁଜରାଟ୍ରୁ ହାରିଥିବା ସ୍ୱସ୍ତିକ ସାମଲଙ୍କ ଏହି ଦଳ ସୋମବାର ୮ ୱିକେଟ୍ରେ ବିଦର୍ଭଠୁ ପରାସ୍ତ ହୋଇଛି। କୋଲକାତାର ଯାଦବପୁର ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ୍ ପଡ଼ିଆରେ ଖେଳିଯାଇଥିବା ଏହି ମ୍ୟାଚରେ ବିଦର୍ଭ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ବିସ୍ଫୋରକ ଆରମ୍ଭ କରିଥିବା ଓଡ଼ିଶା ଗୌରବ ଚୌଧୁରୀ (୫୩, ୨୮ ବଲ୍, ୫ ଚୌକା, ୩ ଛକା)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ୧୬୧/୮ ଅଟକି ଯାଇଥିଲା। ବିଦର୍ଭର ନାଚିକେତ ଭୂତେ (୪/୨୨)ଙ୍କ ଚମତ୍କାର ବୋଲିଂ ଆଗରେ ଓଡ଼ିଶା ବ୍ୟାଟର୍ ଟିକ୍ସି ନ ପାରି ନଥିଲେ। ଫଳରେ ଆରମ୍ଭରୁ ୨୦୦ରୁ ଅଧିକ ରନ୍ ଆଶାରେ ଥିବା ଓଡ଼ିଶା କଷ୍ଟେମଷ୍ଟେ ୧୫୦ ପାର୍ କରିପାରିଥିଲା। ଗୌରବଙ୍କ ବାଦ୍ କାର୍ତ୍ତିକ ବିଶ୍ୱାଳ (୩୦), ଆଶୀର୍ବାଦ ସ୍ୱାଇଁ (୨୦), ଦେବବ୍ରତ ପ୍ରଧାନ (୧୬*) ଓ ସ୍ୱସ୍ତିକ (୧୪) କେବଳ ଦୁଇଅଙ୍କ ଛୁଇଁ ପାରିଥିଲେ। ଶୁଭ୍ରାଂଶୁ ସେନାପତି (୫), ସର୍ବେଶ୍ୱର ମହାନ୍ତି (୭), ସୌମ୍ୟ ଲେଙ୍କା (୭) ଓ ନିନାଦ ରଥଭା (୨) ବିଫଳ ହୋଇଥିଲେ। ଜବାବରେ ବିଦର୍ଭ କେବଳ ଅଧିନାୟକ ଅଥର୍ବ ତାଇଡ଼େ (୭୪, ୪୮ ବଲ୍, ୧୧ ଚୌକା) ଓ ବରୁଣ ବିଷ୍ଟ (୬)ଙ୍କୁ ହରାଇ ୧୪ ବଲ୍ ପୂର୍ବରୁ ମ୍ୟାଚ୍ ଜିତି ନେଇଥିଲା। ଦିନେଶ ମାଲେବାର (୬୭*, ୪୨ ବଲ୍, ୯ ଚୌକା, ୧ ଛକା) ଓ ବେଦାନ୍ତ ଜାଜୁ (୧୧*) ଅପରାଜିତ ରହିଥିଲେ। ଦିନେଶ ଓ ଅଥର୍ବ ପ୍ରଥମ ୱିକେଟ୍ରେ ୧୩.୨ ଓଭରରେ ୧୨୫ ରନ୍ ଯୋଡ଼ିଥିଲେ। ଓଡ଼ିଶା ପକ୍ଷରୁ ନିନାଦ ଓ ସର୍ବେଶ୍ୱର ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ପରବର୍ତ୍ତୀ ମ୍ୟାଚ୍ରେ ଓଡ଼ିଶା ବୁଧବାର ଛତିଶଗଡ଼କୁ ଭେଟିବ।

ସଚିନଙ୍କ ସହ ଗଲି କ୍ରିକେଟ୍ ଖେଳିଲେ ୱେଲ୍ସ ରାଜକୁମାର



ମୁମ୍ବାଇ, ୧୬।୧୧(ଏଜେନ୍ସି) : ଭାରତ ଗସ୍ତରେ ଆସିଥିବା ୱେଲ୍ସର ରାଜକୁମାର ୱିଲିୟମ୍ ଓ ରାଜକୁମାରୀ କେଟ୍ ମିଡଲଟନ୍ ମୁମ୍ବାଇର ବଲାର୍ଡ ଇଷ୍ଟେଟରେ କ୍ରିକେଟ୍ କିଂବଦନ୍ତି ସଚିନ ତେନ୍ଦୁଲକରଙ୍କୁ ଭେଟିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସେଠାରେ ଥିବା ଏକ ଚା' ଦୋକାନକୁ ଯାଇ ସଚିନଙ୍କ ସହ ମାଟି ପାତ୍ରରେ ଚା' ପିଇଥିଲେ। ମାଜିକ ଗଣମାଧ୍ୟମରେ ଭାଇରାଲ୍ ଏହପରେ ଅବସରରେ ସଚିନଙ୍କ ସହ ଉଭୟ ଗଲି କ୍ରିକେଟ୍ ଖେଳିବାର ମଜା ନେଇଥିଲେ। ସେଠାରେ ଉପସ୍ଥିତି ଥିବା ସ୍କୁଲ୍ ପିଲାଙ୍କ ସହ ଏହି ୩ ଜଣ କ୍ରିକେଟ୍ ଖେଳିଥିଲେ। ଖେଳିବା ପୂର୍ବରୁ ସଚିନଙ୍କଠୁ ରାଜକୁମାର ଓ ରାଜକୁମାରୀ କିଛି କ୍ରିକେଟ୍ ଟିପ୍ସ ନେଇଥିଲେ। ଏହାପରେ ସଚିନ, ୱିଲିୟମ୍ ଓ କେଟ୍ ଜଣଙ୍କ ପରେ ଜଣେ ବ୍ୟାଟିଂ କରିଥିଲେ।

ବୈଭବଙ୍କ ଅନୁପସ୍ଥିତ ନେଇ ଦର୍ଶକ ନିରାଶ

ପାଟନା, ୧୬।୧୧(ଏଜେନ୍ସି) : ଯୁବ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀ ବର୍ତ୍ତମାନ ଭାରତ ତଥା ବିଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ପ୍ରଶଂସକମାନେ ତାଙ୍କ ଯାତ୍ରା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ସେ କେଉଁଠାରେ ଖେଳୁଛନ୍ତି, ତାଙ୍କର ପରବର୍ତ୍ତୀ ମ୍ୟାଚ୍ କେବେ ଅଛି ଏବଂ ସେ ପୁଣି କେବେ ପଡ଼ିଆକୁ ଓହ୍ଲାଇବେ, ତାହା ଜାଣିବାକୁ ସେମାନେ ଉତ୍ସୁକ ଅଛନ୍ତି। ତେବେ, ସୟଦ ମୁସ୍ତାକ ଅଲି ଟ୍ରଫିରେ ବିହାର ଦଳର ନେତୃତ୍ୱ ନେବା ପରେ, ବୈଭବ ହଠାତ୍ ଦଳରୁ ଅଦୃଶ୍ୟ ହୋଇଯାଇଛନ୍ତି। ସେ ବିହାର ପାଇଁ ମାତ୍ର ଗୋଟିଏ ମ୍ୟାଚ୍ ଖେଳିଥିଲେ ଏବଂ ଦ୍ୱିତୀୟ ମ୍ୟାଚରେ ଅନୁପସ୍ଥିତ ଥିଲେ। କେବଳ ଗୋଟିଏ ମ୍ୟାଚ୍ ଖେଳିବା ପରେ ବିହାର ଦଳର ଅଧିନାୟକ କାହିଁକି ନିଜ ଦଳ ଛାଡ଼ି ଚାଲିଗଲେ ବୋଲି ଖେଳ ପ୍ରେମୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ୨୦୨୪ ନଭେମ୍ବର ୧୬ 'ରେଲୱେ' ବିପକ୍ଷରେ ହେବାକୁ ଥିବା ସୟଦ ମୁସ୍ତାକ ଅଲି ଟ୍ରଫିର ଦ୍ୱିତୀୟ ମ୍ୟାଚରେ ବୈଭବ ସୂର୍ଯ୍ୟବଂଶୀଙ୍କ ଖେଳିବାର କାର୍ଯ୍ୟକ୍ରମ ଥିଲା। ତାଙ୍କୁ ଦେଖିବା ପାଇଁ ବହୁ ସଂଖ୍ୟକ ଦର୍ଶକ ଏକତ୍ରିତ ହୋଇଥିଲେ, କିନ୍ତୁ ଯେତେବେଳେ ବିହାର ଦଳ ପଡ଼ିଆକୁ ଓହ୍ଲାଇଲା, ସେଠାରେ ବୈଭବ ନଥିଲେ। ଏହି ଘଟଣା ପ୍ରଶଂସକମାନଙ୍କୁ ନିରାଶ କରିଥିଲା। ତେବେ ଏକଥା ସ୍ପଷ୍ଟ ଯେ ତାଙ୍କର ଏହି ଅନୁପସ୍ଥିତି କୌଣସି ବିବାଦ କିମ୍ବା



ମତଭେଦ ଯୋଗୁଁ ନୁହେଁ; ବରଂ, ଏକ ବଡ଼ ଆନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ 'ଇଣ୍ଡିଆ ଏ' ଦଳର ପ୍ରତିନିଧିତ୍ୱ କରିବା ପାଇଁ ତାଙ୍କୁ ଚୟନ କରାଯାଇଛି। ସେଥିପାଇଁ ସେ ବିହାର ଦଳ ସହିତ ପଡ଼ିଆକୁ ଓହ୍ଲାଇ ନଥିଲେ। କତାରର ରାଜଧାନୀ ଦୋହାରେ ଅନୁଷ୍ଠିତ ହେବାକୁ ଥିବା 'ରାଇଜିଂ ଷ୍ଟାର୍ସ ଏସିଆ କପ୍' ପାଇଁ ବୈଭବ ସୂର୍ଯ୍ୟବଂଶୀଙ୍କୁ 'ଇଣ୍ଡିଆ ଏ' ଦଳରେ ସାମିଲ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ସେ ବିହାର ଦଳରୁ ଓହରି ଯାଇଛନ୍ତି। 'ଇଣ୍ଡିଆ ଏ' ଦଳକୁ ଗ୍ରୁପ୍-ବି ରଖାଯାଇଛି, ଯେଉଁଥିରେ ସଂଯୁକ୍ତ ଆରବ ଏମିରେଟ୍ସ, ନେପାଳ ଏବଂ 'ପାକିସ୍ତାନ ଏ' ମଧ୍ୟ ଅଛନ୍ତି। ଗ୍ରୁପ୍-ଏ ରେ ବାଂଲାଦେଶ ଏ, ଶ୍ରୀଲଙ୍କା ଏ, ଆଫଗାନିସ୍ତାନ ଏ ଏବଂ ହଂକଂ ରହିଛନ୍ତି। ସୟଦ ମୁସ୍ତାକ ଅଲି ଟ୍ରଫିରେ ବିହାର ଦଳର ନେତୃତ୍ୱ ନେବା ସମୟରେ ବୈଭବ ସୂର୍ଯ୍ୟବଂଶୀ ଇତିହାସ ସୃଷ୍ଟି କରିଛନ୍ତି। ସୌରାଷ୍ଟ୍ର ବିପକ୍ଷରେ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ଖେଳିବା ସହ, ସେ ମାତ୍ର ୧୫ ବର୍ଷ ୨୩୨ ଦିନ ବୟସରେ ପୁରୁଷ ଟି-୨୦ କ୍ରିକେଟ୍ ଇତିହାସର ସବୁଠାରୁ କମ୍ ବୟସ୍କ ଅଧିନାୟକ ହୋଇପାରିଛନ୍ତି। ଏହା ପୂର୍ବରୁ, ଏହି ରେକର୍ଡ କ୍ରୋଏସିଆର ଜ୍ୟାକ୍ ଭୁକୁସିକଙ୍କୁ ନାମରେ ଥିଲା, ଯିଏ ୧୬ ବର୍ଷ ୩୧୧ ଦିନ ବୟସରେ ନିଜ ଜାତୀୟ ଦଳର ନେତୃତ୍ୱ ନେଇଥିଲେ। ହି ଇନିଂସରେ, ସେ ଅଭିଷେକ ଶର୍ମାଙ୍କ ସହ ମିଶି ମାତ୍ର ୭.୧ ଓଭରରେ ୧୩୩ ରନର ଓପନିଂ ଭାଗୀଦାରୀ ଗଢ଼ିଥିଲେ।



୧୮ ମାସ ପରେ ଫେରିଲେ ବ୍ୟାଡମିଣ୍ଟନ ତାରକା ପ୍ରମୋଦ ଭଗତ

ଭୁବନେଶ୍ୱର, ୧୬।୧୧(ସବ୍ୟୁ) : ଦୀର୍ଘ ୧୮ ମାସର ନିଲମ୍ବନ, ସଂଘର୍ଷ ଓ ସଫଳ ପ୍ରତ୍ୟାବର୍ତ୍ତନର ସୁନେଲି ଧାରା ପରେ ପୁଣି ଥରେ ଏସ୍ଏଲ୍-୩ ପୁରୁଷ ଏକକ ବର୍ଗ ବିଶ୍ୱମାନ୍ୟତାର ପ୍ରଥମ ସ୍ଥାନକୁ ଫେରିଛନ୍ତି ପାରା ବ୍ୟାଡମିଣ୍ଟନ୍ ତାରକା ପ୍ରମୋଦ ଭଗତ। ଏହି ସୁଖବର ସେ ନିଜେ ସାମାଜିକ ଗଣମାଧ୍ୟମ ପୋଷ୍ଟ କରିଛନ୍ତି। ଟୋକିଓ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ପ୍ରମୋଦଙ୍କ ଏହି ଐତିହାସିକ ପ୍ରତ୍ୟାବର୍ତ୍ତନ ପଛରେ ରହିଛି ଚଳିତବର୍ଷର ଲଗାତାର ଉଚ୍ଚକୋଟୀର ପ୍ରଦର୍ଶନ। ୨୦୨୫ ସେପ୍ଟେମ୍ବରରେ ନିଲମ୍ବନ ଅବଧି ଶେଷ ହେବା ପରେ କୋର୍ଟକୁ ଫେରିଥିଲେ ସେ। ଚଳିତ ବର୍ଷ ଫେବ୍ରୁଆରିରେ ବାହାରିନର ମାନାମାଠାରେ ଆୟୋଜିତ ବିଶ୍ୱ ପାରା ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାରେ ଷଷ୍ଠ ଥର ପାଇଁ ବିଶ୍ୱ ବିଜେତା ହୋଇଥିଲେ। ଏହା ସହ ଲଗାତାର ଚତୁର୍ଥ ବିଶ୍ୱ ଟାଇଟଲ୍ ଜିତିବାର ଗୌରବ ମଧ୍ୟ ହାସଲ କରିଥିଲେ। ସେହି ପ୍ରତିଯୋଗିତାରେ ସୁକାନ୍ତ କଦମଙ୍କୁ ସାଥୀ କରି ପୁରୁଷ ଯୁଗଳ ଏସ୍ଏଲ୍-୩/ଏସ୍ଏଲ୍-୪ ବର୍ଗରେ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲେ। ଏହା ପରେ ଅକ୍ଟୋବରରେ ଜାପାନର ଆଇଚି-ନାଗୋୟାଠାରେ ଏସୀୟ ପାରା କ୍ରୀଡ଼ାରେ ଏକକରେ ରୌପ୍ୟ ଏବଂ ମିଶ୍ରିତ ଯୁଗଳରେ କାଂସ୍ୟ ପଦକ ହାସଲ କରିଥିଲେ। ଚଳିତ ମାସରେ ସ୍ପେନ୍ରେ ପାରା ବ୍ୟାଡମିଣ୍ଟନ୍ ଇଣ୍ଟରନ୍ୟାସନାଲ୍ ଲେଭଲ୍-୧ରେ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି ରୌପ୍ୟ ପଦକ ଜିତି ବିଶ୍ୱ ମାନ୍ୟତାର ଶୀର୍ଷକୁ ଫେରିଥିଲେ। ଏଥିନେଇ ସେ କହିଛନ୍ତି, ଗତ ଦୁଇ ବର୍ଷର ଘଟଣାକ୍ରମ ପରେ ଏହି ସଫଳତା ମୋ ପାଇଁ ଅତ୍ୟନ୍ତ ଭାବପ୍ରବଣ ମୁହୂର୍ତ୍ତ। ଏହି ସଫଳତାର ଶ୍ରେୟ ସେ ନିଜ ପ୍ରଶିକ୍ଷକ, ପରିବାର ଓ କଠିନ ସମୟରେ ତାଙ୍କ ସହ ରହିଥିବା ସମସ୍ତ ଶୁଭେଚ୍ଛୁଙ୍କୁ ଦେଇଛନ୍ତି। ଏବେ ତାଙ୍କର ସମସ୍ତ ଧ୍ୟାନ ୨୦୨୮ ଲସ୍ ଆଞ୍ଜେଲସ୍ ପାରାଲିମ୍ପିକ୍ସ ପ୍ରସ୍ତୁତି ଉପରେ ରହିବ ବୋଲି କହିଛନ୍ତି।

ଜାତୀୟ ପାରା ସନ୍ତରଣ : ପଦକରେ ଓଡ଼ିଶାର ପ୍ରଥମ ଅର୍ଦ୍ଧଶତକ

ଭୁବନେଶ୍ୱର, ୧୬।୧୧(ସବ୍ୟୁ) : ଜାତୀୟ ପାରା ସନ୍ତରଣରେ ଓଡ଼ିଶା ନୂଆ ଇତିହାସ ରଚିଛି। ଭୋପାଳରେ ରବିବାର ଶେଷ ହୋଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ପ୍ରଥମ ଥର ୫୦ ପଦକ ଜିତି ନୂଆ ରେକର୍ଡ ଛୁଇଁଛି। ସେଥିମଧ୍ୟରେ ରହିଛି ୧୫ ସ୍ୱର୍ଣ୍ଣ, ୨୦ ରୌପ୍ୟ ଓ ୧୫ଟି କାଂସ୍ୟ ପଦକ। ମହିଳା ପାରା ସନ୍ତରଣକାରୀ ଲିନା ସ୍ୱାଇଁ ଏସ୍-୧୩ ବର୍ଗର ୫୦ ମିଟର ବ୍ୟାକ୍ଷଷ୍ଟ୍ରୋକ୍, ବ୍ରେକଷ୍ଟ୍ରୋକ୍ ଓ ଫ୍ରିଷ୍ଟାଇଲରେ ସ୍ୱର୍ଣ୍ଣ ପଦକ ଜିତି ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି। ପଦକ ବିଜେତାଙ୍କ ମଧ୍ୟରେ ରହିଛନ୍ତି କମଳାକାନ୍ତ ନାୟକ (୨ ସ୍ୱର୍ଣ୍ଣ, ୧ ରୌପ୍ୟ), ବଳରାମ ସ୍ୱାଇଁ (୨ ରୌପ୍ୟ, ୧ କାଂସ୍ୟ), ସୁଧୀର ମଲ୍ଲିକ (୧ ସ୍ୱର୍ଣ୍ଣ), ପ୍ରଦୀପ୍ତ କୁମାର ସ୍ୱାଇଁ (୧ ରୌପ୍ୟ, ୨ କାଂସ୍ୟ), ନରହରି ବେହେରା (୨ ସ୍ୱର୍ଣ୍ଣ), ଆକାଶ ବନଛୋର (୧ ସ୍ୱର୍ଣ୍ଣ, ୨ ରୌପ୍ୟ), ବିକାଶ ରଞ୍ଜନ ବରାଳ (୨ ରୌପ୍ୟ), ଚୈତନ୍ୟ ମାରାଣ୍ଡି (୨ କାଂସ୍ୟ), ରଞ୍ଜନ କୁମାର ହାଁସଦା (୩ ରୌପ୍ୟ), ମୋହନ ସାହୁ (୧ ସ୍ୱର୍ଣ୍ଣ, ୧ ରୌପ୍ୟ) ପଙ୍କଜ ପ୍ରଧାନ (୧ କାଂସ୍ୟ), ପୁରନ୍ଦର ରୋହିଦାସ (୧ କାଂସ୍ୟ), କାହ୍ନା ପାତ୍ର (୨ ସ୍ୱର୍ଣ୍ଣ, ୧ ରୌପ୍ୟ), ଶିବାନନ୍ଦ ବୈଦ୍ୟ (୨ କାଂସ୍ୟ), ପିପୁନ କୁମାର ସାହୁ (୧ ରୌପ୍ୟ), ପ୍ରଜାପତି ସିଙ୍ଗା (୧ ସ୍ୱର୍ଣ୍ଣ, ୨ ରୌପ୍ୟ), ଅନିତା ମୁଣ୍ଡା (୧ ସ୍ୱର୍ଣ୍ଣ, ୧ କାଂସ୍ୟ), କବିତା ଦଳାଇ (୧ ସ୍ୱର୍ଣ୍ଣ, ୨ ରୌପ୍ୟ), ପ୍ରଣାଳୀ ସ୍ୱାଇଁ (୧ କାଂସ୍ୟ), ରଶ୍ମିତା ପ୍ରଜ୍ଞା (୧ କାଂସ୍ୟ), ସଙ୍ଗୀତା ନାୟକ (୨ ରୌପ୍ୟ), ସୁଜାତା ସାମଲ (୨ କାଂସ୍ୟ), ଜାନକୀ ଓରାମ (୧ କାଂସ୍ୟ) ଓ ଲିନା ସ୍ୱାଇଁ (୩ ସ୍ୱର୍ଣ୍ଣ)।

କଣ୍ଟିଲୋ ପ୍ରିମିୟର ଲିଗ : ରୟାଲ କିଙ୍ଗ ଓ ଶତପଥି ଲାୟନସ ବିଜୟୀ

କଣ୍ଟିଲୋ,(ସବ୍ୟୁ): କଣ୍ଟିଲୋ ପଲଟନ ପଡିଆ ଠାରେ ଚାଲିଥିବା କଣ୍ଟିଲୋ ପ୍ରିମିୟର ଲିଗ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ରେ ଆଜି ରୟାଲ କିଙ୍ଗ ଓ ଶତପଥି ଲାୟନସ ବିଜୟୀ ହୋଇଛନ୍ତି । ୧୫ଓଭର ବିଶିଷ୍ଟ ପ୍ରଥମ କ୍ୱାଲିଫାୟାର ମ୍ୟାଚରେ ରୟାଲ କିଙ୍ଗ ଟସ ଜିତି ବ୍ୟାଟିଂ କରି ୭ଉଇକେଟ ହରାଇ ୧୪୧ ରନ ସଂଗ୍ରହ କରିଥିଲା । ଜବାବରେ ଏନପିଥୁଥ କ୍ଲବ ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୫ରନରେ ସୀମିତ ରହିଥିଲା ।ବିଜୟୀ ଦଳର ରାକେଶ କୁମାର ସାହୁ ମ୍ୟାନ ଅଫ ଦ ମ୍ୟାଚ ହୋଇଥିଲେ । ସେହିପରି ୧୨ ଓଭର ବିଶିଷ